READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA
# ଏକମାତ୍ର
ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524



ବର୍ଷ-୭ ସଂଖ୍ୟା-୯ ୧୩ - ୧୯ ମାର୍ଚ୍ଚ, ୨୦୨୩ ଭୁବନେଶ୍ୱର Monday Weekly VOL-7 ISSUE-9 13th - 19th MARCH, 2023 BHUBANESWAR ₹ 5/- (8 Pages)

### ନେତୃତ୍ୱ ସଙ୍କଟରେ ରାଜ୍ୟ କଂଗ୍ରେସ
## ସତର୍କ କରାଇଲେ ମୋକିମ୍



**ଭୁବନେଶ୍ୱର :** ସାଧାରଣ ନିର୍ବାଚନ ପୂର୍ବରୁ କଂଗ୍ରେସ ରାଜ୍ୟରେ ନିଜର ଅଣ୍ଟା ସଳଖିବା ପାଇଁ ଉଦ୍ୟମ କରୁଥିବାବେଳେ ଦଳର ବରିଷ୍ଠ ନେତା ତଥା ବାରବାଟୀ-କଟକ ବିଧାୟକ ମହମ୍ମଦ ମୋକିମ୍ କଂଗ୍ରେସର ରାଜ୍ୟ ନେତୃତ୍ୱଙ୍କୁ ସତର୍କ କରାଇଛନ୍ତି। ଜାନକୀ ବଲ୍ଲଭ ପଟ୍ଟନାୟକ, ବସନ୍ତ ବିଶ୍ୱାଳ ଓ ହେମାନନ୍ଦ ବିଶ୍ୱାଳଙ୍କ ଭଳି ନେତାଙ୍କ ପରେ ରାଜ୍ୟ କଂଗ୍ରେସ ଆଜିପର୍ଯ୍ୟନ୍ତ ସେମାନଙ୍କ ଭଳି ଲୋକପ୍ରିୟ ନେତାଙ୍କୁ ଆଗକୁ ଆଣିବାରେ ସକ୍ଷମ ହୋଇନଥିବା ତଥା ବର୍ତ୍ତମାନର ନେତୃତ୍ୱ ଏହି ସମସ୍ୟା ପ୍ରତି ସଚେତନ ରହିବେ ବୋଲି ମୋକିମ୍ ଆଶା ବ୍ୟକ୍ତ କରିଛନ୍ତି। ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ମୋକିମ୍ କହିଛନ୍ତି ଯେ, ସେ କଂଗ୍ରେସରେ ହିଁ ଅଛନ୍ତି। ରାଜ୍ୟରେ ଦଳକୁ ସୁଦୃଢ଼ ➤ ପୃ-୬

### ସାଧାରଣ ନିର୍ବାଚନ ପୂର୍ବରୁ ତୀବ୍ର ହେଉଛି ବିଜେଡି କନ୍ଦଳ
# ଚର୍ଚ୍ଚାରେ ୩ ସଂଗଠନ ମୁଖିଆ



**ଭୁବନେଶ୍ୱର :** ସାଧାରଣ ନିର୍ବାଚନ ପୂର୍ବରୁ ରାଜ୍ୟରେ ବଢୁଥିବା ରାଜନୀତିକ ଛକାପଞ୍ଝା ଓ ଉଷ୍ଣତା ଭିତରେ ଦଳୀୟ ଭୋଟ ବୃଦ୍ଧି ପାଇଁ ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଭିନ୍ନ ଜିଲ୍ଲାକୁ ମାରାଥନ୍ ସରକାରୀ ଗସ୍ତ ଜାରି ରଖିଛନ୍ତି। ଗତ ଜାନୁଆରୀରୁ ଚଳିତ ମାର୍ଚ୍ଚ ମାସ ମଧ୍ୟରେ ମୁଖ୍ୟମନ୍ତ୍ରୀ କେବଳ ପଶ୍ଚିମଓଡ଼ିଶାକୁ ୬ଥର ଗସ୍ତ କରିସାରିଥିବାବେଳେ ୧୦ତାରିଖରେ ପୁଣିଥରେ ସୁନ୍ଦରଗଡ଼ ଜିଲ୍ଲା ଗସ୍ତରେ ଆସିଥିଲେ। ବିଜେଡି ସୁପ୍ରିମୋଙ୍କ ଘନଘନ ଗସ୍ତ ସତ୍ତ୍ୱେ ପଶ୍ଚିମ ଓଡ଼ିଶାରେ ବିଜେଡି କନ୍ଦଳ ଦିନକୁ ଦିନ ବଢ଼ିବାରେ ଲାଗିଛି। ବିଜେଡିର ଆଭ୍ୟନ୍ତରୀଣ ଗୋଷ୍ଠୀ କନ୍ଦଳ କେବଳ ପଶ୍ଚିମ ଓଡ଼ିଶାରେ ନୁହେଁ ବରଂ ଦକ୍ଷିଣରୁ ଉତ୍ତର, ପଶ୍ଚିମରୁ ପୂର୍ବ ସବୁଆଡ଼େ ଜଳଜଳ ହୋଇ ଦିଶିଲାଣି। ନିର୍ବାଚନ ଯେତିକି ପାଖେଉଛି, ଦଳରେ ଗୋଷ୍ଠୀକନ୍ଦଳ ସେତେ ତୀବ୍ର ହେବାରେ ଲାଗିଛି। ଆଉ ଏସବୁ ଭିତରେ ଦଳର ଛାମୁଆ ସଂଗଠନ ଛାତ୍ର, ଯୁବ ଓ ମହିଳା ମୁଖିଆ ନିଷ୍ପ୍ରଭ ପାଲଟି ଯାଇଛନ୍ତି। ଏହି ଛାମୁଆ ସଂଗଠନଗୁଡ଼ିକର ମୁଖିଆମାନଙ୍କ ଅପାରଗତା ଓ ନିଷ୍କ୍ରିୟତା ଯୋଗୁ ଦଳକୁ ପ୍ରତ୍ୟେକ ସାଂଗଠନିକ କାର୍ଯ୍ୟ ପାଇଁ ବିଧାୟକମାନଙ୍କ ଉପରେ ନିର୍ଭରଶୀଳ ରହିବାକୁ ପଡୁଥିବା ଜଣାପଡ଼ିଛି। ଦଳର ଛାମୁଆ ସଂଗଠନ ଗୁଡ଼ିକ ବି ଜିଲ୍ଲା ସ୍ତରରେ ଦଳୀୟ ସଂଗଠନକୁ କ୍ରିୟାଶୀଳ କରିବା ଅବା ସାଧାରଣ ଲୋକଙ୍କ ଆସ୍ଥାଭାଜନ ହେବା ଭଳି କୌଣସି କାର୍ଯ୍ୟ କରିବାରେ ସକ୍ଷମ ହେଉନାହାନ୍ତି। ଯୁବ ବିଜେଡି ସଭାପତି ନିଜର ବିବାଦୀୟ କାର୍ଯ୍ୟ, ଆତ୍ମବଡ଼ିମା ଓ ଅହଂକାର ପାଇଁ ସଂଗଠନଠୁ ଦୂରେଇ ଯାଇଥିବାବେଳେ ଦଳ ମଧ୍ୟ ତାଙ୍କ ଆଚରଣରେ କ୍ଷୁବ୍ଧ। ଯୁବ ସଂଗଠନ ମୁଖିଆ ହେଲେ ବି ଗତ ୩ବର୍ଷ ମଧ୍ୟରେ ସଂଗଠନକୁ କ୍ରିୟାଶୀଳ କରାଇବାରେ ସକ୍ଷମ ନହୋଇ ଓଲଟା ସଂଗଠନ ପାଇଁ ବୋଝ ପାଲଟିଥିବା ଜଣାପଡିଛି। ସେହିପରି ଛାତ୍ର ବିଜେଡି ସଭାପତି ମଧ୍ୟ ଛାତ୍ର ଗୋଷ୍ଠୀକୁ କ୍ରିୟାଶୀଳ କରିବାକୁ ଆଖିଦୃଶିଆ କାର୍ଯ୍ୟକ୍ରମ ହାତକୁ ନେଇପାରିନାହାନ୍ତି। ଛାତ୍ରଙ୍କୁ ଏକଜୁଟ କରି ସୋସିଆଲ ମିଡିଆରେ ଦଳ ସପକ୍ଷରେ ଜନମତ ସୃଷ୍ଟି କରିବାରେ ବିଫଳ ହୋଇଛନ୍ତି। ସେହିପରି ମହିଳା ବିଜେଡି ସଭାନେତ୍ରୀ ଅଧିକାଂଶ ସମୟ ନିଜ ନିର୍ବାଚନମଣ୍ଡଳୀରେ ରହୁଥିବାରୁ ଦଳର ମହିଳା ସଂଗଠନ ନିଷ୍କ୍ରିୟ ହୋଇ ରହିଛି। ଯଦିଓ ଗତ ୧୫ଦିନ ମଧ୍ୟରେ ବିଜେଡି ରାଜଧାନୀରେ ମହିଳାଙ୍କୁ ନେଇ ୩ଟି ପ୍ରତିବାଦ ଓ ➤ ପୃ-୬

### ବିପର୍ଯ୍ୟୟ ପରିଚାଳନାରେ ଓଡ଼ିଶାକୁ ଜାତୀୟ ପୁରସ୍କାର



**ନୂଆଦିଲ୍ଲୀ :** ଓଡ଼ିଶାର ବିପର୍ଯ୍ୟୟ ପରିଚାଳନାକୁ ଖୁବ୍ ପ୍ରଶଂସା କଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ବାତ୍ୟାଠୁ ବନ୍ୟା ଭଳି ବିପର୍ଯ୍ୟୟ ସମୟରେ ଓଡ଼ିଶାର ପରିଚାଳନା ଖୁବ ଭଲ। ଏଥିପାଇଁ ଓଡିଶାକୁ ବିପର୍ଯ୍ୟୟ ପରିଚାଳନା ପୁରସ୍କାର ମିଳିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଲଗାତାର ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଓଡ଼ିଶା ଭଲ ପ୍ରଦର୍ଶନ କରିଛି ବୋଲି ପ୍ରଧାନମନ୍ତ୍ରୀ ➤ ପୃ-୬

### ଆପାର୍ଟମେଣ୍ଟ ମାଲିକାନା ପାଇଁ ଆସିବ ନୂଆ ଆଇନ
# ଏଣିକି ସୁବିଧାରେ କିଣି ହେବ



**ଭୁବନେଶ୍ୱର :** ଆପାର୍ଟମେଣ୍ଟ କିଣା ବିକାରେ ସ୍ୱଚ୍ଛତା ଆସିବ। ଆପାର୍ଟମେଣ୍ଟ କିଣୁଥିବା ଗ୍ରାହକମାନେ ଆଉ ଶୋଷଣର ଶିକାର ହେବେନି। ଘର କିଣିବା ପରେ ବିଲ୍ଡରମାନେ ଆଉ ଘର ମାଲିକଙ୍କୁ ଦହଗଞ୍ଜ କରି ପାରିବେ ନାହିଁ। କାରଣ ରାଜ୍ୟ ସରକାର ନୂଆ ଓଡ଼ିଶା ଆପାର୍ଟମେଣ୍ଟ ମାଲିକାନା ଓ ପରିଚାଳନା ନିୟମ ଆଣିବାକୁ ନିଷ୍ପତ୍ତି ନେଇଛନ୍ତି। ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବସିଥିବା ରାଜ୍ୟ କ୍ୟାବିନେଟ୍ ଏହି ନିଷ୍ପତ୍ତିକୁ ମୋହର ମାରିବା ପରେ ଘର କିଣିବିକା ଓ ଗ୍ରାହକକୈନ୍ଦ୍ରୀକ ନିୟମ ଆଣିବାରେ ଓଡ଼ିଶା ଦେଶରେ ମଡେଲ୍ ସାଜିବାକୁ ଯାଉଛି। ନୂତନ ନିୟମରେ ଆପାର୍ଟମେଣ୍ଟ କ୍ରେତାଙ୍କ ସ୍ୱାର୍ଥ ପ୍ରତି ଯଥେଷ୍ଟ ଗୁରୁତ୍ୱ ଦିଆଯାଇଛି। 'ରିୟଲି ଇଷ୍ଟେଟ୍ ରେଗୁଲେଟାରୀ ଅଥରିଟି' (ରେରା) ଆକ୍ଟ ୨୦୧୭ରେ ଆସିଥିଲା। ଏହାପରେ ରାଜସ୍ଥାନ ଓ ପଞ୍ଜାବ ସେମାନଙ୍କ ରାଜ୍ୟରେ ଥିବା ଆପାର୍ଟମେଣ୍ଟ କିଣା ବିକା ନିୟମରେ ଆଂଶିକ ପରିବର୍ତ୍ତନ ଆଣିଥିଲେ। ମାତ୍ର ଏଥିରେ ସେମାନେ ରେରାର ସମସ୍ତ ଦିଗ ଉପରେ ଦୃଷ୍ଟି ଦେଇ ପାରି ନାହାନ୍ତି। ହେଲେ ରାଜ୍ୟ ସରକାର ଏକ ନୂଆ ନିୟମ ଆଣିଥିବାରୁ ଏଥିରେ ରେରା ଆକ୍ଟର ଅଧିକାଂଶ ଦିଗ ପ୍ରତି ଗୁରୁତ୍ୱ ଦିଆଯାଇଛି। ଯାହାଦ୍ୱାରା ଆଗକୁ ଅଧିକାଂଶ ଲାଭ ଗ୍ରାହକଙ୍କ ସପକ୍ଷରେ ଜିବ ବୋଲି ଜଣାପଡ଼ିଛି। ପୂର୍ବରୁ କୌଣସି ଆପାର୍ଟମେଣ୍ଟର ଥିବା କମନ୍ ଏରିଆ ଯଥା- ପାର୍କିଂ,ସୁଇମିଂ ପୁଲ, ପାର୍କ, କମ୍ୟୁନିଟି ହଲର ମାଲିକାନା ସମ୍ପୃକ୍ତ ବିଲ୍ଡରଙ୍କ ହାତରେ ରହୁଥିଲା। ଏହାକୁ ବ୍ୟବହାର ପାଇଁ ଗୃହ କ୍ରେତାମାନଙ୍କୁ ଲକ୍ଷାଧିକ ଟଙ୍କା ଦେବାକୁ ପଡୁଥିଲା। ମାତ୍ର ନୂଆ ନିୟମରେ ଏହି ସମସ୍ତ ସମ୍ପତ୍ତିର ମାଲିକା ସମ୍ପୃକ୍ତ ଆପାର୍ଟମେଣ୍ଟର ଆବାସିକ ସଂଘ ହାତରେ ରହିବ। ➤ ପୃ-୬

### ବିଜୟ ମହାପାତ୍ରଙ୍କ ସାଙ୍ଘାତିକ ଅଭିଯୋଗ
# ନବ ଦାସ ହତ୍ୟାକାଣ୍ଡ ପଛରେ ଦୁଇ ଅଣ ଓଡ଼ିଆ ଅଫିସର



**ଭୁବନେଶ୍ୱର :** 'ନବ ଦାସ ହତ୍ୟାକାଣ୍ଡର ମୁଖ୍ୟ ନାୟକ ହେଉଛନ୍ତି ୨ ଅଣ ଓଡ଼ିଆ ଅଫିସର। ସେମାନଙ୍କ ମଧ୍ୟରୁ ଜଣେ ଆଇଏଏସ୍ ଓ ଜଣେ ଆଇପିଏସ୍ ଅଫିସର। ସେମାନେ ଏହି ଘଟଣାର ପ୍ରକୃତ ତଦନ୍ତ ଚାହୁଁ ନାହାନ୍ତି। ପରଦା ପଛରେ ଓ ବାହାରେ ସେମାନେ ହିଁ ଘଟଣାକୁ ନିଜ ନିୟନ୍ତ୍ରଣରେ ରଖିଛନ୍ତି। ସେମାନଙ୍କୁ ସୁରକ୍ଷା ଦେବା ପାଇଁ ମାମଲାରେ ୧୨୦ (ବି) ଦଫା ଲଗାଯାଇ ନାହିଁ। ଏହି ଦଫା ଲାଗିନି ବୋଲି ଷଡ଼ଯନ୍ତ୍ର ଦିଗ ଉପରେ ତଦନ୍ତ ହେଉନାହିଁ। ଏହା ଓଡ଼ିଶାରେ ଏକ ଭୟଙ୍କର ଅଧ୍ୟାୟ ସୃଷ୍ଟି କରିବ।' ନବ ଦାସ ହତ୍ୟାକାଣ୍ଡ ନେଇ ଏଭଳି ସାଙ୍ଘାତିକ ଅଭିଯୋଗ କରିଛନ୍ତି ବିଜେପି ନେତା ବିଜୟ ମହାପାତ୍ର। ନବ ଦାସ ହତ୍ୟାକାଣ୍ଡର ୪୦ ଦିନ ପରେ ବି ଏହି ଘଟଣାର ତଦନ୍ତ ଆଗକୁ ବଢୁ ନ ଥିବା ବେଳେ ପୁଣି ଥରେ ରାଜ୍ୟ ସରକାର ତଥା କ୍ରାଇମବ୍ରାଞ୍ଚ ଉପରେ ଗର୍ଜିଛନ୍ତି ବରିଷ୍ଠ ବିଜେପି ନେତା ବିଜୟ ମହାପାତ୍ର। ଏକ ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି, ନବ ଦାସ ହତ୍ୟାକାଣ୍ଡ ୪୦ ଦିନରେ ପହଞ୍ଚିଲାଣି। ହେଲେ ମୃତ୍ୟୁ ପଛର ରହସ୍ୟ କ'ଣ ସେ ନେଇ କ୍ରାଇମବ୍ରାଞ୍ଚ ପାଖରେ କିଛି ବି ସୁରାଗ ନାହିଁ। ଏହା ଏକ ହାଇ ପ୍ରୋଫାଇଲ ହତ୍ୟାକାଣ୍ଡ ହୋଇଥିବା ବେଳେ ଏହାକୁ ମାମୁଲି ଭାବେ ନିଆଯାଉଛି। କ୍ରାଇମବ୍ରାଞ୍ଚ ଓ ରାଜ୍ୟ ସରକାର ଏହାକୁ ଗୁରୁତର ସହ ନେବାକୁ ଚାହୁଁ ନାହାନ୍ତି। ଏହାର ତଦନ୍ତକୁ ଜଲଦି ଶେଷ ପର୍ଯ୍ୟାୟରେ ପହଞ୍ଚାଇବାକୁ ଷଡ଼ଯନ୍ତ୍ର ଚାଲିଛି। ଏହି ଘଟଣାର ତଦନ୍ତ ଭାର ଏଫ୍‌ବିଆଇକୁ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ଗୃହରେ ବିବୃତି ରଖିଥିଲେ। ଇତି ମଧ୍ୟରେ ୧୫ ଦିନ ବିତି ଗଲାଣି। ଏଫ୍‌ବିଆଇ ତଦନ୍ତର ଅଗ୍ରଗତି କେତେ ବାଟ ହେଲା ସେ ନେଇ ଆଉ କିଛି ବିବୃତି ଦିଆଯାଉନି। ରାଜ୍ୟରେ ବହୁ ଦକ୍ଷ ଓ ➤ ପୃ-୬

### ବକ୍ରବାଣୀ



ଦଉଡ଼ି ଆସରେ ଭୋଟର ଭାଇ
ଷ୍ଟେସନ ଆଗରେ ଦେଖିବ ମଜା
ବିୟୁଟିଫୁଲ ବୁଢାକୁ ଧରିକି
ନାଟୁଚିରେ ନାନୀ ବଜେଇ ବାଜା
ଶେଷ ଥର କହି ଭୋଟ ମାଗିକି
ବୁଢ଼ା ଏବେ ଖାଲି ଖେଳ କରୁଚି
ଜୋକର ବନିକି ସକାଳୁ ସଞ୍ଜ
ବାଇଆ ଭଳିଆ ବ୍ୟାଟି ଦଉଚି
ପଣ୍ଡା ମହାରଣା ଖେଳ ସଇଲା
ରାନୀ ଦରଶନ ବାକି ରଇଲା।

——— ଟୁଟୁ

### ଗିନିଜ ବୁକ୍ ଅଫ୍ ରେକର୍ଡ୍ସରେ ବିର୍ସା ମୁଣ୍ଡା ହକି ଷ୍ଟାଡିୟମ
# ପ୍ରମାଣପତ୍ର ଗ୍ରହଣ କଲେ ମୁଖ୍ୟମନ୍ତ୍ରୀ



**ରାଉରକେଲା :** ଗିନିଜ ବୁକ୍‌ରେ ସ୍ଥାନ ପାଇଛି ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମ। ରାଉରକେଲାରେ ନିର୍ମିତ ଏହି ହକି ଷ୍ଟାଡିୟମରେ ସର୍ବାଧିକ ୨୧ ହଜାର ଦର୍ଶକ ବସିବାର କ୍ଷମତା ଥିବାରୁ ବିର୍ସା ମୁଣ୍ଡା ଷ୍ଟାଡିୟମ ଗିନିଜ ବୁକ ଅଫ ରେକର୍ଡ୍ସରେ ମିଳିଛି। ତେବେ ଗତ ଜାନୁଆରୀ ମାସରେ ଏନେଇ ଘୋଷଣା କରାଯାଇଥିବା ବେଳେ ଅନ୍ତର୍ଜାତୀୟ ହକି ମହାସଂଘ (ଏଫ୍‌ଆଇଏଚ୍) ପ୍ରୋ ଲିଗ୍‌ରେ ଚାଲିଥିବା ସମୟରେ ଗିନିଜ ବୁକ୍ କର୍ତ୍ତୃପକ୍ଷ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଏହି ପ୍ରମାଣପତ୍ର ପ୍ରଦାନ କରିଛନ୍ତି। ଗିନିଜ ବୁକ୍ ଅଫ୍ ରେକର୍ଡ୍ସ ପ୍ରମାଣପତ୍ର ମିଳିବା ପରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଗିନିଜ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡ ଦ୍ୱାରା ଏହି ସ୍ୱୀକୃତି ହେଉଛି ଏକ ପ୍ରମାଣ ଯେ ଆମ ରାଜ୍ୟ ଓଡ଼ିଶା ବହୁ ଦୂର ଯାଇଛି ଏବଂ ଆନ୍ତର୍ଜାତୀୟ କ୍ରୀଡ଼ା ମାନଚିତ୍ରରେ ଏକ ଚିହ୍ନ ସୃଷ୍ଟି କରିଛି। ଏହା ଆମ ସମସ୍ତଙ୍କ ପାଇଁ ଅତ୍ୟନ୍ତ ଗର୍ବର ବିଷୟ ଏବଂ ଏହି ପ୍ରକଳ୍ପରେ ଅଂଶଗ୍ରହଣ କରିଥିବା ସମସ୍ତଙ୍କୁ ମୁଁ ସୁନ୍ଦରଗଡବାସୀ ତଥା ହକି ପ୍ରଶଂସକଙ୍କୁ କ୍ରୀଡା ପ୍ରତି ସମର୍ଥନ ପାଇଁ ଧନ୍ୟବାଦ ଜଣାଉଛି। ମୁଁ ଏହି ସ୍ୱୀକୃତିକୁ ଓଡିଶାବାସୀଙ୍କୁ ଉତ୍ସର୍ଗ କରୁଛି। ସୂଚନାଯୋଗ୍ୟ ବିର୍ସାମୁଣ୍ଡା ଷ୍ଟାଡିୟମ ହକି ବିଶ୍ୱକପ ➤ ପୃ-୬

# ବାଘ ଟ୍ରାକିଂ କ୍ୟାମେରା ଗାଏବ



**କେନ୍ଦୁଝର :** ମହାବଳ ବାଘଙ୍କ ଉପସ୍ଥିତି ଓ ଗତିବିଧି ଜାଣିବା ପାଇଁ ଜଙ୍ଗଲରେ ଲାଗିଥିଲା ଟ୍ରାପ୍ କ୍ୟାମେରା। ହେଲେ ସେହି ଟ୍ରାପ୍ କ୍ୟାମେରା ଚୋରି ହୋଇଯାଇଛି। ଏପରି ଅଭିଯୋଗ କେନ୍ଦୁଝର ବନାଞ୍ଚଳରୁ ଆସିଛି। ଏ ନେଇ ବନ ବିଭାଗ ପକ୍ଷରୁ ଘଟଗାଁ ଥାନାରେ ଲିଖିତ ଅଭିଯୋଗ ହୋଇଛି। ମୟୂରଭଞ୍ଜର ଶିମିଳିପାଳ ଅଭୟାରଣ୍ୟ ଓ ଅନୁଗୋଳର ସାତକୋଶିଆ ଅଭୟାରଣ୍ୟ ମଧ୍ୟରେ ଗୋଟିଏ ମାହାବଳ ବାଘ ଚଳପ୍ରଚଳ କରୁଛି। ମହାବଳ ବାଘଟି କେନ୍ଦୁଝର ଜିଲ୍ଲାର ଆନନ୍ଦପୁର, ପାଟଣା ରେଞ୍ଜର ଅଟେଇ, ରେବଣା ପଳାଶପାଳ ସଂରକ୍ଷିତ ଜଙ୍ଗଲ ଦେଇ ଯିବା ଆସିବା କରୁଛି। କିଛିଦିନ ତଳେ ମହାବଳଟି ଗୋଟିଏ ବାର୍ହା ଓ ମଇଁଷିକୁ ଶିକାର କରିଥିଲା। ଜଙ୍ଗଲ ପାର୍ଶ୍ୱବର୍ତ୍ତୀ ଗାଁ ଲୋକଙ୍କଠାରୁ ଖବର ପାଇ ବନ ବିଭାଗ ଅଟେଇ ସଂରକ୍ଷିତ ଜଙ୍ଗଲକୁ ଯାଇଥିଲା। ପାରିପାର୍ଶ୍ୱିକ ସ୍ଥିତି ଓ ପାଦ ଚିହ୍ନକୁ ମାପିବା ପରେ ମହାବଳ ବାଘ ବୋଲି ସ୍ପଷ୍ଟ କରିଥିଲା ବନ ବିଭାଗ। ମହାବଳ ବାଘର ଗତିବିଧି ଜାଣିବା ପରେ ଘଟଗାଁ ଓ ପାଟଣା ରେଞ୍ଜର ବିଭିନ୍ନ ସ୍ଥାନରେ ୪୫ଟି ଟ୍ରାପ୍ କ୍ୟାମେରା ଲଗାଇଥିଲା ବନ ବିଭାଗ। ହେଲେ ସେଥି ମଧ୍ୟରୁ ଅଟେଇ ସଂରକ୍ଷିତ ଜଙ୍ଗଲରୁ ୨ଟି ଟ୍ରାପ୍ କ୍ୟାମେରା ଚୋରି ହୋଇଯାଇଛି। ମାମଲାର ତଦନ୍ତ ପାଇଁ ବନ ବିଭାଗ ଏକ ଟିମ୍ ଗଠନ କରିଛି। ଯେଉଁଥିରେ ଦୁଇ ଜଣ ଏସିଏଫଓଙ୍କ ସହ ଜଣେ ଫରେଷ୍ଟର ଓ ୫ ଜଣ ଗାର୍ଡ ରହିଛନ୍ତି। ଏଥିସହ ସେହି ଅଞ୍ଚଳରେ ଥିବା ତିନୋଟି ଫରେଷ୍ଟ ରାସ୍ତାକୁ ସିଲ୍ ➤ ପୃ-୬




# ପଞ୍ଚାୟତ ସମିତି, କୋଲନରା

## କୋଲନରା ବ୍ଲକ ଜନସାଧାରଣଙ୍କୁ ଅନୁରୋଧ
## ନିଜ ପାଇଁ ତଥା ପରିବେଶ ପାଇଁ ସଚେତନ ବାର୍ତ୍ତା

୧- ପ୍ରଦୂଷଣ ବୃଦ୍ଧି କରିବା ନାହିଁ, ଖୋଲା ସ୍ଥାନରେ ଅଳିଆ ପକାଇବା ନାହିଁ, ପରିବେଶକୁ ପରିଷ୍କାର ଓ ପରିଚ୍ଛନତା ରଖିବା।
୨- ଗ୍ରୀଷ୍ମ ପ୍ରବାହ ଓ ଅଂଶୁଘାତ ପାଇଁ ମଧ୍ୟାହ୍ନ ସମୟରେ ବିଶେଷ କିଛି କାମ ନଥିଲେ ବାହାରକୁ ବାହାରନ୍ତୁ ନାହିଁ। ବାହାରେ ବୁଲିବା ସମୟରେ ପାଣି ବୋତଲ, ଛତା, ଚପଲ, ଟୋପି ତଥା ଓଦା କପଡା ଇତ୍ୟାଦି ମୁଣ୍ଡରେ ପକାଇ ଯାତାୟତ କରିବେ। ବିଶେଷ କରି ଦିନ ୧୧ ଘଣ୍ଟାରୁ ଅପରାହ୍ନ ୩ ଘଟିକା ପର୍ଯ୍ୟନ୍ତ ବାହାରକୁ ବାହାରନ୍ତୁ ନାହିଁ।

**ପ୍ରଦୂଷଣ ବୃଦ୍ଧି କରିବା ନାହିଁ**
**ଖୋଲା ସ୍ଥାନରେ ଅଳିଆ ପକାଇବା ନାହିଁ**

ଗୌର ଚନ୍ଦ୍ର ପଟ୍ଟନାୟକ
ଓଡିଶା ପ୍ରଶାସନିକ ସେବା
ଗୋଷ୍ଠି ଉନୟନ ଅଧିକାରୀ
ପଞ୍ଚାୟତ ସମିତି କୋଲନରା, ରାୟଗଡା

ସଂଯୁକ୍ତା କୁଲେସିକା
ଅଧ୍ୟକ୍ଷା
ପଞ୍ଚାୟତ ସମିତି କୋଲନରା, ରାୟଗଡା

## କେମିତି କଟିବ ଏ ସପ୍ତାହ

**ମେଷ**
ଆୟ ପ୍ରଭାବିତ ହେବ। ନିଜ ଲୋକ ଧୋକା ଦେଇପାରନ୍ତି। ଦାନ୍ତରେ ପୀଡା ଓ ଅଣ୍ଟାରେ ପୀଡା ହୋଇପାରେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ବିଦେଶ ଭ୍ରମଣ ଯୋଗ ଅଛି। ପ୍ରତିକାର : ବରଗଛ ମୂଳରେ ଘିଅ ଦୀପ ଓ ରାଶି ତେଲ ଦୀପ ଜାଳନ୍ତୁ।

**ବୃଷ**
କାନରେ ସମସ୍ୟା ହୋଇପାରେ। ଲକ୍ଷ୍ୟ ପୂର୍ଣ୍ଣ ହେବ। ସନ୍ତାନ ସୁଖ ପାଇବେ। କାର୍ଯ୍ୟ କ୍ଷେତ୍ରରେ ପ୍ରତିବନ୍ଧକ ଦେଖା ଦେବ। ଧୈର୍ଯ୍ୟ ରଖନ୍ତୁ ଓ ବାଣୀରେ ଲଗାମ ଦିଅନ୍ତୁ। ପ୍ରତିକାର : ଗାଈକୁ ସବୁଜ ଚାରା ଖୁଆନ୍ତୁ।

**ମିଥୁନ**
ମନ ଓ ଶରୀର ଅବସ ରହିବ। କଠିନ ପରିଶ୍ରମ ଯୋଗୁ ଆୟରେ ବୃଦ୍ଧି ହେବ। ଅନାବଶ୍ୟକ ଖର୍ଚ୍ଚ ହେବ। ଝଗଡା ହୋଇପାରେ। ପ୍ରେମୀଙ୍କ ଠାରୁ ସହଯୋଗ ପାଇବେ। ପ୍ରତିକାର : ଓଁ ନମଃ ଶିବାୟ ଜପ କରନ୍ତୁ।

**କର୍କଟ**
ଆୟରେ ବୃଦ୍ଧି ହେବ। କାର୍ଯ୍ୟ କ୍ଷେତ୍ରରେ କାମ ବୋଝ ବଢ଼ିବ। ଦୂରଯାତ୍ରା କରିପାରନ୍ତି। ବେକ ଓ କାନରେ କଷ୍ଟ ହୋଇପାରେ। ଦୁର୍ଘଟଣା ଘଟିପାରେ। ପ୍ରତିକାର : ବିଷ୍ଣୁ ସହସ୍ର ନାମ ପାଠ କରନ୍ତୁ।

**ସିଂହ**
ଚର୍ମ ରୋଗ ହୋଇପାରେ। ସମସ୍ତ କାର୍ଯ୍ୟରେ ପ୍ରତିବନ୍ଧକ ଦେଖାଦେବ। ପ୍ରେମୀଙ୍କ ବ୍ୟବହାର ପାଇଁ ଦୁଃଖିତ ହୋଇପାରନ୍ତି। କାର୍ଯ୍ୟକ୍ଷେତ୍ରରେ ବୋଝ ବଢ଼ିବ। ପ୍ରତିକାର : ବଜରଙ୍ଗ ବାଣ ପାଠ କରନ୍ତୁ।

**କନ୍ୟା**
କାର୍ଯ୍ୟରେ ସଫଳତା ପାଇବେ। ଆର୍ଯ୍ୟରେ ବୃଦ୍ଧି ହୋଇପାରେ। ଅନାବଶ୍ୟକ ଖର୍ଚ୍ଚ ହେବ। ଜର ଓ ଥଣ୍ଡା ହୋଇପାରେ। ଦମ୍ପତ୍ତିଙ୍କ ସମ୍ପର୍କ ବଢ଼ିବ। ପ୍ରତିକାର : ଭଗବାନ ଗଣେଷଙ୍କୁ ଅର୍ଚ୍ଚନା କରନ୍ତୁ।

**ତୁଳା**
ସପ୍ତାହର ପ୍ରଥମ ଚରଣ ସଫଳତା ମିଳିବ। ମନ ପ୍ରଫୁଲ ରହିବ। ଧନପ୍ରାପ୍ତି ଯୋଗ ଅଛି। ବିବାଦରୁ ଦୂରେଇ ରହନ୍ତୁ। ପାଦ ଓ ଅଣ୍ଟାରେ କଷ୍ଟ ହୋଇପାରେ। ପ୍ରତିକାର : ସୂର୍ଯ୍ୟଙ୍କୁ ଜଳ ଅର୍ପଣ କରନ୍ତୁ।

**ବିଛା**
କାର୍ଯ୍ୟ ଗୁଡିକ ଠିକ୍ ସମୟରେ ପୁରା ହେବ। ବାହାନ ଧାନରେ ଚଳାନ୍ତୁ। ଶତ୍ରୁ ପରାସ୍ତ ହେବେ। ସମ୍ମାନ ବଢ଼ିବ। ଥଣ୍ଡା, ଜ୍ୱର ହୋଇପାରେ। ପ୍ରତିକାର : ହନୁମାନ ଚାଳିଶା ପାଠ କରନ୍ତୁ।

**ଧନୁ**
ପରିବାର ସହଯୋଗ ବଢ଼ିବ। ନୂଆ ବ୍ୟବସାୟ ହେବ। ଅଟକି ରହିଥିବା ଧନ ମିଳିପାରେ। ସ୍ଥାନରେ ପରିବର୍ତ୍ତନ ହୋଇପାରେ। ଦୁର୍ଘଟଣା ହୋଇପାରେ। ପ୍ରତିକାର : ବିଷ୍ଣୁ ମନ୍ଦିରରେ ଚଣା ଦାନ କରନ୍ତୁ।

**ମକର**
ପାରିବାରିକ ସୁଖ ପାଇବେ। ଭବିଷ୍ୟତ ପାଇଁ ଚିନ୍ତିତ ହେବେ। ନୂଆ କାର୍ଯ୍ୟରେ ମନଦେବେ। ପଦୋନ୍ନତି ହୋଇପାରେ। ପ୍ରେମୀଙ୍କ ସହ ସଠିକ୍ ବ୍ୟବହାର କରନ୍ତୁ। ପ୍ରତିକାର : ଶିବ ଲିଙ୍ଗରେ ବେଲପତ୍ର ଚଢ଼ାନ୍ତୁ।

**କୁମ୍ଭ**
ଅଯଥା କଥାରେ ଝଗଡା ହୋଇପାରେ। ବିରୋଧୀ ସକ୍ରିୟ ହେବେ। ଜ୍ୱରରେ ପୀଡିତ ହୋଇପାରନ୍ତି। ଗାଡି ସତର୍କରେ ଚଳାନ୍ତୁ। ବିବାହ ହୋଇପାରେ। ଗୃହରେ ଶାନ୍ତି ବଜାୟ ରହିବ। ପ୍ରତିକାର : ହନୁମାନ ଚାଳିଶା ପଢ଼ନ୍ତୁ।

**ମୀନ**
ସନ୍ତାନ ସୁଖ ମିଳିବ। ବିବାଦରୁ ଦୂରେଇ ରହନ୍ତୁ। କାର୍ଯ୍ୟରେ ପ୍ରତିବନ୍ଧକ ଦେଖାଦେବ। ବାଣୀରେ ଲଗାମ ଦିଅନ୍ତୁ। ମନ ଅସ୍ଥିର ରହିବ। ବିଦେଶ ଭ୍ରମଣ ଯୋଗ ଅଛି। ଗୃହରେ ଶାନ୍ତି ବଜାୟ ରହିବ। ପ୍ରତିକାର : ଗାୟତ୍ରୀ ମନ୍ତ୍ରୀ ପାଠ କରନ୍ତୁ।

**ଅନ୍ନପୂର୍ଣ୍ଣା ଖୁଣ୍ଟିଆ**
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

### ସ୍ମରଣୀୟ ଭାରତ ଗସ୍ତକୁ ନେଇ ସାମାଜିକ ଗଣମାଧ୍ୟମରେ ଅନୁଭୂତି ବାଣ୍ଟିଲେ ବିଲ ଗେଟ୍ସ

# ‘ବିଶ୍ୱର ବଡ଼ ବଡ଼ ସମସ୍ୟା ସମାଧାନ କରିବାର କ୍ଷମତା ଭାରତରେ ରହିଛି’

**ନୂଆଦିଲ୍ଲୀ, (ପିଆଇବି):** ମାଇକ୍ରୋସଫ୍ଟର ପ୍ରତିଷ୍ଠାତା ତଥା ବିଶ୍ୱର ଖ୍ୟାତନାମା ସମାଜସେବୀ ବିଲ ଗେଟ୍ସ ତାଙ୍କର ସ୍ମରଣୀୟ ଭାରତ ଗସ୍ତକୁ ନେଇ ସାମାଜିକ ଗଣମାଧ୍ୟମରେ ନିଜ ଅନୁଭୂତି ବାଣ୍ଟିଛନ୍ତି। ଏଥିରେ ସେ କହିଛନ୍ତି ଯେ ପୁଣିଥରେ ସେ ନିଶ୍ଚୟ ଭାରତ ଆସିବାକୁ ଚାହିଁବେ। କାରଣ ଏଠାରେ ପ୍ରତ୍ୟେକ ଥର ତାଙ୍କୁ ଚମତ୍କାର ଅନୁଭୂତି ମିଳିବା ସହିତ ଅନେକ କିଛି ଶିଖିବାର ସୁଯୋଗ ମିଳୁଛି। ଭାରତ ଆସିଥିବା ସମୟରେ ଶ୍ରୀ ଗେଟ୍ସ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ସେହିସବୁ କାର୍ଯ୍ୟକ୍ରମର ଫଟୋ ସେ ସାମାଜିକ ଗଣମାଧ୍ୟମରେ ଶେୟାର କରିବା ସହିତ ନିଜର ଅନୁଭୂତି ଲେଖିଛନ୍ତି। ବିଶେଷ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଭେଟିବା ତାଙ୍କ ପାଇଁ ସମ୍ମାନର ବିଷୟ ଥିଲା ବୋଲି ବିଲ ଗେଟ୍ସ କହିଛନ୍ତି। ସେ କହିଛନ୍ତି ଯେ, ଭାରତ ସ୍ୱାସ୍ଥ୍ୟ, ଆର୍ଥିକ ଅନ୍ତର୍ଭୂକ୍ତିକରଣ, ମହିଳାଙ୍କ ଆର୍ଥିକ ସଶକ୍ତିକରଣ ଏବଂ ଡିଜିଟାଲକରଣ କ୍ଷେତ୍ରରେ ପ୍ରଗତିର ନେତୃତ୍ୱ ନେଉଛି । ମୁମ୍ବାଇରେ ଯକ୍ଷ୍ମା



ରୋଗୀଙ୍କ ପାଇଁ ପ୍ରାଥମିକ ଚିକିତ୍ସା କେନ୍ଦ୍ର ଭାବେ ବ୍ୟବହୃତ ଏକ ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିବାକୁ ନେଇ ଶ୍ରୀ ଗେଟ୍ସ ଖୁସି ବ୍ୟକ୍ତ କରିଛନ୍ତି। ସେ କହିଛନ୍ତି, ବିଶ୍ୱର ସବୁଠୁ ଅଧିକ ସଂଖ୍ୟକ ଯକ୍ଷ୍ମା ରୋଗୀ ଭାରତରେ ଅଛନ୍ତି । ତେଣୁ ସେମାନଙ୍କ ପାଇଁ ଏଭଳି ଚିକିତ୍ସା ବ୍ୟବସ୍ଥା ଅତି ଗୁରୁତ୍ୱପୂର୍ଣ୍ଣ । ଭାରତରୁ ଯକ୍ଷ୍ମା ଉନ୍ମୁଳନ ପାଇଁ ଅଭିନେତ୍ରୀ ଅୟିଯୋ ଶ୍ରଦ୍ଧାଙ୍କ ସହିତ ହୋଇଥିବା ଫଳପ୍ରଦ ଆଲୋଚନା ବିଷୟରେ ମଧ୍ୟ ବିଲ ଗେଟ୍ସ ଉଲ୍ଲେଖ କରିଛନ୍ତି। ମୁମ୍ବାଇ ସହର ଏକ ନୂଆ ଆଭିମୁଖ୍ୟ ନେଇ ଯକ୍ଷ୍ମା ଦୂରୀକରଣ ପ୍ରୟାସରେ ଅଗ୍ରଣୀ ରହିଛି ବୋଲି ସେ କହିଛନ୍ତି । ସେହିପରି କିଶୋର ସେତୁ ପ୍ରେମୀ ଅଂଶୁଲ ଭଟ୍ଟଙ୍କ ସହିତ ହୋଇଥିବା ଆଲୋଚନାକୁ ନେଇ ମଧ୍ୟ ଶ୍ରୀ ଗେଟ୍ସ ଖୁସି ବ୍ୟକ୍ତ କରିଛନ୍ତି। ଦିଲ୍ଲୀ ଗସ୍ତ ଅବସରରେ ଶ୍ରୀ ଗେଟ୍ସ ପ୍ରଥମେ ଭାରତୀୟ କୃଷି ଗବେଷଣା ପ୍ରତିଷ୍ଠାନକୁ ଯାଇଥିଲେ। ମରୁଡ଼ି, ବନ୍ୟା ଏବଂ ଅନ୍ୟ ପ୍ରାକୃତିକ ବିପର୍ଯ୍ୟୟ ସହନଶୀଳ ଫସଲ ବିକାଶ ସମ୍ପର୍କରେ ଜାଣି ସେ ଆନନ୍ଦିତ ହୋଇଥିଲେ । ଏହି ଅବସରରେ ସେ କେନ୍ଦ୍ର ମହିଳା ଓ ଶିଶୁ କଲ୍ୟାଣ ମନ୍ତ୍ରୀ ଶ୍ରୀମତୀ ସ୍ମୃତି ଇରାନୀଙ୍କୁ ଭେଟିଥିଲେ ଏବଂ ଶିଶୁମାନଙ୍କର ଅନ୍ନପ୍ରାସନ ସମାରୋହରେ ସାମିଲ ହୋଇଥିଲେ। ମା’ କ୍ଷୀର ପରେ ନବଜାତ ଶିଶୁକୁ ଅନ୍ୟ ଖାଦ୍ୟ ଖୁଆଇବାର ଏହି ହିନ୍ଦୁ ପରମ୍ପରା ବାସ୍ତବରେ ପ୍ରେରଣାଦାୟୀ ବୋଲି ବିଲ ଗେଟ୍ସ କହିଛନ୍ତି । ଦିଲ୍ଲୀରେ ଧୂଆଁ ଓ ଶବ୍ଦ ପ୍ରଦୂଷଣମୁକ୍ତ ଇଲେକ୍ଟ୍ରିକ ଅଟୋ ରିକ୍ସା ଚଳାଇବାର ନିଜର ଅନୁଭୂତି ସମ୍ପର୍କରେ ଶ୍ରୀ ଗେଟ୍ସ ସାମାଜିକ ଗଣମାଧ୍ୟମରେ କହିଛନ୍ତି। ଅଙ୍ଗାରକାମ୍ଳ ମୁକ୍ତ ଏହି ବାହନ ବେଶ ପରିବେଶ ଉପଯୋଗୀ ବୋଲି ସେ କହିଛନ୍ତି। ବିଲ ଗେଟ୍ସ ଦିଲ୍ଲୀରେ ଜି୨୦ ଶିଖର ସମ୍ମିଳନୀ ସହ ଆୟୋଜିତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ମହିଳା ଓ କମ ଆୟବର୍ଗର ଲୋକମାନଙ୍କ ଜୀବନରେ ପରିବର୍ତ୍ତନ ଆଣିବା ଲାଗି ଡିଜିଟାଲ ଉପକରଣ ଏବଂ ଆପ୍ଲିକେସନଗୁଡ଼ିକର ବ୍ୟବହାରକୁ ନେଇ ସେ କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏବଂ ଭାରତ ସରକାରଙ୍କ ଅନ୍ୟ ପ୍ରତିନିଧିମାନଙ୍କ ସହିତ ଆଲୋଚନା କରିଥିଲେ। ବାଙ୍ଗାଲୋରର ହାଲାସୁର ଅଞ୍ଚଳରେ ଡିଜିଟାଲ ବ୍ୟାଙ୍କ ସେବା କିଭଳି ଭାବେ ଗରିବ ଓ ବଞ୍ଚିତ ସମୁଦାୟ ନିକଟରେ ପହଞ୍ଚିପାରିଛି ତାହା ଦେଖି ଶ୍ରୀ ଗେଟ୍ସ ପ୍ରଭାବିତ ହୋଇଥିଲେ। ଡାକ ବିଭାଗର କର୍ମଚାରୀମାନେ ଲୋକମାନଙ୍କ ଘର ପାଖରେ ବ୍ୟାଙ୍କ ସେବା ପହଞ୍ଚାଇଥିବାରୁ ସେ ଖୁସି ବ୍ୟକ୍ତ କରିଥିଲେ । ଶ୍ରୀ ଗେଟ୍ସ ଡାକ କର୍ମଚାରୀ ଓ ହିତାଧିକାରୀଙ୍କ ଫଟୋ ଶେୟାର କରି ନିଜର ଅନୁଭୂତି ବାଣ୍ଟିଛନ୍ତି । ଶେଷରେ ଶ୍ରୀ ଗେଟ୍ସ କହିଛନ୍ତି ଯେ, ତାଙ୍କର ସପ୍ତାହବ୍ୟାପୀ ଭାରତ ଗସ୍ତ ବ୍ୟସ୍ତବହୁଳ ଥିଲା । ତେବେ ଏହି ଗସ୍ତ ତାଙ୍କ ପାଇଁ ପ୍ରେରଣାଦାୟୀ ଥିଲା। ଭାରତରୁ ମିଳିଥିବା ଅଭିଜ୍ଞତା ତାଙ୍କୁ ଭବିଷ୍ୟତର ସମସ୍ୟା ସମାଧାନ କରିବାରେ ସହାୟକ ହେବ ବୋଲି ବିଲ ଗେଟ୍ସ ଆଶା ବ୍ୟକ୍ତ କରିଛନ୍ତି। ସାରା ବିଶ୍ୱ ଆଜି ଯେଉଁସବୁ ବଡ଼ ସମସ୍ୟାର ସମ୍ମୁଖିନ ହେଉଛି ତାହାର ସମାଧାନ କରିବା ଲାଗି ଆମର କ୍ଷମତା ଆହୁରି ବଡ଼, ଭାରତରୁ ଫେରିବା ପରେ ସେ ଏହା ହୃଦୟଙ୍ଗମ କରିପାରିଥିବା ଶ୍ରୀ ଗେଟ୍ସ କହିଛନ୍ତି।

### ଆମେରିକାର ଗୁଇନ୍ଦା ରିପୋର୍ଟ

# ଚୀନ୍-ପାକିସ୍ତାନ ସହ ଭାରତର ଯୁଦ୍ଧ ଆଶଙ୍କା

**ନୂଆଦିଲ୍ଲୀ :** ଭାରତକୁ ନେଇ ଜାରି ଆମେରିକାର ଏକ ରିପୋର୍ଟ ସମସ୍ତଙ୍କୁ ଆଶ୍ଚର୍ଯ୍ୟନ୍ୱିତ କରି ଦେଇଛି। ଆମେରିକାର ଇଣ୍ଟେଲିଜେନ୍ସ କମ୍ୟୁନିଟି ଦାବି କରିଛି ଯେ ଆଗାମୀ ଦିନରେ ଚୀନ୍ ଏବଂ ପାକିସ୍ତାନ ସହ ଭାରତର ସମ୍ପର୍କରେ ଉତ୍ତେଜନା ଆହୁରି ମଧ୍ୟ ବଢ଼ିପାରେ। ଯାହାର ଜବାବ ଭାରତ ସୈନ୍ୟ କାର୍ଯ୍ୟାନୁଷ୍ଠାନ କରି ଦେବ। ରିପୋର୍ଟରେ ଲାଖାଯାଇଛି ଯେ, ଗତ ସରକାର ତୁଳନାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ସରକାର ସେନା ଓହ୍ଲାଇ କାର୍ଯ୍ୟାନୁଷ୍ଠାନ ନେବାରେ ଆଗରେ ଅଛନ୍ତି। ଚୀନ୍ ଏବଂ ପାକିସ୍ତାନ ପକ୍ଷରୁ କରାଯାଉଥିବା ଉତ୍ତେଜିତ କଲା ଭଳି କୌଣସି ବି କାର୍ଯ୍ୟର ଜବାବରେ ଭାରତ ନିଜର ସେନାକୁ ଓହ୍ଲାଇପାରେ। ଆମେରିକୀୟ ସଂସଦରେ ଆନୁଆଲ ଗ୍ରେଟ



ଆସେସମେଣ୍ଟ ଅର୍ଥାତ ବାହାର ବିପଦର ବାର୍ଷିକ ଆକଳନ କରୁଥିବା ରିପୋର୍ଟ ଆଗତ କରାଯାଇଥିଲା। ଏହି ରିପୋର୍ଟରେ କୁହାଯାଇଛି ଯେ ଚୀନ୍ ଏବଂ ଭାରତ ଆଲୋଚନା ଜରିଆରେ ସୀମାରେ ଲାଗିରହିଥିବା ବିବାଦକୁ କମ୍ କରିବା ପାଇଁ ଉଦ୍ୟମ କରୁଛନ୍ତି। ଏହା ସତ୍ତ୍ୱେ ଉଭୟ ଦେଶ ମଧ୍ୟରେ ଉତ୍ତେଜନା ଲାଗି ରହିବ। ଆମେରିକୀୟ ଇଣ୍ଟେଲିଜେନ୍ସ କାଶ୍ମୀରକୁ ଭାରତ-ପାକ୍ ମଧ୍ୟରେ ଉତ୍ତେଜନା ବଢ଼ାଇବାର ମୁଖ୍ୟ କାରଣ ବୋଲି କହିଛି। ରିପୋର୍ଟରେ ଲେଖାଯାଇଛି ଯେ ୨୦୨୧ରେ ଲାଇନ ଅଫ୍ କଣ୍ଟ୍ରୋଲରେ ହୋଇଥିବା ସିଜଫାୟରର ଚୁକ୍ତି ପରଠୁ ଉଭୟ ଦେଶ ସମ୍ପର୍କରେ ଶାନ୍ତି ବଜାୟ ରଖିବାକୁ ଚାହୁଁଛନ୍ତି। ଅବଶ୍ୟ, ଭାରତ ବିରୋଧୀ ଆତଙ୍କବାଦୀଙ୍କ ସମର୍ଥନ କରିବାର ପାକିସ୍ତାନର ପୂରୁଣା ଇତିହାସ ରହିଛି। ପିଏମ ମୋଦିଙ୍କ ଲିଡରସିପରେ ଏବେ ପାକିସ୍ତାନର କୌଣସି ବି ଉତ୍ତେଜିତ କଲାଭଳି କାର୍ଯ୍ୟ ଉପରେ ଭାରତ ମଧ୍ୟ କଡ଼ା ଜବାବ ଦେବ। ରିପୋର୍ଟରେ ଭାରତ-ପାକିସ୍ତାନ ମଧ୍ୟରେ କ୍ରାଇସିସକୁ ବଡ଼ ଚିନ୍ତାର ବିଷୟ ବୋଲି ଉଲ୍ଲେଖ କରାଯାଇଛି। ଉଭୟ ଦେଶ ମଧ୍ୟରେ ପୂର୍ବରୁ ଜାରି ବିବାଦକୁ ନେଇ ଯେଉଁ ଚିନ୍ତାଧାରା ରହିଛି ସେଥିରୁ ଉତ୍ତେଜନା ବଢ଼ିବାର ଆଶଙ୍କା ମଧ୍ୟ ଆହୁରି ବଢ଼ିଯାଇଛି। ଉଭୟ ଦେଶ ମଧ୍ୟରେ ଉତ୍ତେଜନା ଦ୍ୱାରା କାଶ୍ମୀରରେ ହିଂସା ଏବଂ ଭାରତରେ ଆତଙ୍କୀ ଆକ୍ରମଣ ହୁଏ ତେବେ ଉଭୟ ଦେଶ ମଧ୍ୟରେ ସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲିଯିବ। ଆମେରିକାର ଇଣ୍ଟେଲିଜେନ୍ସ ରିପୋର୍ଟରେ ୨୦୨୦ରେ ଲଦାଖର ଗଲୱାନ ଘାଟିରେ ଭାରତ ଓ ଚୀନ୍ ମଧ୍ୟରେ ହୋଇଥିବା ସଂଘର୍ଷକୁ ଦଶକର ସବୁଠୁ ଭୟଙ୍କର ସଘର୍ଷ କୁହାଯାଇଛି। ରିପୋର୍ଟରେ ଦାବି କରାଯାଇଛି ଯେ ଉଭୟ ଦେଶ ମଧ୍ୟରେ ଉତ୍ତେଜନା ସ୍ଥିତି ଆମେରିକା ଏବଂ ତାର ଜନସାଧାରଣଙ୍କ ପାଇଁ ବଡ଼ ବିପଦ ଅଟେ। ରିପୋର୍ଟରେ ପରାମର୍ଶ ଦିଆଯାଇଛି ଯେ, ଉଭୟ ଦେଶ ମଧ୍ୟରେ ବୃଦ୍ଧି ବିବାଦରେ ଆମେରିକାକୁ ଦଖଲ ଦେବା ଆବଶ୍ୟକ। ନହେଲେ ଉଭୟ ଦେଶ ମଧ୍ୟରେ ଯୁଦ୍ଧ ସ୍ଥିତି ଉପୁଜିବ।

# ବିଜେପି ସହ ମେଣ୍ଟ ସମ୍ପର୍କ ଜାରି ରହିବ: ଏଆଇଏଡିଏମ୍‌କେ

**ନୂଆଦିଲ୍ଲୀ :** ତୀବ୍ର ମତଭେଦ ଓ ରାଜନୈତି କନ୍ଦଳ ସତ୍ତ୍ୱେ ତାମିଲନାଡୁର ଅଲ୍ ଇଣ୍ଡିଆ ଆନ୍ନା ଦ୍ରାବିଡ଼ ମୁନେତ୍ରା କଜଗମ (ଏଆଇଏଡିଏମକେ) ଓ ବିଜେପି ମଧ୍ୟରେ ମେଣ୍ଟ ସମ୍ପର୍କ ବଜାୟ ରହିବ। ଆଗାମୀ ବିଧାନସଭା ଓ ସାଧାରଣ ନିର୍ବାଚନରେ ଉଭୟଙ୍କ ମଧ୍ୟରେ ଆସନ ବୁଝାମଣା ହେବ। ମେଣ୍ଟ ଭାଙ୍ଗିବ ନାହିଁ। ଗୁରୁବାର ଏଆଇଏଡିଏମକେ ଏହି ଘୋଷଣା କରିଛି। ଦଳର ନେତା ଡି. ଜୟଶଙ୍କରଙ୍କ ଏହି ସୂଚନା ଦେଇଛନ୍ତି। ତାମିଲନାଡୁରେ ବିଜେପିର ମୋଟ ୧୩ ଜଣ କର୍ମକର୍ତ୍ତା ଦଳ ଛାଡି ଏହାର ମେଣ୍ଟ ସହଯୋଗୀ ଅଲ୍ ଇଣ୍ଡିଆ ଆନ୍ନା ଦ୍ରାବିଡ଼ ମୁନେତ୍ରା କଜଗମ (ଏଆଇଏଡିଏମକେ)ରେ ଯୋଗ ଦେଇଛନ୍ତି। ଏହି ୧୩ ଜଣ ଦଳୀୟ ନେତା ଚେନ୍ନାଇ ପଶ୍ଚିମରେ ଥିବା ବିଜେପିର ଆଇଟି ଶାଖାର ସଦସ୍ୟ ଥିଲେ। ଏହାକୁ ନେଇ ରାଜନୈତିକ ହଟଚମଟ ଜାରି ରହିଥିବା ବେଳେ ଉଭୟ ବିଜେପି ଓ ଏଆଇଏଡିଏମକେ ମଧ୍ୟରେ ସମ୍ପର୍କ ତୁଟିବା ନେଇ ଚର୍ଚ୍ଚା ହେଉଥିଲା। କିନ୍ତୁ ଏସବୁ ଚର୍ଚ୍ଚାର ଆଜି ଦଳର ନେତା ଡି, ଜୟଶଙ୍କର ଅବସାନ ଘଟାଇଛନ୍ତି। ୨୦୧୯ ନିର୍ବାଚନ ପରଠାରୁ ବିଜେପି ସହ ମେଣ୍ଟ କରିବା ପାଇଁ ଏଆଇଡିଏମକେ ୩ଟି ନିର୍ବାଚନରେ ପରାଜିତ ହୋଇସାରିଛି। ନିକଟରେ ଏକ ଉପନିର୍ବାଚନରେ ଉଭୟେ ବିଜେପି ଓ ଏଆଇଡିମକେ ମିଳିତ ଭାବେ ନିର୍ବାଚନ ଲଢ଼ିଥିଲେ। କିନ୍ତୁ ପରାଜୟର ମୁହଁ ଦେଖିବାକୁ ମଳିଥିଲା। ଅନେକ ଏଆଇଡିମକେ ନେତା କହିଛନ୍ତି ଯେ, ବିଜେପି ଏବେ ଦଳ ପାଇଁ ବୋଝ ହୋଇଛି। ତେଣୁ ମେଣ୍ଟ ସମ୍ପର୍କକୁ ନେଇ ପୁନର୍ବିଚାରର ଆବଶ୍ୟକତା ରହିଛି। ଗତକାଲି ବିଜେପି ଆଇଟି ୱିଙ୍ଗର ଜିଲ୍ଲା ସଭାପତି ଅନବରସନ ଏକ ବିବୃତିରେ କହିଛନ୍ତି, ମୁଁ ବର୍ଷ ବର୍ଷ ଧରି ବିଜେପି ପାଇଁ କାମ କରିଛି। ଲୋକମାନେ ଜାଣନ୍ତି ଯେ ମୁଁ କେବେ ବି କୌଣସି ପଦ ଆଶା କରିନାହିଁ। ଗତ କିଛି ଦିନ ଧରି ଦଳରେ ଦେଖାଦେଇଥିବା ଅସ୍ୱାଭାବିକ ପରିସ୍ଥିତିକୁ ଦୃଷ୍ଟିରେ ରଖି ମୁଁ ଦଳରୁ ଇସ୍ତଫା ଦେବାକୁ ନିଷ୍ପତ୍ତି ନେଇଛି। ଏହି ବିବୃତିରେ ୧୦ ଜଣ ଆଇଟି ୱିଙ୍ଗ ଜିଲ୍ଲା ସମ୍ପାଦକ ଏବଂ ଦୁଇ ଜଣ ଆଇଟି ୱିଙ୍ଗ ଜିଲ୍ଲା ଉପସଚିବଙ୍କ ସ୍ୱାକ୍ଷର ରହିଛି। ନିକଟରେ ବିଜେପିର ଅନେକ ବିଧାୟକ ଇସ୍ତଫା ଦେଇ ଏଆଇଏଡିଏମକେରେ ଯୋଗ ଦେଇଛନ୍ତି। ଗତ ମଙ୍ଗଳବାର ଦିନ ବିଜେପି ବୁଦ୍ଧିଜୀବୀ ଶାଖା ରାଜ୍ୟ ସମ୍ପାଦକ କ୍ରିଷ୍ଣନ, ଆଇଟି ଶାଖା ରାଜ୍ୟ ସମ୍ପାଦକ ଦିଲୀପ କାନନ, ତ୍ରିଚି ଗ୍ରାମୀଣ ଜିଲ୍ଲା ଉପାଧ୍ୟକ୍ଷ ବିଜୟ ଏବଂ ରାଜ୍ୟ ଓବିସି ଶାଖା ସମ୍ପାଦକ ଅମ୍ମୁ ଏଡାପାଡି କେ ପଲାନିସ୍ୱାମୀଙ୍କ ସହ ବୈଠକ କରିବା ପରେ ଏଆଇଏଡିଏମକେରେ ଯୋଗ ଦେଇଥିଲେ।

# ଅଚଳ ସାଟେଲାଇଟକୁ ପ୍ରଶାନ୍ତ ମହାସାଗରରେ ଖସାଇଲା ‘ଇସ୍ରୋ’

**ନୂଆଦିଲ୍ଲୀ :** ଅଚଳ ସାଟେଲାଇଟକୁ କକ୍ଷପଥରୁ ସଫଳ ଭାବେ ଖସାଇଲା ଇସ୍ରୋ। ଅଭିଯାନ ଶେଷ କରି ଅଚଳ ହୋଇଯାଇଥିବା ଏକ ସାଟେଲାଇଟ୍‌କୁ ମଙ୍ଗଳବାର ଦିନ ଭାରତୀୟ ମହାକାଶ ଗବେଷଣା କେନ୍ଦ୍ର(ଇସ୍ରୋ) କକ୍ଷପଥରୁ ବିଚ୍ୟୁତ କରିବାରେ ସଫଳ ହୋଇଛି। ସାଟେଲାଇଟକୁ ପ୍ରଶାନ୍ତ ମହାସାଗରରେ ଖସାଯାଇଛି। ସୂଚନା ଅନୁସାରେ ଅଚଳ ହୋଇଯାଇଥିବା ‘ମେଘା ଟ୍ରପିକ୍ୟୁଜ୍-୧’ ନାମକ ସାଟେଲାଇଟ୍‌ର କକ୍ଷପଥରୁ ବିଚ୍ୟୁତ କରାଯାଇ ଖଣ୍ଡବିଖଣ୍ଡ କରାଯିବା ପରେ ପ୍ରଶାନ୍ତ ମହାସାଗର ଉପର ଆକାଶରେ ପୋଡ଼ି ଦିଆଯାଇଛି। ଏନେଇ ଟୁଇଟ୍ କରି ‘ଇସ୍ରୋ’ ଲେଖିଛି, ୨୦୨୩ ମାର୍ଚ୍ଚ ୭ ତାରିଖ ଦିନ ‘ମେଘା-ଟ୍ରପିକ୍ୟୁଜ୍-୧’କୁ (ଏମ୍‌ଟି-୧) କକ୍ଷପଥରୁ ନିୟନ୍ତ୍ରଣ ସହ ଅପସାରଣ କରି ବାୟୁମଣ୍ଡଳ ମଧ୍ୟକୁ ପୁନଃପ୍ରବେଶ କରାଇବାରେ ପରୀକ୍ଷା ସଫଳ ହୋଇଛି। ୨୦୧୧ ଅକ୍ଟୋବର ୧୨ ତାରିଖରେ ‘ମେଘା-ଟ୍ରପିକ୍ୟୁଜ୍-୧’କୁ ଲୋ ଆର୍ଥ ଅର୍ବିଟ୍ ମଧ୍ୟକୁ ଉତ୍‌କ୍ଷେପଣ କରାଯାଇଥିଲା। ଉଷ୍ଣମଣ୍ଡଳୀୟ ପାଣିପାଗ ଓ ଜଳବାୟୁ ଉପରେ ଅଧ୍ୟୟନ କରିବା ଲାଗି ଏହା ଥିଲା ‘ଇସ୍ରୋ’ ଏବଂ ‘ଫ୍ରେଞ୍ଚ୍ ସ୍ପେସ୍ ଏଜେନ୍ସି’ର ମିଳିତ ଅଭିଯାନ। ଏହି ଅଭିଯାନ ୩ ବର୍ଷ ପାଇଁ ଚଳାଇବାକୁ ପ୍ରାରମ୍ଭିକ ଯୋଜନା କରାଯାଇଥିଲା। କିନ୍ତୁ, ଏହା ଦୀର୍ଘ ଏକ ଦଶନ୍ଧି ଧରି ଜଳବାୟୁ ସମ୍ବନ୍ଧରେ ଗରୁତ୍ୱପୂର୍ଣ୍ଣ ତଥ୍ୟ ଯୋଗାଣ ଜାରି ରଖିଥିଲା। ସେପଟେ ‘ୟୁନାଇଟେଡ୍ ନେସନ୍ସ ଇଣ୍ଟର-ଏଜେନ୍ସି ସ୍ପେସ୍ ଡେବ୍ରିଜ୍ କୋଅର୍ଡିନେସନ୍ କମିଟି (ୟୁଏନ୍‌ଆଇଏଡିସି)କୁ ଦିଆଯାଇଥିବା ପ୍ରତିଶ୍ରୁତି ରକ୍ଷା କରି ଅଭିଯାନ ଶେଷ କରିଥିବା ଉକ୍ତ ‘ସାଟେଲାଇଟ୍’କୁ ‘ଇସ୍ରୋ’ ଧ୍ୱଂସ କରିଛି। ଜାତିସଂଘ ଗାଇଡ୍‌ଲାଇନ୍ ଅନୁସାରେ, କାର୍ଯ୍ୟାକାଳ ଶେଷ ହୋଇଥିବା ସାଟେଲାଇଟ୍ ସବୁକୁ ନିୟନ୍ତ୍ରଣ ସହକାରେ ନିରାପଦ ଅଞ୍ଚଳ ଦେଖି ବାୟୁମଣ୍ଡଳକୁ ପୁନଃ ପ୍ରବେଶକରାଇ ନଷ୍ଟ କରିବା ଉଚିତ। ସେପଟେ ‘ଇସ୍ରୋ’ କହିଛି, ‘ମେଘା-ଟ୍ରପିକ୍ୟୁଜ୍-୧’ରେ ତଥାପି ୧୨୫ କିଲୋ ଇନ୍ଧନ ଥିଲା। ସେତକ ଇନ୍ଧନ ଉକ୍ତ ‘ସାଟେଲାଇଟ୍’କୁ ନିୟନ୍ତ୍ରଣ ସହକାରେ ବାୟୁମଣ୍ଡଳକୁ ପୁନଃ ପ୍ରବେଶ କରାଇବା ପାଇଁ ଯଥେଷ୍ଟ ଥିଲା।

### ଏସ୍‌ବିଆଇର ଇକୋରାପ୍ ରିପୋର୍ଟ

# ବଢୁଛି ନିବେଶ ସାଙ୍ଗକୁ ସଞ୍ଚୟ ପରିମାଣ

**ନୂଆଦିଲ୍ଲୀ (ପିଆଇବି):** ଭାରତୀୟ ଅର୍ଥବ୍ୟବସ୍ଥାର ଅଭିବୃଦ୍ଧି ଓ ବିକାଶକୁ ନେଇ ବ୍ୟକ୍ତ କରାଯାଉଥିବା ଆଶଙ୍କା ଉଦ୍ଦେଶ୍ୟମୂଳକ, ପକ୍ଷପାତିତାପୂର୍ଣ୍ଣ ଏବଂ ଅପରିପକ୍ୱ ବୋଲି ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସବିଆଇ)ର ଇକୋରାପ୍ ରିପୋର୍ଟରେ କୁହାଯାଇଛି। ସଦ୍ୟ ସମାପ୍ତ ହୋଇଥିବା ତ୍ରୈମାସର ଜିଡିପି ହାରକୁ ଆଧାର କରି ଏବଂ ସଞ୍ଚୟ ଓ ନିବେଶ ଉପରେ ରହିଥିବା ତଥ୍ୟକୁ ଅଣଦେଖା କରି ଭାରତର ବାସ୍ତବ ବିକାଶ ହାରକୁ ନେଇ ନିର୍ଣ୍ଣାୟକ ମତପ୍ରକାଶ କରାଯିବା ଅମୂଳକ ବୋଲି ଏସବିଆଇ ରିପୋର୍ଟରେ କୁହୋଯାଇଛି। ଏସବିଆଇ ରିପୋର୍ଟରେ କୁହାଯାଇଛି ଯେ, ନିକଟରେ ଶେଷ ହୋଇଥିବା ତ୍ରୈମାସର ଜିଡିପି ଅଭିବୃଦ୍ଧି ପରିସଂଖ୍ୟାନକୁ ଆଧାର କରି ଭାରତର ବିକାଶ ହାରକୁ ୧୯୮୦ ଦଶକ ପୂର୍ବର ରାଜକ୍ରିଷ୍ଣାଙ୍କ ପରିଭାଷିତ ଅଭିବୃଦ୍ଧି ହାର ସହିତ ତୁଳନା କରିବାର କୌଣସି ଅଧାର ନାହିଁ। ତ୍ରୈମାସିକ ଅଭିବୃଦ୍ଧି ସଂଖ୍ୟା ଅସ୍ପଷ୍ଟ ହୋଇପାରେ ଏବଂ ଏହାକୁ ଆଧାର କରି ଦେଶର ସାମଗ୍ରିକ ଅଭିବୃଦ୍ଧିକୁ ବ୍ୟାଖ୍ୟା କରିବା ଅନୁଚିତ୍। ୨୦୨୨-୨୩ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଗତ ତିନି ବର୍ଷ ମଧ୍ୟରେ ଭାରତର ହାରାହାରି ଜିଡିପିରେ ୨ ଲକ୍ଷ କୋଟି ଟଙ୍କାର ଆର୍ଥିକ ଅଭିବୃଦ୍ଧି ଦେଖିବାକୁ ମିଳିଛି। ସଞ୍ଚୟ ଓ ନିବେଶ କ୍ଷେତ୍ରରେ ମିଳିଥିବା ତଥ୍ୟ ଏହାକୁ ପ୍ରମାଣିତ କରୁଛି ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଏସବିଆଇ ଗ୍ରୁପର ମୁଖ୍ୟ ଆର୍ଥିକ ପରାମର୍ଶଦାତା ଡକ୍ଟର ସୌମ୍ୟ କାନ୍ତି ଘୋଷ ପ୍ରସ୍ତୁତ କରିଥିବା ଏହି ରିପୋର୍ଟରେ ଦର୍ଶାଯାଇଛି ଯେ, ବିଗତ ଦଶନ୍ଧିରେ ନିବେଶ ଓ ସଞ୍ଚୟ ତଥ୍ୟକୁ ଅନୁଶୀଳନ କଲେ ଏହି କ୍ଷେତ୍ରରେ ସକାରାତ୍ମକ ଅଭିବୃଦ୍ଧି ଦେଖିବାକୁ ମିଳିଛି। ୨୦୨୦-୨୧ରେ ସକଳ ପୁଞ୍ଜି ସୃଷ୍ଟି (ଜିସିଏଫ) ହାର ୧୦.୭% ଥିବା ବେଳେ ୨୦୨୧-୨୨ରେ ଏହା ୧୧.୮%କୁ ବୃଦ୍ଧି ପାଇଛି। ସମାନ ଅବଧିରେ ଘରୋଇ କ୍ଷେତ୍ରର ପୁଞ୍ଜି ନିବେଶ ପରିମାଣ ୧୦%ରୁ ୧୦.୮%କୁ ବଢ଼ିଛି। ବାସ୍ତବରେ, ଜିସିଏଫ ଠାରୁ ଆରମ୍ଭ କରି ସକଳ




ଉତ୍ପାଦନ ଅନୁପାତ କିମ୍ବା ନୂଆ କ୍ଷମତା ସୃଷ୍ଟି ପାଇଁ ପାଣ୍ଠିର ପୁନଃନିବେଶର ତଥ୍ୟକୁ ଅନୁଧ୍ୟାନ କଲେ ୨୦୨୧-୨୨ରେ ସାର୍ବଜନୀନ ପ୍ରଶାସନ ଲାଗି ଏହି ଅନୁପାତ ନୂଆ ଶୀର୍ଷକୁ ଛୁଇଁଥିବା ଦେଖାଯାଇଛି । ବିଗତ କିଛି ବର୍ଷର ବଜେଟରେ ପୁଞ୍ଜି ବିନିଯୋଗ ଉପରେ ବିଶେଷ ଗୁରୁତ୍ୱାରୋପ କରାଯିବା କାରଣରୁ ଏଭଳି ସ୍ଥିତି ସୃଷ୍ଟି ହୋଇଛି । ସାମଗ୍ରିକ ସ୍ତରରେ ଦେଖିଲେ, ସକଳ ପୁଞ୍ଜି ସୃଷ୍ଟି ପରିମାଣ ୨୦୨୨-୨୩ ଆର୍ଥିକ ବର୍ଷରେ ୩୨% ଅତିକ୍ରମ କରିଯାଇଛି ଯାହାକି ୨୦୧୮-୧୯ ପରେ ସର୍ବୋଚ୍ଚ ସ୍ତର। ସକଳ ସଞ୍ଚୟ ପରିମାଣ ୨୦୨୦-୨୧ରେ ୨୯% ଥିବା ବେଳେ ୨୦୨୧-୨୨ରେ ୩୦%କୁ ବୃଦ୍ଧି ପାଇଛି। ଏହି ପରିମାଣ ୨୦୨୨-୨୩ରେ ୩୧% ଟପିଯିବ ବୋଲି ଅନୁମାନ କରାଯାଉଛି, ଯାହାକି ୨୦୧୮-୧୯ ଠାରୁ ସର୍ବୋଚ୍ଚ। ଜମା ବା ଡିପୋଜିଟ ଭଳି ଆର୍ଥିକ ସଞ୍ଚୟ ଦ୍ରୁତ ଗତିରେ ବୃଦ୍ଧି ପାଇଥିବା କାରଣରୁ ମହାମାରୀ ଅବଧି ସମୟରେ ଘରୋଇ ସଞ୍ଚୟ ମଧ୍ୟ ବଢ଼ିଛି। ଅନ୍ୟପଟେ ଘରୋଇ ଆର୍ଥିକ ସଞ୍ଚୟ ପରିମାଣ ୨୦୨୦-୨୧ରେ ୧୫.୪% ଥିବା ବେଳେ ୨୦୨୨-୨୩ରେ ଏହା ୧୧.୧%କୁ କମିଛି। ତେବେ ଭୌତିକ ସମ୍ପତ୍ତି କ୍ଷେତ୍ରରେ ସଞ୍ଚୟ ୨୦୨୦-୨୧ରେ ୧୦.୭% ଥିବା ବେଳେ ୨୦୨୧-୨୨ରେ ୧୧.୮%କୁ ବୃଦ୍ଧି ପାଇଛି। ପ୍ରାଥମିକ ଦୃଷ୍ଟିରୁ, ଏକ ସତର୍କତା ପୂର୍ବକ ବିଶ୍ଳେଷଣରୁ ଏହା ଜଣାପଡ଼ିଥାଏ ଯେ ଉତ୍ପାଦନର ଅତିରିକ୍ତ ୟୁନିଟକୁ ଜାଣିବା ଲାଗି ଆବଶ୍ୟକ ହେଉଥିବା ଅତିରିକ୍ତ ପୁଞ୍ଜି (ନିବେଶ)ର ୟୁନିଟକୁ ମାପୁଥିବା ଇନକ୍ରିମେଣ୍ଟାଲ କ୍ୟାପିଟାଲ ଆଉଟପୁଟ ରେସିଓ (ଆଇସିଓଆର) ବା ବର୍ଦ୍ଧିତ ପୁଞ୍ଜି ଉତ୍ପାଦନ ଅନୁପାତରେ ସୁଧାର ଦେଖିବାକୁ ମିଳିଛି। ୨୦୧୨ ଆର୍ଥିକ ବର୍ଷରେ ଆଇସିଓଆର ୭.୫ ପ୍ରତିଶତ ଥିବା ବେଳେ ୨୦୨୨ରେ ଏଥିରେ ସୁଧାର ଆସି ୩.୫ ପ୍ରତିଶତରେ ପହଞ୍ଚିଛି। ସ୍ପଷ୍ଟ ଭାବେ ଦେଖିଲେ, ପରବର୍ତ୍ତୀ ଆଉଟପୁଟ ୟୁନିଟ୍ ପାଇଁ ଏବେ ପୁଞ୍ଜିର ମାତ୍ର ଅଧା ଭାଗ ଆବଶ୍ୟକ ହେଉଛି। ସାମ୍ପ୍ରତିକ ବର୍ଷଗୁଡ଼ିକରେ ଆଇଓସିଆର ହ୍ରାସ ପାଇବା ପୁଞ୍ଜି ଦକ୍ଷତାରେ ଅପେକ୍ଷାକୃତ ବୃଦ୍ଧିକୁ ଦର୍ଶାଉଛି। ଆଇଓସିଆରକୁ ଅନୁଶୀଳନ କଲେ ଦେଶର ଅର୍ଥବ୍ୟବସ୍ଥା ଦୃଢ଼ ସ୍ଥିତିରେ ରହିଥିବା ସ୍ପଷ୍ଟ ହୋଇଥାଏ। ଶେଷରେ ଏସବିଆଇ ରିପୋର୍ଟରେ କୁହାଯାଇଛି ଯେ ଭାରତୀୟ ଅର୍ଥବ୍ୟବସ୍ଥାର ସମ୍ଭାବ୍ୟ ଅଭିବୃଦ୍ଧି ହାର ପୂର୍ବାପେକ୍ଷା ସାମାନ୍ୟ କମ ଥିଲେ ମଧ୍ୟ ବୈଶ୍ୱିକ ସ୍ଥିତି କାରଣରୁ ଏପରି ହୋଇଛି। ଏହି ଦୃଷ୍ଟିରୁ ଭବିଷ୍ୟତରେ ୭% ଜିଡିପି ହାରକୁ ଯେକୌଣସି ମାପଦଣ୍ଡ ଆଧାରରେ ଏକ ଉଚିତ ଅଭିବୃଦ୍ଧି ବୋଲି ଗ୍ରହଣ କରାଯିବା ଉଚିତ୍ ବୋଲି ରିପୋର୍ଟରେ କୁହାଯାଇଛି।

**ରାଜ୍ୟର ୨୬ ପ୍ରମୁଖ ସହରର ଭୂତଳ ଜଳ ପାନୀୟ ଅନୁପଯୋଗୀ**

# ଚିନ୍ତାପ୍ରକଟ କଲା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ

**ଭୁବନେଶ୍ୱର :** ରାଜ୍ୟର ୨୬ ପ୍ରମୁଖ ସହରର ଭୂତଳ ଜଳର ମାନ ପାନୀୟ ଯୋଗ୍ୟ ହୋଇନାହିଁ। ଭୂତଳ ଜଳର ପିଏଚ୍ ସ୍ତର, କ୍ୟାଲିସିୟମ୍, ମାଗନେସିୟମ୍, କ୍ଲୋରାଇଡ୍, ନାଇଟ୍ରେଟ୍, ଆଇରନ୍, ଆମୋନକଲ୍ ନାଇଟ୍ରୋଜେନ୍, ସୀସା , ଫ୍ଲୋରାଇଡ୍‌ର ମାତ୍ରା ସଠିକ ନ ଥିବା କ୍ୱାଲିଟି ମନିଟରିଂ ଷ୍ଟେସନର ଯାଞ୍ଚରୁ ଜଣାପଡ଼ିଥିବା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଓଏସପିସିବି) ପକ୍ଷରୁ ସୂଚନା ମିଳିଛି। ଏହି ସହରଗୁଡ଼ିକର ତାଲିକାରେ ରହିଛନ୍ତି, ଭୁବନେଶ୍ୱର, କଟକ, ପୁରୀ, ବ୍ରହ୍ମପୁର, ଢେଙ୍କାନାଳ, ସୁକିନ୍ଦା, ଝାରସୁଗୁଡ଼ା, କେନ୍ଦୁଝର, କୋରାପୁଟ, ମାଲକାନଗିରି, ଅନୁଗୁଳ, ବାଲେଶ୍ୱର, ପାରାଦୀପ, ଭଦ୍ରକ, ଭବାନୀପାଟଣା, ବରଗଡ଼, ପାରଳାଖେମୁଣ୍ଡି, ଦେବଗଡ଼, ବୌଦ୍ଧ, ନବରଙ୍ଗପୁର, ନୟାଗଡ଼, ସୋନପୁର, ରାୟଗଡ଼ା, ଫୁଲବାଣୀ ଓ ନୂଆପଡ଼ା ଭଳି ସହର ସାମିଲ ରହିଛନ୍ତି। ଓଏସପିସିବି ପକ୍ଷରୁ ଗତ ନଭେମ୍ବର ଓ ଅକ୍ଟୋବର ମାସରେ ୩୦ ଜିଲ୍ଲାର ୯୦ଟି ସହରାଞ୍ଚଳରେ ଏଭଳି ଭୂତଳ ଜଳର ମାନ ଯାଞ୍ଚ ପ୍ରକ୍ରିୟା କାର୍ଯ୍ୟକାରୀ କରାଯାଇଥିଲା। ପ୍ରମୁଖ ସହରଗୁଡ଼ିକର ମାନ କ୍ରମାଗତ ଭାବେ ହ୍ରାସ ପାଉଥିବା ଜଣାପଡ଼ିବା ପରେ ଗତ ମାସରେ ଏନେଇ ରାଜ୍ୟ ଜଳ ସମ୍ପଦ ବିଭାଗକୁ ଅବଗତ କରାଯାଇଛି। ପାନୀୟ ଜଳର ମାନ ଅନୁଯାୟୀ, ପ୍ରତି ଲିଟର ପାଣିରେ ସର୍ବାଧିକ ୦.୦୧ ମିଲିଗ୍ରାମର ସୀସା ରହିବା ଆବଶ୍ୟକ। ଏହାଠାରୁ ଅଧିକ ରହିଲେ, ଜଳ ପାନୀୟ ଉପଯୋଗୀ ନୁହେଁ। ଅପରପକ୍ଷରେ ଲିଟର ପିଛା ଜଳରେ ଭୁବନେଶ୍ୱରର ଖଣ୍ଡଗିରିରେ ୦.୦୧୮ ମିଲିଗ୍ରାମ, ପୁରୁଣା ଭୁବନେଶ୍ୱର ଅଞ୍ଚଳରେ ୦.୦୧୫ ଓ ଚନ୍ଦ୍ରଶେଖରପୁର ଅଞ୍ଚଳରେ ୦.୧୧ ରହୁଛି। ସେହିଭଳି ସହରର ଅନ୍ୟାନ୍ୟ ଅଞ୍ଚଳରେ ମଧ୍ୟ ସୀସାର ମାତ୍ରା ଅଧିକ। ସେହିଭଳି ଅନୁଗୁଳ, ବାଲେଶ୍ୱର, ଭଦ୍ରକ, ବରଗଡ଼, କଟକ, ଦେବଗଡ଼ ଓ ବ୍ରହ୍ମପୁର ଭଳି ଅନେକ ସହରର ଭୂତଳ ଜଳରେ ସୀସାର ମାତ୍ରା ଅଧିକ। ଅନ୍ୟପକ୍ଷରେ ପାନୀୟ ଜଳର ପିଏଚ୍ ସ୍ତର ୬.୫ରୁ ୮.୫ ମଧ୍ୟରେ ରହିବା ଆବଶ୍ୟକ। ଭୁବନେଶ୍ୱରର ଅଧିକାଂଶ ଅଞ୍ଚଳରେ ପିଏଚ୍ ସ୍ତର ୬.୫ରୁ କମ୍ ରହିଛି। ଝାରସୁଗୁଡ଼ା, ଫୁଲବାଣୀ, କଳାହାଣ୍ଡି, ପୁରୀ ଓ ରାୟଗଡ଼ା ଭଳି ଜିଲ୍ଲାରେ ଆଇରନ୍‌ର ମାତ୍ରା ଅଧିକ ରହିଛି। ବାଲେଶ୍ୱର ଜିଲ୍ଲାର ଭୂତଳ ଜଳରେ ଫ୍ଲୋରାଇଡ ମାତ୍ରା ଅସ୍ୱାଭାବିକ ରହୁଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ଓଡ଼ିଶା ଜଳ ନିଗମର ଜନୈକ ବରିଷ୍ଠ ଅଧିକାରୀ କହିଛନ୍ତି ଯେ ପାନୀୟ ଜଳ ଯୋଗାଣ ପାଇଁ ନଦୀ ଜଳକୁ ବ୍ୟବହାର କରାଯାଉଥିବା ବେଳେ ଅଧିକାଂଶ ସହରରେ ବେଆଇନ ବୋରିଂର ମାତ୍ରା ନିୟନ୍ତ୍ରଣକୁ ଆସୁନାହିଁ। ତେବେ ଜଳ ସମ୍ପଦ ବିଭାଗ ବେଆଇନ ବୋରିଂ ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ଯୋଜନା କରୁଛି। ଭୂତଳ ଜଳର ମାତ୍ରାଧିକ ବ୍ୟବହାରକୁ ରୋକାଗଲେ, ପ୍ରାକୃତିକ ପ୍ରକ୍ରିୟାରେ ଜଳର ସ୍ୱାଭାବିକ ମାନ ଫେରିପାରିବ।

# ୧୩ଟି ନଦୀର ଜଳ ପ୍ରଦୂଷଣ ମୁକ୍ତ



**ଭୁବନେଶ୍ୱର :** ରାଜ୍ୟରେ ନଦୀଜଳ ପ୍ରଦୂଷଣ ସ୍ଥିତିରେ ଆସିଛି ଅନେକ ସୁଧାର। ୨୦୧୮ରେ ରାଜ୍ୟର ମୋଟ ୧୯ଟି ନଦୀରେ ପ୍ରଦୂଷଣ ଥିଲା। ଏହି ରିପୋର୍ଟ ଆସିବା ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ଆକ୍ସନ ପ୍ଲାନ ପ୍ରସ୍ତୁତ କରାଯାଇଥିଲା। ମୁଖ୍ୟ ଶାସନ ସଚିବଙ୍କ ଅଧକ୍ଷତାରେ ସ୍ୱତନ୍ତ୍ର କମିଟି ଗଠନ କରାଯାଇ ନିୟମିତ ତଦାରଖ ସହିତ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଥିଲା। ଫଳରେ ୧୯ଟି ନଦୀ ମଧ୍ୟରୁ ୧୩ଟି ନଦୀର ଜଳ ପ୍ରଦୂଷଣ ମୁକ୍ତ ହୋଇପାରିଛି। ଅବଶିଷ୍ଟ ୬ଟି ନଦୀ ଗଙ୍ଗୁଆ, ଦୟା, କାଠଯୋଡି, ବ୍ରାହ୍ମଣୀ, ସେରୁଆ ଓ ମଙ୍ଗଳାରେ ନଦୀଜଳ ପ୍ରଦୂଷିତ ଥିଲେ ବି ଚିନ୍ତାଜନକ ନୁହେଁ। ତଥାପି ଏହାକୁ ରୋକିବା ପାଇଁ ଜଳସମ୍ପଦ ବିଭାଗ ଓ ନଗର ଉନ୍ନୟନ ବିଭାଗ, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓ ପଞ୍ଚାୟତିରାଜ ବିଭାଗ ଆଦିର ସମନ୍ୱୟ ରକ୍ଷା କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଛି। ମୁଖ୍ୟତଃ ସହରରୁ ନିର୍ଗତ ହେଉଥିବା ବର୍ଜ୍ୟକୁ ନଦୀରେ ଛଡା ଯାଉଥିବାରୁ ନଦୀଜଳ ପ୍ରଦୂଷିତ ହେଉଥିବା ଜଣାପଡିଛି। ଏଥିପାଇଁ ସହରର ବିଭିନ୍ନ ଶିଳ୍ପ ସଂସ୍ଥା ଓ ବର୍ଜ୍ୟଜଳକୁ ନଦୀ ଓ ନାଳରେ ନଛାଡିବାକୁ କଡା ନିର୍ଦ୍ଦେଶନାମା ଜାରି କରାଯାଇଛି। ଏହା ସହିତ ନଦୀଜଳକୁ ସ୍ୱଚ୍ଛ ରଖିବାକୁ ନିୟମିତ ବ୍ୟବଧାନରେ ନାଳରେ ପାଣି ଛାଡିବାକୁ ଜଳସମ୍ପଦ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ନଦୀ କୂଳରେ ଥିବା ରାଉରକେଲା, ସମ୍ବଲପୁର, କଟକ ଓ ଭୁବନେଶ୍ୱର ଆଦି ସହର ଗୁଡିକରେ ମଳ ଉପଚାର କେନ୍ଦ୍ର ପ୍ରତିଷ୍ଠା କରାଯିବା ପରେ ନଦୀରେ ପ୍ରଦୂଷଣ ହ୍ରାସ ପାଇଛି। ଯାହାକୁ ନେଇ ଜାତୀୟ ସବୁଜ ଟ୍ରିବ୍ୟୁନାଲ ସନ୍ତୋଷ ପ୍ରକାଶ କରିବା ସହ ଓଡିଶାକୁ ଏକ୍ଷେତ୍ରରେ ମଡେଲ ବୋଲି ଦର୍ଶାଇଛନ୍ତି। ଫଳରେ ଓଡିଶାର ଏହି ମଡେଲକୁ ଦେଖିବାକୁ ପୂର୍ବରୁ ପଞ୍ଜାବରୁ ସ୍ୱତନ୍ତ୍ର ଟିମ ଆସି ଫେରିଥିବା ବେଳେ ବର୍ତ୍ତମାନ ମଳ ଉପଚାର ପ୍ରକଳ୍ପ ପରିଦର୍ଶନ କରିବାକୁ ଉତ୍ତର ପ୍ରଦେଶ ଓ ଅରୁଣାଚଳ ପ୍ରଦେଶରୁ ଟିମ୍ ଆସୁଛନ୍ତି। ଆବଶ୍ୟକ ପଦକ୍ଷେପ ଗ୍ରହଣ ପରେ ରାଜ୍ୟରେ ପ୍ରଦୂଷିତ ତାଲିକାରେ ଥିବା ସମସ୍ତ ୬ଟି ନଦୀର ସ୍ଥିତିରେ ସୁଧାର ଆସିବ ବୋଲି ଆଶା ରଖିଛନ୍ତି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସଦସ୍ୟ ସଚିବ ଡ. କେ. ମୁରୁଗେସନ। ସାଧାରଣତଃ ଅକ୍ଟୋବର ଓ ନଭେମ୍ବର ମାସରେ ବାୟୁ ପ୍ରଦୂଷଣ ବୃଦ୍ଧି ପାଉଥିବା ବେଳେ ଦିଲ୍ଲୀରେ ସର୍ବାଧିକ ୪ଗୁଣା ବୃଦ୍ଧି ପାଉଛି। ତୁଳନାତ୍ମକ ଭାବେ ଭୁବନେଶ୍ୱରରେ ସାମାନ୍ୟ ବୃଦ୍ଧି ପାଉଥିଲେ ସୁଦ୍ଧା ତାହା ଚିନ୍ତାଜନକ ନଥିବା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସଦସ୍ୟ ସଚିବ କହିଛନ୍ତି।

# ଏଣିକି ତହସିଲରେ ଭର୍ଚୁଆଲ କୋର୍ଟ

**ଭୁବନେଶ୍ୱର :** ଏପ୍ରିଲରୁ ୩୧୭ ତହସିଲରେ କାର୍ଯ୍ୟକାରୀ ହେବ ଭର୍ଚୁଆଲ କୋର୍ଟ। ଆଭାସି ମାଧ୍ୟମରେ ହେବ ଜମି ଜମା ସମ୍ପର୍କୀତ କେସ୍ ଫଇସଲା। ପରୀକ୍ଷାମୂଳକ ଭାବେ ୮୦ଟି ତହସିଲ କାର୍ଯ୍ୟାଳୟରେ ଆରମ୍ଭ ହୋଇଥିବା ବେଳେ ୩ ହଜାର ମାମଲାର ସମାଧାନ ହୋଇଛି। ଆଜି ରାଜସ୍ୱ ବିଭାଗର ବଜେଟ ପରବର୍ତ୍ତୀ ପ୍ରେସମିଟରେ ଏହା କହିଛନ୍ତି ରାଜସ୍ୱ ମନ୍ତ୍ରୀ ପ୍ରମିଳା ମଲ୍ଲିକ। ବିଭାଗର କାର୍ଯ୍ୟକ୍ରମ ବାବଦରେ ସଚେତନତା ପାଇଁ ଗାଁ ଗାଁରେ ରାଜସ୍ୱ ମେଳାର ଆୟୋଜନ କରାଯିବ। ଚଳିତ ବର୍ଷ ୫୪୫ ଏଏସ୍ ଏବଂ ଓଆରଏସ୍ ପଦବୀ ପୂରଣ ହେବ। ଓପିଏସ୍‌ସି ଜରିଆରେ ଏହି ପଦବୀ ପୂରଣ କରାଯିବ। ରାଜସ୍ୱ ବିଭାଗର କର୍ମଚାରୀ ଅଭାବ ଦୂର ପାଇଁ ୫ ହଜାର ନୂଆ ନିଯୁକ୍ତି କରାଯିବ। ଆରଆଇ, ଏଆରଆଇ ଭଳି



ବିଭିନ୍ନ ପଦବୀରେ ନିଯୁକ୍ତି ଦିଆଯିବ। ଭିତ୍ତିଭୂମି ସୁଦୃଢ଼ ଉପରେ ବିଭାଗ ଗୁରୁତ୍ୱ ଦେଉଛି। ଚଳିତ ଥର ୪୩୧ ଆରଆଇ ଅଫିସ ନିର୍ମାଣ ପାଇଁ ବିଭାଗ ନିଷ୍ପତ୍ତି ନେଇଛି। ସବ୍ ରେଜିଷ୍ଟ୍ରାର ଅଫିସରେ ଦୁର୍ନୀତି ରୋକିବାକୁ ସ୍ମାର୍ଟ ସର୍ଭିଲାନସ ବ୍ୟବସ୍ଥା କରାଯାଉଛି। ଏଥିରେ ଅଡିଓ ଭିଜୁଆଲ ବ୍ୟବସ୍ଥା ରହିବ। ଏହା ସହ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଓ କଣ୍ଟ୍ରୋଲ ରୁମ୍ ବ୍ୟବସ୍ଥା ରହିବ। ସେହିପରି ଜମି ଚିହ୍ନଟ ଅସଙ୍ଗତି ଦୂର କରିବାକୁ ହାଇଟେକ୍ ସର୍ଭେ କରାଯିବ। ବିଭିନ୍ନ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ ଉପରେ ବିଭାଗ ଗୁରୁତ୍ୱ ଦେଉଛି। ହସ୍ପିଟାଲରେ ନିରବିଛିନ୍ନ ବିଦ୍ୟୁତ୍ ସେବା ଯୋଗାଇ ଦେବାକୁ ପ୍ରତି ଜିଲ୍ଲା ହସ୍ପିଟାଲରେ ଅଣ୍ଡର କେବଲିଂ ବ୍ୟବସ୍ଥା କରାଯିବ। ଡିଜିଟାଲ ଇଣ୍ଡିଆ ଲ୍ୟାଣ୍ଡ ରେକର୍ଡ ଆଧୁନିକରଣରେ ୨୦ ଜିଲ୍ଲା ଭଲ ପ୍ରଦର୍ଶନ କରିଥିବାରୁ ସମ୍ମାନିତ କରିବେ କେନ୍ଦ୍ର ସରକାର। ଲୋକଙ୍କୁ ତ୍ୱରିତ ସେବା ଯୋଗାଇବା ପାଇ ୫୪ଟି ସେବାରେ ସମୟ ଅବଧି ହ୍ରାସ କରାଯାଇଛି। ମ୍ୟୁଟେସନ, ଜାତିଗତ ପ୍ରମାଣ ପତ୍ର, ଆୟ ପ୍ରମାଣ ପତ୍ର ଭଳି ୫୪ଟି ସେବାର ସମୟ ଅବଧି ହ୍ରାସ କରାଯାଇଛି। ବିପର୍ଯ୍ୟୟ ପରିଚାଳନାରେ ସଫଳତା ପାଇଁ ରାଜ୍ୟ ସରକାରଙ୍କୁ ସୁବାସ ଚନ୍ଦ୍ର ଆପଦା ସମ୍ମାନରେ ସମ୍ମାନିତ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

## ଅପେରା ଓ ମେଲୋଡିରେ ଅଶ୍ଳୀଳତାକୁ ନା'

**ଭୁବନେଶ୍ୱର :** ଅପେରା ଓ ମେଲୋଡିରେ ଅଶ୍ଳୀଳତା ଓ ଦ୍ୱିଅର୍ଥ ବୋଧକ ସଂଳାପ ଉପରେ ଲାଗିଲା କଟକଣା। କଟକଣା ଜାରି କରିଛି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ। ଯାତ୍ରା ଓ ମେଲୋଡିରେ ଅଶ୍ଳୀଳ ଦୃଶ୍ୟକୁ ତୁରନ୍ତ ବନ୍ଦ କରିବା ପାଇଁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ଯାତ୍ରା ଓ ମେଲୋଡି ପାଇଁ ଅନୁମିତ ନେବାବେଳେ ସର୍ତ୍ତାବଳୀରେ ଏହା ସ୍ପଷ୍ଟ ଭାବରେ ଉଲ୍ଲେଖ କରିବାକୁ କୁହାଯାଇଛି। ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲାର ଜିଲ୍ଲାପାଳ ଓ ଏସପିମାନଙ୍କୁ ଏପରି ଚିଠି ଲେଖାଯାଇଛି। ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ଯାତ୍ରା ଓ ମେଲୋଡି ରାଜ୍ୟରେ ରାଜ୍ୟରେ ମନୋରଞ୍ଜନର ଏକ ଲୋକପ୍ରିୟ ମାଧ୍ୟମ। କିନ୍ତୁ ମଞ୍ଚରେ ଅଶ୍ଳୀଳ ନୃତ୍ୟ, ଅଙ୍ଗଭଙ୍ଗୀ, ଦ୍ୱିଅର୍ଥବୋଧକ ସଂଳାପ ଓ ଅଭିନୟ ଦ୍ୱାରା ପରିବାର ସହ ଏଭଳି ଯାତ୍ରା ଦେଖିବା ସମ୍ଭବ ହେଉନି। ଏହାଦ୍ୱାରା ଯୁବପିଢ଼ି ବିପଥଗାମୀ ହେଉଛନ୍ତି। ତେଣୁ ଏହାକୁ ବନ୍ଦ କରିବାକୁ ସଂସ୍କୃତି ବିଭାଗ ସବୁ ଜିଲ୍ଲାପାଳ ଓ ଏସପିଙ୍କୁ ଚିଠି ଲେଖିଛନ୍ତି। ଏଥିରେ ଖିଲାପ କଲେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଚିଠିରେ ଉଲ୍ଲେଖ ରହିଛି। ସଂସ୍କୃତି ବିଭାଗର ଏଭଳି ନିର୍ଦ୍ଦେଶନମାକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି।

**ଖରାଦିନିଆ ଜଳ ସମସ୍ୟା ନେଇ ରାଜ୍ୟ ସରକାରଙ୍କ ଆଗୁଆ ପଦକ୍ଷେପ**

# ଜଳକ୍ଲିଷ୍ଟ ଅଞ୍ଚଳରେ ଟ୍ୟାଙ୍କର ମାଧ୍ୟମରେ ହେବ ଜଳ ଯୋଗାଣ

ଭୁବନେଶ୍ୱର: ଖରା ଦିନିଆ ଜଳ ସମସ୍ୟା ସମାଧାନ ନିମନ୍ତେ ସରକାରଙ୍କ ପକ୍ଷରୁ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇ ଥିଲା । ଉଭୟ ଗ୍ରାମ୍ୟ ଓ ସହରାଞ୍ଚଳରେ ପାନୀୟ ଜଳ ଯୋଗାଣକୁ ସୁଗମ କରିବାକୁ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଗ୍ରାମାଞ୍ଚଳରେ ଚଳିତ ମାସ ଶେଷ ସୁଦ୍ଧା ସମସ୍ତ ନଳକୂପ ମରାମତି କରିବା, ମରାମତି ଯନ୍ତ୍ର କ୍ରୟ ନିମନ୍ତେ କମିଟି ଗଠନ, ଜଳ ଯୋଗାଣ ଉତ୍ସ ଯାଞ୍ଚ, ଭ୍ରାମ୍ୟମାଣ ଟିମ୍ ମାଧ୍ୟମରେ ଜଳ ଯୋଗାଣ ପ୍ରକ୍ରିୟା ତ୍ୱରାନ୍ୱିତ କରିବା ଏବଂ ଜଳକ୍ଲିଷ୍ଟ ଅଞ୍ଚଳରେ ଟ୍ୟାଙ୍କର ମାଧ୍ୟମରେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବାକୁ ବିଭାଗ ଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି । ସେହିଭଳି ସମସ୍ତ ସ୍କୁଲ ଓ ଅଙ୍ଗନାବାଡ଼ି କେନ୍ଦ୍ରରେ ଜଳ ଯୋଗାଣକୁ ସୁନିଶ୍ଚିତ କରିବା, ବିଭିନ୍ନ ସ୍ଥାନରେ ଜଳଛତ୍ର ଖୋଲିବା, ସକାଳ ୮ ଘଟିକା ଠାରୁ ସଂଧ୍ୟା ୮ ଘଟିକା ପର୍ଯ୍ୟନ୍ତ ପ୍ରତ୍ୟେକ ବ୍ଲକରେ ନିୟନ୍ତ୍ରଣ କକ୍ଷ କାର୍ଯ୍ୟକ୍ଷମ କରିବା, ପାନୀୟ ଜଳ ସଂକ୍ରାନ୍ତୀୟ ସମସ୍ତ ଅଭିଯୋଗର ତୁରନ୍ତ ସମାଧାନ ନିମନ୍ତେ ପଦକ୍ଷେପ ନେବାକୁ ଜିଲ୍ଲାପାଳ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ସେହିଭଳି ସହରାଞ୍ଚଳରେ ମଧ୍ୟ ଖରାଦିନିଆ ପାନୀୟ ଜଳଯୋଗଣକୁ ସୁନିଶ୍ଚିତ କରିବା ପାଇଁ ପକ୍ରିୟା ଆରମ୍ଭ ହୋଇଛି । ସମସ୍ତ ୧୧୫ଟି ସହରାଞ୍ଚଳରେ ପାନୀୟଜଳ ବ୍ୟବସ୍ଥକୁ ସୁଦୃଢ଼ କରାଯିବ । ଜଳକ୍ଲିଷ୍ଟ ଅଞ୍ଚଳରେ ପ୍ରାୟ ୩ ହଜାର ପି.ଭି.ସି ଟ୍ୟାଙ୍କ ବସାଯାଇ ୨୨୫ ଟି ଟ୍ୟାଙ୍କର ମାଧ୍ୟମରେ ନିୟମିତ ଭାବେ ଜଳ ଯୋଗାଣ କରାଯିବା ସଂପର୍କରେ ଗୃହ ଓ ନଗର ବିଭାଗ ପକ୍ଷରୁ ବୈଠକରେ ସୂଚନା ଦିଆଯାଇଥାଇଲା । ସହରାଞ୍ଚଳରେ ନିୟୋଜିତ ୭୫୬ ଜଣ ଜଳସାଥିଙ୍କ ମାଧ୍ୟମରେ ପାନୀୟଜଳ ସଂପର୍କିତ ବିଭିନ୍ନ ଅଭିଯୋଗ ଗ୍ରହଣ ଏବଂ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ ବିଭାଗ ପକ୍ଷରୁ ଖୋଲାଯିବ। ଦୈନିକ ପ୍ରାୟ ଦେଢ଼ ଲକ୍ଷ ଘରକୁ ୯୭ ଲକ୍ଷ ମିଲିୟନ ଲିଟର ଜଳ ଯୋଗାଣ କରାଯିବା ନେଇ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ଉକ୍ତ ବୈଠକରେ ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା, ମୁଖ୍ୟମନ୍ତ୍ରୀଙ୍କ ସଚିବ (୫ଟି) ଭି.କେ ପାଣ୍ଡିଆନ୍, ପଞ୍ଚାୟତି ରାଜ ଓ ପାନୀୟଜଳ ବିଭାଗ ପ୍ରମୁଖ ସଚିବ ସୁଶିଲ୍ କୁମାର ଲୋହାନୀ, ଗୃହ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ସଚିବ ଜି. ମାଥିଭାଥନନ୍ ଏବଂ ବିଭାଗୀୟ ନିର୍ଦ୍ଦେଶ ପ୍ରମୁଖ ଉପସ୍ଥିତ ଥିଲେ।

**ବିଧାନସଭାରେ ଖୁବ୍‌ଶୀଘ୍ର ଉପସ୍ଥାପନ କରାଯିବ ନୂଆ ଆପାର୍ଟମେଣ୍ଟ ମାଲିକାନା ବିଲ୍**

# ଆଇଜିଆର୍ ଓ ଖଣ୍ଡଗିରି ସବ୍-ରେଜିଷ୍ଟ୍ରାରଙ୍କୁ ବ୍ୟକ୍ତିଗତ ହାଜିରା ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

**କଟକ :** ଖୁବ୍ ଶୀଘ୍ର ନୂଆ ଓଡ଼ିଶା ଆପାର୍ଟମେଣ୍ଟ ଓନରସିପ୍ ଆଇନ ଆସିବ। ହାଇକୋର୍ଟରେ ଏ ସଂପର୍କିତ ମାମଲାର ଶୁଣାଣି ସମୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ଉପସ୍ଥାପନ କରାଯାଇଥିବା ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ମାର୍ଚ୍ଚ ୩ର ତଥ୍ୟ ଅନୁସାରେ ଓଡ଼ିଶା ଆପାର୍ଟମେଣ୍ଟ (ଓନରସିପ୍ ଆଣ୍ଡ ମ୍ୟାନେଜମେଣ୍ଟ) ବିଲ୍, ୨୦୨୩କୁ ସଂସଦୀୟ ବ୍ୟାପାର ବିଭାଗକୁ ପଠାଇ ଦିଆଯାଇଛି। ରାଜ୍ୟ କ୍ୟାବିନେଟ୍ରେ ଅନୁମୋଦନ ପରେ ବିଲ୍କୁ ବିଧାନସଭାରେ ଆସନ୍ତା ଏପ୍ରିଲ୍ ୬ ସୁଦ୍ଧା ଉପସ୍ଥାପନ କରାଯିବ। ଚଳିତ ବିଧାନସଭା ଅଧିବେଶନରେ ଏହି ବିଲ୍ ଉପସ୍ଥାପନ କରାଯିବା ଉପରେ ମୁଖ୍ୟ ବିଚାରପତି ଡକ୍ଟର୍ ଜଷ୍ଟିସ୍ ଏସ୍. ମୁରଲୀଧର ଓ ଜଷ୍ଟିସ୍ ଏମ୍.ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଗୁରୁତ୍ୱାରୋପ କରିଛନ୍ତି। ଏଥି ସହିତ ନିୟମ ଉଲ୍ଲଂଘନ କରି ଆପର୍ଟମେଣ୍ଟ ବିକ୍ରି ରାଜିନାମା ପଞ୍ଜୀକରଣ



କରାଯାଉଥିବା ଅଭିଯୋଗ ନେଇ ଦାୟର ଅଦାଲତ ଅବମାନନା ମାମଲାର ହାଇକୋର୍ଟ ଶୁଣାଣି କରି ମାର୍ଚ୍ଚ ୨୨ରେ ଇନ୍ସପେକ୍ଟର୍ ଜେନେରାଲ ଅଫ୍ ରେଜିଷ୍ଟ୍ରେସନ୍ (ଆଇଜିଆର) ଓ ଭୁବନେଶ୍ୱର ଖଣ୍ଡଗିରି ସବ୍-ରେଜିଷ୍ଟ୍ରାରଙ୍କୁ ବ୍ୟକ୍ତିଗତ ଭାବେ ହାଜର ହେବାକୁ ନିର୍ଦ୍ଦେଶ ଦେଇଛନ୍ତି। ବିମଳେନ୍ଦୁ ପ୍ରଧାନଙ୍କ ପକ୍ଷରୁ ଦାୟର ଅଦାଲତ ଅବମାନନା ମାମଲାର ହାଇକୋର୍ଟ ଶୁଣାଣି କରି ଆଇଜିଆର୍ ଓ ଖଣ୍ଡଗିରି ସବ୍-ରେଜିଷ୍ଟ୍ରାରଙ୍କୁ ନୋଟିସ୍ ଜାରି କରିବା ସହିତ ପରବର୍ତ୍ତୀ ଶୁଣାଣି ସମୟରେ ଭର୍ଚୁଆଲ ବ୍ୟବସ୍ଥାରେ ହାଜର ହୋଇ କାରଣ ଦର୍ଶାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆପାର୍ଟମେଣ୍ଟ ପାଇଁ ୨୦୨୨, ସେପ୍ଟେମ୍ବର୍‌ରେ ସଂଶୋଧିତ ନିୟମାବଳୀ ଅନୁସାରେ ଓରେରା ଅନୁମୋଦିତ ବିକ୍ରି ରାଜିନାମା ଅନୁସରଣ କରାଯିବ ବୋଲି ନିର୍ଦ୍ଦେଶ ଦିଆଯାଇଥିଲା। କିନ୍ତୁ ଏହି ନିୟମକୁ ପାଳନ ନ କରି ଆପାର୍ଟମେଣ୍ଟ ବିକ୍ରି ପାଇଁ ରାଜିନାମା ପଞ୍ଜୀକରଣ କରାଯାଇଛି ବୋଲି ଅଦାଲତ ଅବମାନନା ମାମଲାରେ ଦର୍ଶାଯାଇଛି। ସେହିଭଳି ଭାବେ ରେରା ଆଇନ ଆସିବା ପରେ ଆପାର୍ଟମେଣ୍ଟ ସଂପୂର୍ଣ୍ଣ ସଂପର୍କିତ ପ୍ରମାଣପତ୍ର ଜାରି ସଂକ୍ରାନ୍ତରେ ମଧ ଓରେରାକୁ ଦୁଇ ସପ୍ତାହ ଭିତରେ ଜବାବ ଦାଖଲ ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ମୋହିତ ଅଗ୍ରୱାଲ ଓ ଓରେରା ତରଫରୁ ଆଇନଜୀବୀ ବିଭୁପ୍ରସାଦ ତ୍ରିପାଠୀ ମାମଲା ପରିଚାଳନା କରୁଛନ୍ତି।

# 'ଏସ୍‌ଏଚ୍‌ଜି ମହିଳାଙ୍କୁ ଉଦ୍ୟୋଗୀରେ ପରିଣତ କରିବା ମିଶନ ଶକ୍ତିର ଲକ୍ଷ୍ୟ'

**ଭୁବନେଶ୍ୱର :** ମିଶନ ଶକ୍ତି ଓଡ଼ିଶାର ୭୦ ଲକ୍ଷରୁ ଅଧିକ ମହିଳାଙ୍କ ଜୀବନରେ ପରିବର୍ତ୍ତନ ଆଣିଛି। ଏଥି ନିମନ୍ତେ ମହିଳାମାନଙ୍କୁ ୬ ଲକ୍ଷରୁ ଅଧିକ ସ୍ୱୟଂ ସହାୟକ ଗୋଷ୍ଠୀରେ ସଂଗଠିତ କରି ରୋଜଗାରଭିତ୍ତିକ କାର୍ଯ୍ୟକ୍ରମ ଏବଂ ବିଭିନ୍ନ ସରକାରୀ ଯୋଜନାରେ ସଂପୃକ୍ତ କରାଇ ସଶକ୍ତ କରାଯାଉଛି। ନିରନ୍ତର ଆର୍ଥିକ ସହାୟତା, ଦକ୍ଷତା ବିକାଶ ତାଲିମ ଏବଂ ନୂତନ ଜୀବିକାର ରାହା ଦେଖାଇ ରାଜ୍ୟ ସରକାର ପ୍ରତ୍ୟେକ ମହିଳାଙ୍କ ମନରେ ଆତ୍ମବିଶ୍ୱାସ ଏବଂ ଗର୍ବର ଭାବନା ସୃଷ୍ଟି କରିଛନ୍ତି ବୋଲି ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ମନ୍ତ୍ରୀ ଶ୍ରୀମତୀ ବାସନ୍ତୀ ହେମ୍ବ୍ରମ୍ କହିଛନ୍ତି। ଗୀତ ଗୋବିନ୍ଦ ସଦନଠାରେ ମିଶନ ଶକ୍ତି ବିଭାଗ ଦ୍ୱାରା ଆଗତ ୨୦୨୩-୨୪ ମସିହା ବଜେଟ ମୁଖ୍ୟାଂଶ ସଂପର୍କରେ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସୂଚନା ଦେଇ ମନ୍ତ୍ରୀ ଶ୍ରୀମତୀ ହେମ୍ବ୍ରମ୍ କହିଛନ୍ତି ଯେ ରାଜ୍ୟ ସରକାର ୨୦୨୩-୨୪ ଆର୍ଥିକ ବର୍ଷରେ ମିଶନ ଶକ୍ତି ବିଭାଗ ପାଇଁ ୨,୫୫୪ କୋଟି ଟଙ୍କାର ବଜେଟ ବ୍ୟବସ୍ଥା କରିଛନ୍ତି, ଯାହା ଗତ ବର୍ଷର ବଜେଟ ତୁଳନାରେ ୨୭ ପ୍ରତିଶତ ଅଧିକ। ଗତିଶୀଳତା ହେଉଛି ସଶକ୍ତିକରଣ ବୋଲି ଉଲ୍ଲେଖ କରି ମନ୍ତ୍ରୀ ଶ୍ରୀମତୀ ହେମ୍ବ୍ରମ୍ କହିଛନ୍ତି ଯେ ମିଶନ ଶକ୍ତି ସ୍କୁଟର ଯୋଜନାରେ କମ୍ୟୁନିଟି ସପୋର୍ଟ ଷ୍ଟାଫ୍ ଏବଂ କାର୍ଯ୍ୟନିର୍ବାହୀ କମିଟିର ସଦସ୍ୟାଙ୍କ ପାଇଁ ବୈଦ୍ୟୁତିକ ସ୍କୁଟର ନିମନ୍ତେ ସହାୟତା ଯୋଗାଇ ଦିଆଯିବ। ଏହି ଯୋଜନା ଅଧିନରେ ଇଲେକ୍ଟ୍ରିକ୍ ସ୍କୁଟର କ୍ରୟ ପାଇଁ ଦିଆଯାଉଥିବା ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବ୍ୟାଙ୍କ ଋଣ ଉପରେ ସଂପୂର୍ଣ୍ଣ ସୁଧ ରିହାତି ପ୍ରସ୍ତାବ ଦିଆଯାଇଛି। ଏଥି ପାଇଁ ୫୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି ବୋଲି ସେ ପ୍ରକାଶ କରିଛନ୍ତି। ମନ୍ତ୍ରୀ ଶ୍ରୀମତୀ ହେମ୍ବ୍ରମ୍ ପୁଣି କହିଛନ୍ତି ଯେ ମିଶନ ଶକ୍ତି ବିଭାଗ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ଉଦ୍ୟୋଗୀରେ ପରିଣତ କରିବାକୁ ଲକ୍ଷ୍ୟ ରଖିଛି। ଏଥିପାଇଁ ରାଜ୍ୟ ସରକାର ପ୍ରତ୍ୟେକ ଜିଲ୍ଲାରେ ଗୋଟିଏ ଲେଖାଏଁ ଇଣ୍ଡଷ୍ଟ୍ରିଆଲ୍ ପାର୍କ ପ୍ରତିଷ୍ଠା କରିବା ପାଇଁ ଅନୁମୋଦନ କରିଛନ୍ତି। ଇଣ୍ଡଷ୍ଟ୍ରିଆଲ ପାର୍କ ପ୍ରତିଷ୍ଠା ପାଇଁ ୧୫୦ କୋଟି




ଟଙ୍କାର ବ୍ୟୟବରାଦ କରାଯାଇଛି। ସେହିପରି ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କୁ ଉଦ୍ୟୋଗୀରେ ରୂପାନ୍ତରଣ କରିବା ଦିଗରେ ପ୍ରୋତ୍ସାହନ ଦେବା ପାଇଁ ରାଜ୍ୟ ସରକାର ବିନା ସୁଧରେ ମିଶନ ଶକ୍ତି ଋଣକୁ ୩ ଲକ୍ଷ ଟଙ୍କାରୁ ୫ ଲକ୍ଷ ଟଙ୍କାକୁ ବୃଦ୍ଧି କରିଛନ୍ତି। ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ୧୦ ହଜାର କୋଟି ଟଙ୍କାର ବ୍ୟାଙ୍କ ଋଣ ଯୋଗାଇ ଦେବା ପାଇଁ ୨୨୦ କୋଟି ଟଙ୍କାର ସୁଧ ଫେରସ୍ତ ବ୍ୟବସ୍ଥା କରାଯାଇଛି। ମା'ମାନଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ସୁଧରିହାତି ଫେରସ୍ତ କରାଯାଉଛି ବୋଲି ମନ୍ତ୍ରୀ ଶ୍ରୀମତୀ ହେମ୍ବ୍ରମ୍ କହିଛନ୍ତି। ମିଶନ ଶକ୍ତି ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀମତୀ ସୁଜାତା କାର୍ତ୍ତିକେୟନ୍ କହିଛନ୍ତି ଯେ ସ୍ୱୟଂ ସହୟକ ଗୋଷ୍ଠୀମାନଙ୍କୁ ଉଦ୍ୟୋଗୀରେ ପରିଣତ କରିବା ପାଇଁ ତାଲିମ, ଜୀବନଜୀବିକା ଓ ଦକ୍ଷତା ବିକାଶ ଉପରେ ମିଶନ ଶକ୍ତି ବିଭାଗ ଦ୍ୱାରା ଗୁରୁତ୍ୱ ଦିଆଯାଉଛି। ବ୍ଲକ୍ ସ୍ତରରେ କୃଷି ପ୍ରକ୍ରିୟାକରଣ, ବିୟୁଟି, ଡିଜିଟାଲ ଓ ବିଜିନେସ୍ ମ୍ୟାନେଜ୍ମେଣ୍ଟ, ଫ୍ୟାସନ୍ ଡିଜାଇନିଂ, କାଫେ ଏବଂ ଖାଦ୍ୟ ପ୍ରସ୍ତୁତି ଇତ୍ୟାଦି ଉପରେ ତାଲିମ ପାଇଁ ୭୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଆଗାମୀ ପାଞ୍ଚ ବର୍ଷ ମଧ୍ୟରେ ସାରା ରାଜ୍ୟରେ ୫୦୦ଟି ମିଶନ ଶକ୍ତି ବଜାର ପ୍ରତିଷ୍ଠା କରାଯିବ। ଆସନ୍ତା ପାଞ୍ଚ ବର୍ଷ ମଧ୍ୟରେ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକୁ ୧୦ ହଜାର କୋଟି ଟଙ୍କା ମୂଲ୍ୟର ସରକାରୀ ବ୍ୟବସାୟ ଯୋଗାଇବାକୁ ରାଜ୍ୟ ସରକାର ଯୋଜନା କରିଛନ୍ତି। ଏଥିପାଇଁ ୩୭୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି ବୋଲି ଶ୍ରୀମତୀ କାର୍ତ୍ତିକେୟନ୍ କହିଛନ୍ତି। ଶ୍ରୀମତୀ କାର୍ତ୍ତିକେୟନ୍ ସାମ୍ବାଦିକମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେବା ଅବସରରେ କହିଛନ୍ତି ଯେ ୩୦ ଗୋଟି ଜିଲ୍ଲାସ୍ତରୀୟ ମିଶନ ଶକ୍ତି ମହାସଂଘକୁ ୧ କୋଟି ଟଙ୍କା ଲେଖାଏଁ ଆବର୍ତ୍ତନ ପାଣ୍ଠି ପ୍ରଦାନ ବ୍ୟବସ୍ଥା କରାଯାଇଛି। ୩୩୮ ଗୋଟି ବ୍ଲକ୍‌ସ୍ତରୀୟ ମହାସଂଘକୁ ୫୦ ଲକ୍ଷ ଟଙ୍କା ଲେଖାଏଁ ଆବର୍ତ୍ତନ ପାଣ୍ଠି ପ୍ରଦାନ ବ୍ୟବସ୍ଥା କରାଯାଇଛି। ପ୍ରତ୍ୟେକ ଜିଲ୍ଲା ଓ ବ୍ଲକ୍‌ତରୀୟ ମହାସଂଘର ଦୈନନ୍ଦିନ କାର୍ଯ୍ୟ ପରିଚାଳନା ପାଇଁ ଆର୍ଥିକ ସହାୟତାର ବ୍ୟବସ୍ଥା କରାଯାଇଛି। ଗ୍ରାମ ପଞ୍ଚାୟତ ସ୍ତରୀୟ ମହାସଂଘ କାର୍ଯ୍ୟାଳୟ ନିମନ୍ତେ ଭିତ୍ତିଭୂମିର ବ୍ୟବସ୍ଥା କରାଯାଇଛି। ବ୍ଲକ୍ ଓ ପଞ୍ଚାୟତ ସ୍ତରୀୟ ମହାସଂଘର କାର୍ଯ୍ୟନିର୍ବାହୀ କମିଟି ସଦସ୍ୟାଙ୍କ ପାଇଁ ବୈଠକ ଓ ଗସ୍ତ ଭତ୍ତାର ମଧ୍ୟ ବ୍ୟବସ୍ଥା କରାଯାଇଛି। ଏହି ସବୁ ବ୍ୟବସ୍ଥା ନିମନ୍ତେ ବାର୍ଷିକ ୨୬୬.୫୭ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି ବୋଲି ଶ୍ରୀମତୀ କାର୍ତ୍ତିକେୟନ୍ ପ୍ରକାଶ କରିଛନ୍ତି। ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କର ନିୟମିତ ବୈଠକ ଓ ତାଲିମ ସହିତ ସ୍ୱୟଂ ସହାୟକ ଗୋଷ୍ଠୀ ସାମଗ୍ରୀର ବିକ୍ରି ବ୍ୟବସ୍ଥା ନିମନ୍ତେ ପ୍ରତ୍ୟେକ ଗ୍ରାମ ପଞ୍ଚାୟତ ଏବଂ ୱାର୍ଡରେ ମିଶନ ଶକ୍ତି ଗୃହ ଏବଂ ବ୍ଲକ୍ ଓ ଜିଲ୍ଲାସ୍ତରରେ ମିଶନ ଶକ୍ତି ଭବନ ନିର୍ମାଣ କରାଯାଉଛି। ସେହିଭଳି ପ୍ରତ୍ୟେକ ଗ୍ରାମ ପଞ୍ଚାୟତ ସ୍ତରୀୟ ସଂଘ ପାଇଁ କାର୍ଯ୍ୟାଳୟ ସହିତ ମାର୍କେଟ କମ୍ପ୍ଲେକ୍ସ ବ୍ୟବସ୍ଥା କରାଯାଇଛି। ଏଥି ନିମନ୍ତେ ୩୨୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି ବୋଲି ଶ୍ରୀମତୀ କାର୍ତ୍ତିକେୟନ୍ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି।



ସୁଖ ପାଖରେ ଜ୍ଞାନ
ନଥାଏ। ଯିଏ ଜ୍ଞାନୀ
ସେ ସୁଖ ପଛରେ
ଗୋଡ଼ାଏ ନାହିଁ।

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୧୩ - ୧୯ ମାର୍ଚ୍ଚ, ୨୦୨୩

# ରାଜନୀତି ବନାମ ସ୍ୱଚ୍ଛତା

ନେତା, ନେତୃତ୍ୱ ଓ ରାଜନୀତି ଆଜିର ଦିନରେ ଯଦିଓ ବଡ଼ ପ୍ରସଙ୍ଗ ନହୋଇପାରେ ତଥାପି ଓଡିଶା ରାଜନୀତିକୁ ନେଇ ଏଭଳି କିଛି ପ୍ରଶ୍ନ ଆପେ ସୃଷ୍ଟି ହେଉଛି। ଏହାର କାରଣ ଭାବେ ଦେଖାଗଲେ ଜଣାଯାଏ ଦୀର୍ଘବର୍ଷ ରାଜ୍ୟର ଶାସନ କ୍ଷମତା ଯେଉଁ ନିର୍ଦ୍ଦିଷ୍ଟ ଦଳ ପାଖରେ ରହିଛି, ଏହା ଆହୁରି କେତେବର୍ଷ ଓଡିଶାକୁ ଶାସନ କରିବ। କାରଣ ଯେଉଁଠି ପରିବାରବାଦ ଗଣତନ୍ତ୍ର ପାଇଁ ବିପଦ ବୋଲି କୁହାଯାଉଛି, ସେଠାରେ ବିନା ପରିବାରବାଦ ରାଜନୀତି ସମ୍ଭବ ବୋଲି ଭାବି ହୁଏକି ? ରାଜ୍ୟର ଅନେକ ବରିଷ୍ଠ ନେତା ସେମାନଙ୍କ ପିଲାମାନଙ୍କୁ ରାଜନୀତି କରିବା ପାଇଁ ପ୍ରୋତ୍ସାହନ, ଯୋଜନା ଓ କୌଶଳ ଦ୍ୱାରା ଏଣ୍ଟ୍ରି ଦେଉଛନ୍ତି। ସତେଯେପରି ଏହି ନେତା ମନ୍ତ୍ରୀଙ୍କ ପିଲାମାନେ ରାଜନୀତିକୁ ନଆସିଲେ ରାଜ୍ୟ ଭାସିଯିବ। ତେଲିଆ ମୁଣ୍ଡରେ ତେଲ ପରି ଥିଲାବାଲା ଲୋକଙ୍କୁ ଏଭଳି ସୁଯୋଗ ମିଳୁଛି। କହିବାର କଥା ହେଉଛି ଯଦି ଗଣତନ୍ତ୍ର ପରିବାରବାଦ ଠାରୁ ଉର୍ଦ୍ଧ୍ୱରେ ଓ ଦେଶରେ ସମସ୍ତଙ୍କର ସମାନ ଅଧିକାର ରହିଛି ସେଭଳି କ୍ଷେତ୍ରରେ ଜଣେ ଗରିବ ଲୋକ ରାଜନୀତିକୁ ଆସିବାରେ ଅସୁବିଧା କେଉଁଠି ରହୁଛି। ହଁ ଆଜ୍ଞା,ଅସୁବିଧା ଅଛି।ତାହା ହେଉଛି ବର୍ତ୍ତମାନର ନିର୍ବାଚନ ଧାରା ଓ ପ୍ରଚାର ଖର୍ଚ୍ଚ ତୁଲାଇବା ସାଧାରଣ ପ୍ରାର୍ଥୀଙ୍କ ପକ୍ଷେ ଆଦୌ ସମ୍ଭବ ନୁହେଁ। ବ୍ୟୟବହୁଳ ରାଜନୀତି ଯୋଗୁ ଯେଉଁମାନେ ଏହାକୁ ତୁଲାଇ ପାରିବେ ସେମାନଙ୍କ ଯୋଗ୍ୟତା ନଥିଲେ ସୁଦ୍ଧା ସିଏ ରାଜନୀତିରେ ପ୍ରବେଶ କରିବେ, ନିର୍ବାଚନ ଜିତିବେ ଓ କ୍ଷମତା ଉପଭୋଗ କରିପାରିବେ। ଉପରକୁ ସବୁଥିରେ ସ୍ୱଚ୍ଛତାର କଥା କହୁଥିଲେ ବି କୌଣସି ନେତା ଓ ଦଳ ସ୍ୱଚ୍ଛ ନୁହନ୍ତି ବୋଲି ଜନତା ବୁଝିଥିଲେ ସୁଦ୍ଧା ସ୍ୱଚ୍ଛ ସରକାର ଗଠନ ପ୍ରସଙ୍ଗ ଆସିଲେ ସମସ୍ତେ ଚୁପ। ଏହାର କାରଣ ଯେଉଁ ସାଧାରଣ ଜନତା ମତ ସାବ୍ୟସ୍ତ ଗୃହକୁ ଆସନ୍ତି, ସେଠାରେ ବୁଦ୍ଧିଜୀବୀଙ୍କ ସଂଖ୍ୟା କମ।ଆଉ ଯିଏ ପ୍ରାର୍ଥୀଙ୍କ ପ୍ରଚାର ସମୟରେ ବୁଲନ୍ତି ଓ ଜିନ୍ଦାବାଦ କରନ୍ତି ସେମାନେ ମାଗଣାରେ ଏହା କରିନଥାନ୍ତି। ଯେହେତୁ ପଇସାଖିଆ ସ୍ଲୋଗାନ ଦେଉଛନ୍ତି ସେଠାରେ ସେମାନେ ଦଳୀୟ ଚିହ୍ନ ବା ନେତାଙ୍କ ଭାବମୂର୍ତ୍ତି ଦେଖୁନାହାନ୍ତି। ଯିଏ ଅଧିକ ଖର୍ଚ୍ଚ, ଖାଦ୍ୟ, ପାନୀୟ ଦେଲେ ସେହି ନେତାଙ୍କ ପ୍ରଚାର ମାଟି ଦୁଲୁକେଇ ଦେଲା। ଏହାପରେ ନିର୍ବାଚିତ ପ୍ରତିନିଧି କ୍ଷମତା ଉପଭୋଗ କରିବାର ପାଳି। ଯେଉଁ ନେତା ଶାସକ ଦଳରେ ରହିଲେ କିଏ ମନ୍ତ୍ରୀ ତ ଆଉକିଏ ଅନ୍ୟ ପଦପଦବୀରେ ରହି ନୂଆ ନୂଆ କିଛିଦିନ ଭୋଟରଙ୍କ ଗୁହାରି ଶୁଣିବା ହେଉ କି ନିର୍ବାଚନ ପ୍ରଚାର ବେଳେ ଜନତାଙ୍କୁ ଦେଇଥିବା ପ୍ରତିଶୃତି ନିଶ୍ଚୟ ପାଳନ କରିବେ ବୋଲି ବିବୃତି ଦେଇଥାନ୍ତି। ହେଲେ ବାସ୍ତବରେ ଏହା କେତେଦୂର ପାଳନ ହୁଏ ତାହା ଜନତା ଭଲଭାବେ ଜାଣିଥିଲେ ସୁଦ୍ଧା ପାଞ୍ଚବର୍ଷ ପାଇଁ ଆଉକିଛି ସ୍ୱର ଉଠାଇପାରନ୍ତି ନାହିଁ। ପୁଣି ପାଞ୍ଚବର୍ଷକୁ ଅପେକ୍ଷା, ସମସ୍ୟା ମନ୍ଥର ଗତିରେ ସମାଧାନ ଚାଲିଥାଏ। ସବୁ କାମ ଯଦି ସଠିକ ହେଉଥାନ୍ତା ମନ୍ତ୍ରୀ, ନେତା ଜନତାଙ୍କୁ ବାରମ୍ବାର ପ୍ରତିଶୃତି ଦେଉନଥାନ୍ତେ। ଯେହେତୁ ଭ୍ରଷ୍ଟାଚାର ଓ ଦୁର୍ନୀତି ବଢିଚାଲିଛି, ସେହେତୁ ବିକାଶ ଠିକ ଢଙ୍ଗରେ ହେଉନାହିଁ। ଯାହାଫଳରେ ମନ୍ଥର ବିକାଶର ମୁକାବିଲା ପାଇଁ ଶାସକ ନୂଆ ନୂଆ ଫନ୍ଦି କରୁଛନ୍ତି।



ସମ୍ପାଦକୀୟ
ତାରକ ମହାନ୍ତି

ଭ୍ରଷ୍ଟାଚାର ଉପରେ ଘୋଡଣି ଦେଇ ତାହାକୁ ଭୋଟରଙ୍କ ଦୃଷ୍ଟି ଆଢୁଆଳରେ ରଖିବା ପାଇଁ ଯଥେଷ୍ଟ ଚେଷ୍ଟା କରାଯାଉଛି। ମଝିରେ ମଝିରେ ଦୁର୍ନୀତିଖୋରଙ୍କ ଉପରେ ଲୋକଦେଖାଣିଆ କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ଯାହାକୁ ଦେଖି ଶୁଣି ଭୋଟର ଶାସନ ଉପରେ ଆସ୍ଥା ପ୍ରକଟ କରିଛନ୍ତି। ବର୍ତ୍ତମାନର ଶାସନ ଶୈଳୀ ସମ୍ପୂର୍ଣ୍ଣ ଅମଲାତାନ୍ତ୍ରିକ ବୋଲି ବାରମ୍ବାର ଅଭିଯୋଗ ସତ୍ତ୍ୱେ ଏଥିରେ କିଛି ପରିବର୍ତ୍ତନ ଘଟୁନାହିଁ। ଯାହାକୁ ନେଇ ବିରୋଧୀ ଦଳ ତୁମ୍ବି ତୋଫାନ କରୁଥିଲେ ମଧ୍ୟ ସରକାର ଏହାକୁ ଭୃକ୍ଷେପ କରୁନାହାନ୍ତି। ବିରୋଧୀ ଓ ସରକାରଙ୍କ ଆଭିମୁଖ୍ୟକୁ ଦେଖିଲେ ଜଣାପଡେ ଯେ,ସରକାର ଯେତେବେଳେ ବିକାଶକୁ ମୁଖ୍ୟ ଆୟୁଧ କରିଛନ୍ତି ସେଥିରେ ବିରୋଧୀଙ୍କ ବିରୋଧ ଠିକ ନୁହେଁ। ଏବେ ମୋ ସରକାର ଓ ୫ଟି ରାଜ୍ୟ ବିକାଶକୁ ଦ୍ରୁତ ଗତି ଦେଇଥିବା କୁହାଯାଉଛି। ସେଥିପାଇଁ କଥା ଉପରେ ଗୁରୁତ୍ୱ ନଦେଇ କାର୍ଯ୍ୟକୁ ଗୁରୁତ୍ୱ ଦିଆଯାଉଛି ବୋଲି ମୁଖ୍ୟମନ୍ତ୍ରୀ ବାରମ୍ବାର କହୁଛନ୍ତି। ହେଲେ ବିରୋଧୀଙ୍କ ଅଭିଯୋଗ ସରକାର ଗଣତନ୍ତ୍ରକୁ ବିଶ୍ୱାସ ନକରି ନିଜ ଢଙ୍ଗରେ ସରକାର ଚଳାଇଛନ୍ତି। ନବ ଦାସ ହତ୍ୟାକାଣ୍ଡ ଘଟଣା ହେଉ କି ପରୀ ହତ୍ୟାକାଣ୍ଡ, ସବୁ ଘଟଣାରେ ସରକାର କ୍ରାଇମବ୍ରାଞ୍ଚ ହାତକୁ ତଦନ୍ତ ଦାୟିତ୍ୱ ଦେଇଛନ୍ତି। ହେଲେ ଏହା ସଠିକ ମାର୍ଗରେ ହେଉନଥିବା ମଧ୍ୟ ଅଭିଯୋଗ ହେଉଛି। ଅର୍ଚ୍ଚନା ନାଗ ମାମଲାରେ ଏଭଳି କିଛି ଦେଖିବାକୁ ମିଳିଛି। ଅର୍ଚ୍ଚନା ଗିରଫ ହେବା ପୂର୍ବରୁ ଶୁଣାଗଲା ଯେ, ଅର୍ଚ୍ଚନା ଡାଏରୀରେ ଅଛି ଅନେକ ଗୋପନ ତଥ୍ୟ। ଅର୍ଚ୍ଚନା ମଧ୍ୟ କୋର୍ଟ ପରିସରରେ କହିଥିଲେ, ମୁହଁ ଖୋଲିଲେ ସରକାର ଦୋହଲିଯିବ। ନା ଡାଏରୀ ଗୁମର ଫିଟିଲା ବା ସରକାର ଦୋହଲିଗଲା ! ତେଣୁ ତଦନ୍ତର ଅଡୁଆ ସୁତାକୁ ବୁଝିବା ସାଧାରଣଲୋକଙ୍କ ପକ୍ଷରେ ମୁସ୍କିଲ। ମନ୍ତ୍ରୀ ନବ ଦାସଙ୍କ ହତ୍ୟା ମାମଲାରେ ମଧ୍ୟ ଏଭଳି କିଛି ସନ୍ଦେହ ଉପୁଜିଛି। ଯାହାକୁ ନେଇ ବିରୋଧୀ ଭିନ୍ନ ଭିନ୍ନ ମନ୍ତବ୍ୟ ରଖୁଛନ୍ତି। କେହି କେହି ଏହାକୁ ପ୍ରାୟୋଜିତ କହୁଥିଲା ବେଳେ ଘଟଣା ପଛରେ ଥିବା ଖଳନାୟକଙ୍କ ନାମ ସାମ୍ନାକୁ ଆସୁନି କିମ୍ବା ତଦନ୍ତ ସେହି ଦିଗକୁ ଗତି କରୁନି। ମମିତା ମେହେର ହତ୍ୟାକାଣ୍ଡ ବେଳେ ଏଭଳି ଅନେକ ଅଭିଯୋଗ ଉଠିଥିଲା। ରାଜ୍ୟ ସାରା ଜୋରଦାର ଆନ୍ଦୋଳନ ବି ହୋଇଥିଲା। ହେଲେ ତଦନ୍ତରେ ଏଭଳି କିଛି ମିଳିନଥିଲା। କେବଳ ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ଗୋବିନ୍ଦ ସାହୁ ଜେଲ ଗଲା ଓ ଜେଲ ପରିସରରେ ଗୋବିନ୍ଦର ସନ୍ଦେହ ଜନକ ମୃତ୍ୟୁ ଘଟିଲା। ନବ ଦାସ ମାମଲାରେ ଅଭିଯୁକ୍ତ ଗୋପାଳ ଦାସକୁ ନେଇ ମଧ୍ୟ ଏଭଳି କିଛି ଆଶଙ୍କା ଦେଖାଦେଇଛି। ବରିଷ୍ଠ କଂଗ୍ରେସ ନେତା ନରସିଂହ ମିଶ୍ର ଆରମ୍ଭରୁ କହୁଛନ୍ତି ଯେ, ନବ ଦାସ ମର୍ଡର କେସ ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ। ଏହା ପଛରେ ଷଡଯନ୍ତ୍ର ରହିଛି। ଏହି ଦିଗ ପ୍ରତି ତଦନ୍ତକାରୀ ସଂସ୍ଥାର ଆଗ୍ରହ ଥିଲା ଭଳି ମନେହୁଏନି। ସେଭଳି ନବ ଦାସ ହତ୍ୟାକାଣ୍ଡକୁ ନେଇ ବିଜେପିର ବରିଷ୍ଠ ନେତା ବିଜୟ ମହାପାତ୍ର ଯେଉଁ ବିବୃତି ରଖିଛନ୍ତି ତାହା ଆହୁରି ସାଙ୍ଘାତିକ। ଶ୍ରୀ ମହାପାତ୍ର କହିଛନ୍ତି,ନବ ଦାସଙ୍କ ହତ୍ୟାକାଣ୍ଡକୁ ୪୦ ଦିନ ବିତିଥିଲେ ବି ହତ୍ୟା ପଛର ଷଡଯନ୍ତ୍ର ଜଣାପଡୁନାହିଁ। ଏହି ମାମଲାରେ ପୋଲିସ ୧୨୦(ବି) ଦଫା ଲଗାଯାଇନି। ସେଥିପାଇଁ ଷଡଯନ୍ତ୍ର ଦିଗ ଉପରେ ତଦନ୍ତ ହେଉନାହିଁ। ପୋଲିସ ସାଧାରଣ ଛୋଟ ମୋଟ ଘଟଣାରେ ୧୨୦(ବି) ଲଗାଉଥିଲା ବେଳେ ଏଥିରେ କାହିଁକି ଲଗାଇନି ବୋଲି ଶ୍ରୀ ମହାପାତ୍ର ପ୍ରଶ୍ନ କରିଛନ୍ତି। ଗଣମାଧ୍ୟମକୁ ସେ କହିଛନ୍ତି, ନବ ଦାସଙ୍କ ହତ୍ୟାକାଣ୍ଡ ଗୋପାଳ କେନ୍ଦ୍ରିକ ହେଉଥିଲା ବେଳେ ଅନ୍ୟ ଦିଗକୁ କ୍ରାଇମବ୍ରାଞ୍ଚ ଗୁରୁତ୍ୱ ଦେଉନି। ଗୋପାଳକୁ ପାଗଳ ଆଖ୍ୟା ଦେବାକୁ କ୍ରାଇମବ୍ରାଞ୍ଚ ତଥା ରାଜ୍ୟ ସରକାର ଖୁବ ବ୍ୟଗ୍ର ବୋଲି ଅଭିଯୋଗ କରିଛନ୍ତି ଶ୍ରୀ ମହାପାତ୍ର। ତେବେ ସତ କେବେ ସାମ୍ନାକୁ ଆସିବ ତାହାକୁ ଅପେକ୍ଷା।

ଯୋଗାଯୋଗ ଠିକଣା
ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ଅର୍ଥନୈତିକ ସଙ୍କଟରେ ପାକିସ୍ଥାନ



ଶ୍ରୀବତ୍ସ ନାୟକ

ସ୍ୱାଧୀନତା ପ୍ରାପ୍ତିର ୭୬ ବର୍ଷରେ ପାକିସ୍ଥାନ ଯଦିଓ ଅନେକ ଥର ଅର୍ଥ ସଙ୍କଟର ଶିକାର ହେବାର ନଜର ଅଛି ତେବେ ସାମ୍ପ୍ରତିକ ପରିସ୍ଥିତିରେ ଅର୍ଥ ସଙ୍କଟ ରୁ ଦେବାଳିଆ ଆଡ଼କୁ ଗତି କରୁଛି ପାକିସ୍ଥାନ। ଅର୍ଥନୀତି ଭୁଶୁଡ଼ିବାରେ ଲାଗିଛି। କାଙ୍ଗାଳ ପାକିସ୍ଥାନ ଉପରେ ଦୁଃଖର ପାହାଡ଼ ମାଡ଼ି ବସିଛି। ଦେଶରେ ଅତ୍ୟାବଶ୍ୟକ ସାମଗ୍ରୀ ର ଅଭାବ ଦେଖାଯିବାରୁ ହାହାକାର ଅବସ୍ଥାରେ ପାକିସ୍ଥାନ ବାସୀ। ଗୁରୁତର ଖାଦ୍ୟ ସଙ୍କଟ ଦେଖା ଦେଇଛି। ଖାଇବାକୁ ପାଉନି ପାକିସ୍ଥାନ। ପାଣି, ଲୁଣ, କ୍ଷୀର, ଅଟା, ପନିପରିବା, ଚିକେନ, ବ୍ରେଡ, ଔଷଧ, ସୋରିଷ ତେଲ ଆଦି ନିତ୍ୟବ୍ୟବହୃତ ସାମଗ୍ରୀର ଦର ଆକାଶ ଛୁଆଁ। ଲୋକେ ମହାଙ୍ଗା ମାଡ଼ରେ ଆକ୍ରାମାକ୍ରା। ପରିସ୍ଥିତି ଏମିତି ହୋଇଛି ଯେ ଅସହାୟ ମାନେ ପେଟରେ ଓଦାକନା ପକାଇ ଶୋଇ ରହୁଛନ୍ତି। ଦୁଇ ଓଳି ଦୁଇ ମୁଠା ଖାଇବାକୁ ପାଉନାହାନ୍ତି। ବରବାଦ୍ ହେବାରେ ଲାଗିଛି ପାକିସ୍ଥାନ। ଫଳରେ ସଦ୍ୟସଦ୍ୟ ପାକିସ୍ଥାନ ବିକଳିଆ ଖର୍ଚ୍ଚକାଟର ନିଷ୍ପତି ନେଇଛି। ସରକାରୀ କାର୍ଯ୍ୟକ୍ରମ ରେ ଗୋଟିଏ ପ୍ରକାର ବ୍ୟଞ୍ଜନ, ପାକ୍ ପ୍ରଧାନମନ୍ତ୍ରୀ ସରିଫଙ୍କ ଅଧା ମନ୍ତ୍ରୀ ମଣ୍ଡଳ ବିନା ଦରମାରେ କାମ କରିବେ,ମନ୍ତ୍ରୀ ମାନଙ୍କର ବିଳାସ ପୂର୍ଣ୍ଣ କାରକୁ ବର୍ଜନ,ମାଗଣା ବିଜୁଳି ବନ୍ଦ, ମନ୍ତ୍ରୀ, ସଚିବ ଏବଂ ବିଭାଗ ସଂଖ୍ୟା ହ୍ରାସ କରିବା, ତିନି ବର୍ଷ ଧରି ଖାଲି ପଡ଼ିଥିବା ପଦବୀକୁ ଉଚ୍ଛେଦ କରିବା, ନୂଆ ନିଯୁକ୍ତିରେ ରୋକ୍, ରାଜନେତା ମାନଙ୍କର ଘରୋଇ ସହାୟକ, ଦାମୀ ଗାଡ଼ି, ସୁରକ୍ଷା ପ୍ରୋଟୋକଲ ବାବଦ ଖର୍ଚ୍ଚ ହ୍ରାସ କରିବାକୁ ସ୍ଥିର କରିଛି। ସେହିପରି ଅବସର ପ୍ରାପ୍ତ ବିଚାରପତିଙ୍କ ସମେତ ଅନ୍ୟାନ୍ୟ ଅବସରପ୍ରାପ୍ତ କର୍ମଚାରୀଙ୍କ ଦରମା ବନ୍ଦ ହୋଇପାରେ। ଆଇ ଏସ ଆଇ ଚଳାଇବାକୁ ପାଣ୍ଠି ନାହିଁ। ବିଦେଶରେ ଚାଲିଥିବା କିଛି ଗୁଇନ୍ଦା ମିଶନ ବନ୍ଦ ପାଇଁ ବୈଦେଶିକ ମନ୍ତ୍ରଣାଳୟକୁ ନିର୍ଦ୍ଦେଶ ଦେଇଛନ୍ତି ପାକ୍ ପ୍ରଧାନମନ୍ତ୍ରୀ ସରିଫ।

ପାକିସ୍ଥାନର ଅର୍ଥନୀତି ମୁଖ୍ୟତଃ କୃଷି,ଶିଳ୍ପ ଏବଂ କେତେକ ନିର୍ଦ୍ଦିଷ୍ଟ ସେବା ଉପରେ ନିର୍ଭର କରେ। ତନ୍ମଧ୍ୟରୁ କୃଷି ହେଉଛି ବୃହତ୍ତମ କ୍ଷେତ୍ର ଯେଉଁଥିରେ କପା,ଗହମ, ଚାଉଳ ଏବଂ ଆଖୁ ଉତ୍ପାଦନ ବହୁଳ ମାତ୍ରାରେ ହୁଏ। ସେହିପରି ଦେଖିଲେ ଯଦିଓ ପାକିସ୍ଥାନରେ ଖାଦ୍ୟ ପ୍ରକ୍ରିୟାକରଣ,ରାସାୟନିକ ପଦାର୍ଥ,ସିମେଣ୍ଟ ଏବଂ ଫାର୍ମାସିୟୁଟିକାଲ ଶିଳ୍ପ ଅଛି କିନ୍ତୁ ବୟନ ଶିଳ୍ପ ଟି ଦେଶର ବୃହତ୍ତମ ଉତ୍ପାଦନ ଶିଳ୍ପ ଅଟେ। ସେବା କ୍ଷେତ୍ର ରେ ଟେଲିକମ୍ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ପ୍ରମୁଖ ଅଟେ। ପ୍ରାକୃତିକ ସମ୍ପଦ ଯଥା କୋଇଲା,ପ୍ରାକୃତିକ ଗ୍ୟାସ ଓ ଖଣିଜ ପଦାର୍ଥରେ ମଧ୍ୟ ଭରପୁର। ଏ ସବୁ ସତ୍ତ୍ୱେ ମଧ୍ୟ ପଡୋଶୀ ପାକିସ୍ଥାନ ଆର୍ଥିକ ମାନ୍ଦାବସ୍ଥାର ଗୁରୁତ୍ୱପୂର୍ଣ୍ଣ ସ୍ଥିତିରେ ରହିବା ସମ୍ପୂର୍ଣ୍ଣ ରୂପେ ଉଦବେଗଜନକ ଅଟେ। ମାସେ ନୁହେଁ କି ଛଅ ମାସ ନୁହେଁ ଦୀର୍ଘ ଏକ ବର୍ଷରୁ ଅଧିକ ସମୟ ଧରି ବହୁମୁଖୀ ସଙ୍କଟର ସମ୍ମୁଖୀନ ହେଉଛି। ଏସିଆ ମହାଦେଶରେ ଶ୍ରୀଲଙ୍କା ପରେ ପାକିସ୍ଥାନ ହେଉଛି ଦ୍ୱିତୀୟ ଅର୍ଥନୈତିକ ଦୁର୍ବଳ (ସାମ୍ପ୍ରତିକ ସମୟରେ) ଦେଶ ବୋଲି ବିବେଚନା କରାଯାଉଛି। ସମୟ ବଦଳିଛି, ସରକାର ପରିବର୍ତ୍ତନ ହୋଇଛି, ବିଭିନ୍ନ ଯୋଜନା ମାନ ପ୍ରଣୟନ କରାଯାଉଛି କିନ୍ତୁ ଅବସ୍ଥାରେ ସାମାନ୍ୟତମ ପରିବର୍ତ୍ତନର ଆଭାସ ଦେଖିବାକୁ ମିଳୁନାହିଁ ପରନ୍ତୁ ୨୦୨୨ ମସିହା ଠାରୁ ୨୦୨୩ ର ସ୍ଥିତି ଆହୁରି ସଙ୍ଗୀନ।

ପାକିସ୍ଥାନ ର ଏହିଭଳି ଆର୍ଥିକ ସଙ୍କଟ ପାଇଁ ବହୁମୁଖୀ କାରଣ ଯଥା ଲମ୍ବା ସମୟ ଧରି ରାଜନୈତିକ ଅସ୍ଥିରତା,ରପ୍ତାନି ଠାରୁ ଅଧିକ ଆମଦାନୀ, ବିଦେଶୀ ମୁଦ୍ରା ଭଣ୍ଡାର ସମାପ୍ତ, କରଜ ବୋଝ ଇତ୍ୟାଦି ଦାୟୀ। ସରକାରରେ ବାରମ୍ବାର ପରିବର୍ତ୍ତନ ଯୋଗୁଁ ଅର୍ଥନୈତିକ ପ୍ରଗତିରେ ବାଧା ସୃଷ୍ଟି ହେଉଛି। ଭାରତ ସହ ତୁଳନା କଲେ ସ୍ୱାଧୀନତା ପାଇବା ସମୟରେ ପାକିସ୍ଥାନର ଆର୍ଥିକ ଅବସ୍ଥା ଭାରତ ଠାରୁ ସ୍ୱଚ୍ଛଳ ଥିଲା କିନ୍ତୁ ଅଧୁନା ଏହା ଭାରତ ଠାରୁ ବହୁତ୍ ପଛରେ। ପାକିସ୍ଥାନ ସ୍ୱାଧୀନତା ପାଇବାର ୭୬ ବର୍ଷ ବିତିଗଲାଣି। ଦେଶରେ ୧୯୭୦ ମସିହାରେ ପ୍ରଥମ ସାଧାରଣ ନିର୍ବାଚନ ହୋଇଥିଲା। ୫୩ ବର୍ଷ ମଧ୍ୟରେ ଦେଶ ଦେଖିଛି ୨୦ଜଣ ପ୍ରଧାନମନ୍ତ୍ରୀ ଓ ୧୫ ଜଣ ରାଷ୍ଟ୍ରପତି। ଅନୁତାପର ବିଷୟ ଏଇଆ ଯେ କୌଣସି ପ୍ରଧାନମନ୍ତ୍ରୀ ତାଙ୍କର କାର୍ଯ୍ୟକାଳ ସମ୍ପୂର୍ଣ୍ଣ କରିପାରି ନାହାନ୍ତି ଏବଂ ସବୁଠାରୁ ଦୀର୍ଘଦିନ (୧୫୨୪ ଦିନ) ଧରି ରହିଥିବା ପ୍ରଧାନମନ୍ତ୍ରୀ ହେଲେ ରିୟାକତ୍ ଅଲ୍ଲୀ ଖାନ। ଦୀର୍ଘ ଦିନ ଧରି ସରକାର ପଦବୀରେ ନରହିବା ହିଁ ରାଜନୈତିକ ଅସ୍ଥିରତା। ଖାଲି ପାକିସ୍ଥାନ କାହିଁକି ଯେ କୌଣସି ଦେଶ ପାଇଁ ରାଜନୈତିକ ଅସ୍ଥିରତା ଅର୍ଥନୀତିର ପ୍ରଗତିରେ ବାଧକ ସାଜିଥାଏ। ଏହି ଅସ୍ଥିରତା କାରଣରୁ କୌଣସି ନିବେଶକ ମାନେ ପୁଞ୍ଜି ବିନିଯୋଗ କରିବାରେ ଦ୍ୱିଧା ପ୍ରକାଶ କରିଥାନ୍ତି। ସରକାର ପରିବର୍ତ୍ତନ ଯୋଗୁଁ ସରକାରଙ୍କ ନୀତି ପରିବର୍ତ୍ତନ ହୋଇଥାଏ। ଫଳରେ ବ୍ୟବସାୟିକ କାରବାର ରେ ଅନିଶ୍ଚିତତା ଦେଖା ଦେଇଥାଏ ଏହା ଦ୍ୱାରା ପ୍ରତେକ୍ଷ୍ୟ ପୁଞ୍ଜି ବିନିଯୋଗ ହ୍ରାସ ହୋଇଥାଏ ।ସ ରକାର ଙ୍କ ନୀତି ଏବଂ ପ୍ରାଥମିକତା ଗୁଡିକରେ ବାରମ୍ବାର ପରିବର୍ତନ ଯୋଗୁଁ ଦେଶରେ କାର୍ଯ୍ୟ କରୁଥିବା ବ୍ୟବସାୟ ପାଇଁ ଦ୍ୱନ୍ଦ ସୃଷ୍ଟି କରିଥାଏ। ଟିକସ ନୀତିରେ ମଧ୍ୟ ପରିବର୍ତ୍ତନ ଯୋଗୁଁ ଦୀର୍ଘ କାଳୀନ ଯୋଜନା ଏବଂ ପୁଞ୍ଜି ବିନିଯୋଗ କରିବା କଷ୍ଟସାଧ ହୋଇଥାଏ। ପାକିସ୍ଥାନର ବାରମ୍ବାର ସରକାର ପରିବର୍ତ୍ତନ ଦୁର୍ନୀତି, ଏବଂ ଆଇନ୍‌ର ଦୁର୍ବଳ ନିୟମ ବିଦେଶୀ ପୁଞ୍ଜି ନିବେଶ ନିରୁତ୍ସାହିତ କରୁଛି ଯାହା ଅର୍ଥନୈତିକ ଅଭିବୃଦ୍ଧି କୁ ସୀମିତ ରଖିଛି। ସରକାରଙ୍କ ରାଜସ୍ୱ ହ୍ରାସ ହେବା ଯୋଗୁଁ ସରକାର ଖର୍ଚ୍ଚକାଟ୍ କରିବାକୁ ବାଧ୍ୟ ହେଉଛନ୍ତି ଫଳରେ ଶିକ୍ଷା ଓ ସ୍ୱାସ୍ଥ୍ୟ ଅବସ୍ଥା ମଧ୍ୟ ବିପର୍ଯ୍ୟୟ ଆଡ଼କୁ ଗତି କରୁଛି। ଅନ୍ୟପକ୍ଷରେ କରଜ ବୋଝରେ ପାକିସ୍ଥାନ ଉବୁଟୁବୁ ହେଉଛି। ଆଇଏମ୍ଏଫ୍‌ର ରିପୋର୍ଟ ଅନୁସାରେ ବିଶେଷ କରି ସମୁଦାୟ କରଜର ୩୦ ପ୍ରତିଶତ ହେଉଛି ଚୀନର। ଚୀନ ଋଣର ଅସ୍ୱଷ୍ଟ ସର୍ତ୍ତ ଯୋଗୁଁ ଅର୍ଥନୀତିଜ୍ଞ ମାନେ ସମାଲୋଚନା କରିଆସୁଛନ୍ତି କିନ୍ତୁ ଏହା ସତ୍ତ୍ୱେ ପାକ୍ ଚୀନର ଏହି ଋଣ ଜାଲରେ ଫସିବା ସହ ନିଜ ଅର୍ଥନୀତିକୁ ଛାରଖାର କରୁଛି। ଏସବୁ ଏବଂ ବର୍ତ୍ତମାନର ଆର୍ଥିକ ପରିସ୍ଥିତି ସତ୍ତ୍ୱେ ପାକିସ୍ଥାନ ଚୀନ ଠାରୁ ଋଣ ନେବା ଜାରି ରଖିଛି। ପାକିସ୍ତାନ ଦଶନ୍ଧି ଧରି ଆର୍ଥିକ ଅବ୍ୟବସ୍ଥା ସହ ସଂଘର୍ଷ କରିଆସୁଛି। ସରକାର କ୍ରମାଗତ ଭାବରେ ଯେତିକି ରୋଜଗାର କରୁଛନ୍ତି ତା'ଠାରୁ ଅଧିକ ଖର୍ଚ୍ଚ କରିଛନ୍ତି, ଫଳସ୍ୱରୂପ ବଜେଟର ନିଅଣ୍ଟ ବୃଦ୍ଧି ଏବଂ ସାଧାରଣ ଋଣ ଭାର ବଢୁଛି। ପାକିସ୍ତାନର ବାଣିଜ୍ୟ ନିଅଣ୍ଟ ମଧ୍ୟ ଏହାର ଅର୍ଥ ଅର୍ଥନୈତିକ ସଙ୍କଟରେ ପ୍ରମୁଖ ଯୋଗଦାନ ଦେଇଛି। ଦେଶ ରପ୍ତାନି ଅପେକ୍ଷା ଅଧିକ ଆମଦାନୀ କରେ, ଯାହା ଦ୍ୱାରା ଏହାର ବିଦେଶୀ ଭଣ୍ଡାରରେ ଏକ ଗୁରୁତ୍ୱପୂର୍ଣ୍ଣ ଡ୍ରେନ୍ ଆସିଥାଏ ।ନିୟମିତ ବିଦ୍ୟୁତ୍ ସରବରାହ ଏବଂ ପ୍ରାକୃତିକ ଗ୍ୟାସର ଅଭାବ ସହିତ ପାକିସ୍ତାନ ଦୀର୍ଘ ବର୍ଷ ଧରି ଶକ୍ତି ସଙ୍କଟର ସମ୍ମୁଖୀନ ହୋଇଛି। ଏହା ଦେଶର ଅର୍ଥନୀତିରେ ଏକ ମହତପୂର୍ଣ୍ଣ ପ୍ରଭାବ ପକାଇ ଶିଳ୍ପ ଉତ୍ପାଦନକୁ ପ୍ରଭାବିତ କରିଛି ଏବଂ ବ୍ୟବସାୟ ବନ୍ଦ କରିଦେଇଛି। ଦୁର୍ନୀତି ଯୋଗୁଁ ବିଦେଶୀ ପୁଞ୍ଜି ବିନିଯୋଗ ହ୍ରାସ ହେବା ସହ ଦେଶର ଅନୁଷ୍ଠାନଗୁଡିକୁ ଦୁର୍ବଳ କରିଦେଇଛି। ନିକଟ ଅତୀତରେ ଏହା ଉଚ୍ଚ ମୁଦ୍ରାସ୍ଫୀତିର ସମ୍ମୁଖୀନ ହୋଇଛି, ଯାହା ଏହାର ମୁଦ୍ରାର କ୍ରୟ କ୍ଷମତାକୁ ନଷ୍ଟ କରିଦେଇଛି ଏବଂ ଗ୍ରାହକଙ୍କ ପାଇଁ ମୌଳିକ ଆବଶ୍ୟକତା ପାଇବା ଅଧିକ କଷ୍ଟସାଧ କରିଛି। ଫେବୃଆରୀ ୨୩ ତାରିଖ ସୁଦ୍ଧା ମୁଦ୍ରାସ୍ଫୀତର ହାର ୪୧.୫୪ ପ୍ରତିଶତକୁ ବୃଦ୍ଧି ପାଇଛି। ଦିନକୁ ଦିନ ଏହା ବଢିବ ବୋଲି ମଧ୍ୟ ଆକଳନ କରାଯାଉଛି। ସେହିପରି ଟିକସ କ୍ଷେତ୍ରରେ ଦେଖିଲେ ଟିକସରୁ ଜିଡିପି ଅନୁପାତ କମ୍, ଅର୍ଥାତ୍ ଭିତ୍ତିଭୂମି ତଥା ଅନ୍ୟାନ୍ୟ ସାଧାରଣ ସାମଗ୍ରୀରେ ବିନିଯୋଗ କରିବାକୁ ସରକାରଙ୍କ ପାଖରେ ସୀମିତ ସମ୍ବଳ ରହିଛି।

ଏହିଭଳି ପରିସ୍ଥିତିରୁ ମୁକୁଳିବା ପାଇଁ ପାକିସ୍ତାନ ବଜେଟର ନିଅଣ୍ଟ ହ୍ରାସ କରି ଆର୍ଥିକ ଏକୀକରଣ ଉପରେ ଧ୍ୟାନ ଦେବା ଆବଶ୍ୟକ। ସରକାରୀ ଖର୍ଚ୍ଚ ହ୍ରାସ, ଟିକସ ରାଜସ୍ୱ ବୃଦ୍ଧି ଏବଂ ସବସିଡି ହ୍ରାସ ଭଳି ପଦକ୍ଷେପ ମାଧ୍ୟମରେ ଏହା କରାଯାଇପାରିବ। ପାକିସ୍ତାନ ଏହାର ରପ୍ତାନି ଆଧାରକୁ ବିବିଧ କରି ରପ୍ତାନି ଭିତ୍ତିକ ଶିଳ୍ପ ଯଥା ବୟନ, ଚମଡ଼ା ଏବଂ କ୍ରୀଡା ସାମଗ୍ରୀକୁ ପ୍ରୋତ୍ସାହନ ଦେଇ ରପ୍ତାନି ବୃଦ୍ଧି କରିପାରିବ। ରପ୍ତାନିକାରୀମାନଙ୍କୁ ଅଧିକ ରପ୍ତାନି କରିବାକୁ ଉତ୍ସାହିତ କରିବା ପାଇଁ ସରକାର ପ୍ରୋତ୍ସାହନ ମଧ୍ୟ ଦେଇପାରିବେ।

ପାକିସ୍ତାନ ଏହାର ଅର୍ଥବ୍ୟବସ୍ଥାକୁ ବୃଦ୍ଧି କରିବା ପାଇଁ ଅଧିକ ବିଦେଶୀ ପୁଞ୍ଜି ବିନିଯୋଗ କରିବା ଆବଶ୍ୟକ। ବ୍ୟବସାୟିକ ପରିବେଶରେ ଉନ୍ନତି ଆଣିବା, ବିନିଯୋଗ ପ୍ରକ୍ରିୟାକୁ ସରଳ କରିବା ଏବଂ ବିଦେଶୀ ନିବେଶକମାନଙ୍କୁ ପ୍ରୋତ୍ସାହନ ଯୋଗାଇ ଏହା କରାଯାଇପାରିବ। ବ୍ୟବସାୟ ତଥା ବ୍ୟବସାୟକୁ ସହଜ କରିବା ପାଇଁ ରାସ୍ତା, ବନ୍ଦର ଏବଂ ବିମାନବନ୍ଦର ସମେତ ଭିତ୍ତିଭୂମି ଉନ୍ନତି ଉପରେ ସରକାର ଧ୍ୟାନ ଦେବା ଉଚିତ୍। ଏହା ଛଡ଼ା ଶିକ୍ଷା ଏବଂ ସ୍ୱାସ୍ଥ୍ୟସେବାରେ ବିନିଯୋଗ କରି ମାନବ ବିକାଶ ଉପରେ ଧ୍ୟାନ ଦେବା ଆବଶ୍ୟକ। ଏହା କେବଳ ପାକିସ୍ତାନୀମାନଙ୍କ ଜୀବନରେ ଉନ୍ନତି ଆଣିବ ନାହିଁ, ବରଂ ଅଧିକ କୁଶଳୀ କର୍ମଜୀବୀ ସୃଷ୍ଟି କରିବାରେ ମଧ୍ୟ ସାହାଯ୍ୟ କରିବ। କ୍ଷୁଦ୍ର ଏବଂ ମଧ୍ୟମ ଧରଣର ଉଦ୍ୟୋଗଗୁଡିକୁ ପ୍ରୋତ୍ସାହିତ କରିବା ଦରକାର। ସମୟ ଆସିଛି ବଦମାସ୍ ପାକିସ୍ଥାନର ବରବାଦ୍ ସ୍ଥିତିରୁ ସମଗ୍ର ବିଶ୍ୱବାସୀ କିଛି ଶିକ୍ଷା ଲାଭ କରିବା ଦରକାର। ବାକି ଦେଖିବା ବାକି ରହିଲା ଅର୍ଥନୀତିର ସୁଦୃଢ ପାଇଁ ଆସନ୍ତା ବଜେଟରେ ପାକିସ୍ଥାନ କଣ ସବୁ ପଦକ୍ଷେପ ନେଉଛି।

*ଅଧ୍ୟାପକ,ବାଣିଜ୍ୟ ବିଭାଗ,*
*ବ୍ରାହ୍ମଣଝରିଲୋ ମହାବିଦ୍ୟାଳୟ, କଟକ*

# ବିଦେଶରେ ଭାରତ ବିରୋଧୀ କାର୍ଯ୍ୟ



ସୌମେନ୍ଦ୍ର ଜେନା

ଜେନେଭାରେ ନାମବିହୀନ ଭାରତ ବିରୋଧୀ ବ୍ୟାନର ସବୁ ସଡକ କଡରେ ଲାଗିବାକୁ ନେଇ ଭାରତର ବିଦେଶ ବିଭାଗ ସ୍ୱିଜରଲାଣ୍ଡର ରାଷ୍ଟ୍ରଦୂତଙ୍କୁ ନୂଆଦିଲ୍ଲୀରେ ସତର୍କ କରାଇଛନ୍ତି। ସେମିତି ଅଷ୍ଟ୍ରେଲିଆରେ କମ୍‌ଦିନ ମଧ୍ୟରେ ୪ଥର ମନ୍ଦିର ଉପରେ ଖାଲିସ୍ଥାନୀଙ୍କ ଆକ୍ରମଣ ହୋଇଛି । ଆମେରିକାର ରାଷ୍ଟ୍ରପତି ପ୍ରାର୍ଥୀ ନିକି ହେଲୀଙ୍କ ବିରୋଧରେ ଏନ୍ ଫୋଲ୍ଟର ନାମକ ଜଣେ ଲେଖିକା ଭାରତ ବିରୋଧୀ ମନ୍ତବ୍ୟ ଦେଇଛନ୍ତି । ଏସବୁ ଆକସ୍ମିକ ନୁହେଁ ବରଂ ଦୀର୍ଘଦିନ ଧରି ଚାଲି ଆସିଥିବା ପ୍ରଚାରର ପରିଣାମ। ସେମିତି ଆମେରିକାରେ ଜଷ୍ଟିସ ଫର୍ ଅଲ୍ ସଂଗଠନ ଓ ପାକ୍‌ର ଷଡଯନ୍ତ୍ରର ପରିଣାମ ହେଉଛି ବିଦେଶରେ ଭାରତକୁ ବଦନାମ କରିବାର ଅପପ୍ରୟାସ, ସ୍ୱେଚ୍ଛାସେବୀ ସଂଗଠନ ନାମରେ ଅସ୍ୱଚ୍ଛ କାର୍ଯ୍ୟର ସ୍ପଷ୍ଟ ଉଦାହରଣ। କୋସୋଭୋ ଠାରୁ ବହୁ ଦୂରରେ କୋସୋଭା ଟାସ୍କ ଫୋର୍ସ ନାମରେ ସଂଗଠନ ଗଢାଯିବା ପରି କାଶ୍ମୀରଠାରୁ ଦୂରରେ ରହି ଏହି ସଂଗଠନ ଭିନ୍ନ ଭିନ୍ନ ନାମରେ ଚାନ୍ଦା ସଂଗ୍ରହର ଅଭିଯାନ ଜାରି ରଖିଛି । ଜଷ୍ଟିସ ଫଲ୍ ଅଲ୍ ଅନେକଗୁଡିଏ ପ୍ରକଳ୍ପ ଆମେରିକାରୁ ଭିନ୍ନ ଭିନ୍ନ ଦେଶକୁ ନିୟନ୍ତ୍ରଣ କରିବା ପାଇଁ, ଚାନ୍ଦା ଆଦାୟ ପାଇଁ ଚଳାଇଛି । ଏହା ମାଧ୍ୟମରେ ବର୍ଷା ସାରା ପ୍ରଚାର ଯୁଦ୍ଧ ଚାଲୁ ରହିବ ଏବଂ ଅର୍ଥାଗମ ଧାରା ଜାରିରହିବ। ଏହି ସବୁ ପ୍ରକଳ୍ପ ହେଲା ଶ୍ରୀଲଙ୍କା ଟାସ୍କ ଫୋର୍ସ, ଫ୍ରି କାଶ୍ମୀର, ସେଭ୍ ୟୁଘୁର, ଫ୍ରି ସବିର ଶାହ, ସେଭ୍ ଇଣ୍ଡିଆ, ଫେଥ୍ କୋଆଲିସନ, ବର୍ମା ଟାସ୍କ ଫୋର୍ସ। ଏସବୁ ପ୍ରକଳ୍ପ ଆରମ୍ଭ କରିବା ପୂର୍ବରୁ ଜେଏଫ୍ଏ ବର୍ମା ମୁସଲିମ ଏବଂ ବଙ୍ଗଳାଦେଶ ଆଲର୍ଟ ନାମରେ ଦୁଇଟି ପ୍ରକଳ୍ପ ଚଳାଉଥିଲେ ମଧ୍ୟ ପାକ୍ ସଂପର୍କରେ ଗୋଟିଏ ମଧ୍ୟ ପ୍ରକଳ୍ପ କରିନାହିଁ। ୫ ଅଗଷ୍ଟ ୨୦୧୯ରେ ଭାରତ ସରକାର କାଶ୍ମୀରରୁ ଧାରା ୩୭୦ ହଟାଇବା ପରେ ଫ୍ରି କାଶ୍ମୀର ପ୍ରକଳ୍ପ ଆରମ୍ଭ ହୋଇଥିଲା । ଆମେରିକାରେ ଥିବା ଅନେକଗୁଡିଏ ଭାରତୀୟ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନରୁ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ୭ ଅଗଷ୍ଟ ୨୦୧୯ରେ ଆମେରିକାରେ ପ୍ରଥମେ ବିକ୍ଷୋଭ ପ୍ରଦର୍ଶନ କରାଯିବା ପରଠାରୁ କାର୍ଯ୍ୟକ୍ରମ ହୋଇ ୧୩ ଅଗଷ୍ଟ ୨୦୧୯ରେ ଏହାର ୱେବସାଇଟ ଖୋଲାଯାଇଥିଲା, ଯାହାର ନାମଥିଲା କାଶ୍ମୀର ଆକ୍‌ସନ୍ ଡଟ୍ ଓଆରଜି । ଏହା ଆରମ୍ଭ ହେବାପରେ ଷ୍ଟାଣ୍ଡ ୱିଥ୍ କାଶ୍ମୀର, ୱାର୍ଲ୍ଡ କାଶ୍ମୀର ଫ୍ରୀଡମ୍ ମୁଭମେଣ୍ଟ , ଦି ଜଷ୍ଟିସ ଫାଉଣ୍ଡେସନ, କାଶ୍ମୀର ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଣ୍ଟରନେସନାଲ ସଂଗଠନ ସହ ମିଶି କାର୍ଯ୍ୟ କଲା । ଆମେରିକାରେ କାଶ୍ମୀର ନାମରେ ଅନେକଗୁଡିଏ ସଂସ୍ଥା ବର୍ଷସାରା କାମ କରିବାକୁ ଚାନ୍ଦା ସଂଗ୍ରହ କରିଥାନ୍ତି କିମ୍ବା ପାକ୍‌ରୁ ନିୟମିତ ଅର୍ଥ ପାଇଥାନ୍ତି । ପାକ୍ ସରକାର ବିଦେଶରେ ଭାରତ ବିରୋଧୀ ପ୍ରଚାର ପାଇଁ ଯେଉଁ ଅର୍ଥ ଦେଇଥାନ୍ତି ସେଥିରୁ ଅଧିକ ଆମେରିକା, ବ୍ରିଟେନ, କାନାଡାରେ ଉପଯୋଗ ହୋଇଥାଏ।

ଆମେରିକାରେ କାର୍ଯ୍ୟରତ ଜମାତର ଦ୍ୱିତୀୟ ପିଢୀ ତଥା ଘୁଲାମ ନବି ଫାୟିର ପିଲାମାନେ ଏବଂ ତାର ବନ୍ଧୁ ସଂଗଠନ କାଶ୍ମୀର ଆମେରିକାନ୍ କାଉନସିଲ ହିଁ ଷ୍ଟାଣ୍ଡ ୱିଥ୍ କାଶ୍ମୀର (ଏସ୍‌ଡବ୍ଲୁକେ)କୁ ଚଳାଉଛନ୍ତି । ଘୁଲାମ ନବି ଫାୟିଙ୍କ ସହଯୋଗୀ ମହମ୍ମଦ ଅକ୍ରାମ ଦରର ପୁଅ ଐଜାଜ୍ ଦର ଷ୍ଟାଣ୍ଡ ୱିଥ୍ କାଶ୍ମୀର ସଂସ୍ଥାର ସଂସ୍ଥାପକ । ତାଙ୍କ ସହ କାଶ୍ମୀର ଆମେରିକାନ କାଉନସିଲର ୟୁସୁଫ ଫାଜିଲିର କନ୍ୟା ହଫସା କଞ୍ଜୱାଲ ଏବଂ ସମୀରା ଫାଜିଲି ରହିଛନ୍ତି । ଅନ୍ୟଜଣେ ଖାଲିସ୍ଥାନୀ ସମର୍ଥକ ହୁମା ଦର ମଧ୍ୟ ସେମାନଙ୍କ ସହ ରହିଛନ୍ତି । କାଶ୍ମୀରକୁ ଭାରତଠାରୁ ଅଲଗା କରିବାଲାଗି ଏମାନେ ଆମେରିକାରେ ଭାରତ ବିରୋଧୀ ପ୍ରଚାର ଯୁଦ୍ଧ ଜାରି ରଖିଛନ୍ତି । ସେମାନଙ୍କ ଛଡା ଅନ୍ୟ ଏକ ସଂଗଠନ 'ୱାର୍ଲ୍ଡ କାଶ୍ମୀର ଫ୍ରିଡମ୍ ମୁଭମେଣ୍ଟ' ଆଇଏସ୍‌ଆଇର ବ୍ୟକ୍ତି ସ୍ୱର୍ଗତ ମହମ୍ମଦ ଅୟୁବ ଠାକୁର ଦ୍ୱାରା ବ୍ରିଟେନରେ ଆରମ୍ଭ ହୋଇଥିଲା । ୧୩ଜୁଲାଇ ୧୯୯୧ରେ ସଂସ୍ଥା ପ୍ରଥମ ଆନ୍ତର୍ଜାତିକ ସମ୍ମିଳନୀର ଆୟୋଜନ କରିଥିଲା, ଯେଉଁଥିରେ ସିନେଟର ମୁସାହିଦ ହୁସେନ ଯୋଗ ଦେଇଥିଲେ । ଅୟୁବ ଠାକୁରର ମୃତ୍ୟୁପରେ ସଂସ୍ଥା ବନ୍ଦ ହୋଇ ଯାଇଥିଲା । ୨୦୧୬ରେ ଅୟୁବର ପୁଅ ମୁଜାମ୍ମିଲ ଅୟୁବ ଠାକୁର ପୁନର୍ବାର ପାକ୍ ସହଯୋଗରେ ସଂସ୍ଥାକୁ ପଞ୍ଜିକୃତ କରି ପ୍ରଚାର ଚଳାଇଛି । ସେହିପରି ଅୟୁବ ଦ୍ୱାରା ୨୦୦୩ରେ ଦି ଜଷ୍ଟିସ ଫାଉଣ୍ଡେସନ ଆରମ୍ଭ ହୋଇଥିଲା । ପରେ ସଂସ୍ଥାକୁ ଘୁଲାମ ନବି ଫାୟି ହାତକୁ ନେଇଥିଲା, ଯାହା ୨୦୧୫ରେ ଭାଙ୍ଗି ଯାଇଥିଲା । ମୁଜାମିଲ ଠାକୁର ଅକ୍ଟୋବର ୨୦୧୬ରେ ପୁନର୍ବାର ଏହାକୁ ପଞ୍ଜିକୃତ କରି କାର୍ଯ୍ୟାରମ୍ଭ କରିଛି ।

ଭାରତରୁ କାଶ୍ମୀରକୁ ବିଚ୍ଛିନ୍ନ କରିବା ଉଦ୍ଦେଶ୍ୟ ନେଇ ଜେଏଫ୍ଏ ସଂଗଠନ ଆମେରିକାରେ କିଛି ଲୋକଙ୍କୁ କାର୍ଯ୍ୟରେ ଲଗାଇଛି,ଯାହା ପାକ୍ ପଛରେ ସରକାରଙ୍କ ସମର୍ଥନ ରହିଛି । ସେହି ବ୍ୟକ୍ତିମାନେ ହେଲେ ଆମେରିକାର ପାକ୍ ରାଷ୍ଟ୍ରଦୂତ ମସୁଦ ଖାଁ, ମୁହମ୍ମଦ ଅୟୁବ ଠାକୁରର ପୁଅ ମୁଜାମ୍ମିଲ ଠାକୁର , ମୁଜାଫରାବାଦରେ ହୁରିୟାତ ସଂଯୋଜକ ଭାବେ କାର୍ଯ୍ୟ କରିଥିବା ଘୁଲାମ ମହମ୍ମଦ ସାଫିର କନ୍ୟା ସାଇସ୍ତା ସାଫି,କାଶ୍ମୀରର ମହିଳା ସନ୍ତ୍ରାସୀ ନେତ୍ରୀ ଆସିୟା ଅନ୍ଦ୍ରାବୀର ପୁଅ ଅହମ୍ମଦ ବିନ କାଶିମ, କ୍ରିଟିକାଲ କାଶ୍ମୀର ଷ୍ଟଡିଜର ସହ ସଂସ୍ଥାପକ ଡକ୍ଟର ଅଥର ଜିଆ, କାଶ୍ମୀରୀ ଆମେରିକାନ ଆସୋସିଏନର ନିର୍ଦ୍ଦେଶକ ସର୍ଦ୍ଦାର ଜୁଲଫିକର ଅଲି ଖାଁ । ୨୫ ଜୁଲାଇ ୨୦୨୦ରେ ଫ୍ରି କାଶ୍ମୀର ପକ୍ଷରୁ ଆୟୋଜିତ ୱେବିନାରକୁ ଉପରୋକ୍ତ ବ୍ୟକ୍ତିମାନଙ୍କ ଛଡା ଅବଦୁଲ ମାଜିଦ ମୁଜାହିଦ ଏବଂ ହେନା ଜୁବେରିଙ୍କୁ ନିମନ୍ତ୍ରଣ କରାଯାଇଥିଲା । ତା ପୂର୍ବରୁ ୧୫ମଇ ୨୦୨୦ରେ ଜେଏଫ୍ଏ ପକ୍ଷରୁ କାଶ୍ମୀର ସଂକ୍ରାନ୍ତରେ ୱେବିନାର ହେନା ଜୁବେରି ଆୟୋଜନ କରି ମୁଜାମ୍ମିଲ ଠାକୁର ଏବଂ ତା ପତ୍ନୀ ସାଇସ୍ତା ସାଫିଙ୍କୁ ସାମିଲ କରିଥିଲେ। ଏଠାରେ ଉଲ୍ଲେଖନୀୟ ବିଷୟ ହେଲା ଯେ ୨୦୧୯ରେ ଅଲ୍ ପାର୍ଟି ହୁରିୟାତ୍ କନ୍‌ଫରେନ୍ସରୁ ସ୍ୱର୍ଗତ ସୟଦ ଅଲି ଶାହ ଜିଲାନୀ ଇସ୍ତଫା ଦେଇଥିଲେ । ସେ ଥିଲେ ଏହାର ଅଧ୍ୟକ୍ଷ। ସୈସ୍ତା ସାଫିଙ୍କ ପିତା ଓ ପାକ୍ ଅଧିକୃତ କାଶ୍ମୀରର ନେତା ଘୁଲାମ ମହମ୍ମଦ ସାଫିଙ୍କ ସହ ତାଙ୍କର ମତଭେଦ ସୃଷ୍ଟି ହୋଇଥିଲା । ୨୦୧୯ରେ ସୟଦ ଜିଲାନୀ ଘୁଲାମ ମହମ୍ମଦ ସାଫିଙ୍କୁ ଦାୟିତ୍ୱରୁ ହଟାଇ ହିଜବୁଲ ମୁଜାହିଦୀନର ଜଣେ ପୂର୍ବତନ ସଦସ୍ୟଙ୍କୁ ପାକ୍ ଅଧିକୃତ କାଶ୍ମୀରର ଆଲ ପାର୍ଟି ହୁରିୟାତ ସଂଯୋଜକ କରିଥିଲେ । ୨୦୧୮ରେ ଗିଲାନୀ ସାଫିଙ୍କ ବିରୁଦ୍ଧରେ ଅର୍ଥ ତୋଷରପାତର ଅଭିଯୋଗ ଆଣିଥିଲେ । ଡାକ୍ତରୀ ପଢିବା ପାଇଁ ପାକ୍ ଯାଉଥିବା ଛାତ୍ରଛାତ୍ରୀଙ୍କ ଠାରୁ ସାଫି ସିଟ୍ ବିକ୍ରି ପାଇଁ ଚାନ୍ଦା ଆଦାୟ କରୁଥିଲେ ବୋଲି ଅଭିଯୋଗ ହୋଇଥିଲା । ଅବଶ୍ୟ ସେହି ଅଭିଯୋଗ ସତ୍ୟ ଥିଲା । କାରଣ ଏନ୍‌ଆଇଏର ତଦନ୍ତରୁ ତାହା ଗଣମାଧ୍ୟମକୁ ଆସି ସାରିଥିଲା । ତେବେ ଜିଲାନୀଙ୍କୁ ହଟାଇ ସାଫିଙ୍କୁ ଦାୟିତ୍ୱ ଦେବାଲାଗି ଆଇଏସ୍‌ଆଇ ଚାହୁଁଥିଲା । କଥା ହେଲା ଯେ କାଶ୍ମୀର ନାମରେ ଆଇଏସ୍‌ଆଇ ଅର୍ଥ ଦେଉଥିବା ହେତୁ ନିଜ ସୁବିଧା ପାଇଁ ସାଫିଙ୍କୁ ଦାୟିତ୍ୱ ଦେଇ ନିଜ ହାତମୁଠାକୁ ଟାଣ କରିବାକୁ ଚାହୁଁଥିଲା । କାଶ୍ମୀର ରାଜନୀତିରେ ଆଇଏସ୍‌ଆଇର ପ୍ରମୁଖ ଭୂମିକା ରହିଥିଲା ।

ଏବେ ପୁଣି ଆମେରିକାରେ ସ୍ୱେଚ୍ଛାସେବୀଙ୍କ ଷଡଯନ୍ତ୍ର କଥା ବିଚାର କରାଯାଉ । ଏଥିରେ ଯେଉଁ ଯେଉଁ ଲୋକେ ସାମିଲ ରହିଛନ୍ତି ସେମାନଙ୍କ ପରିଚୟ ଜାଣିବା ନିହାତି ଜରୁରୀ । ଏମାନଙ୍କ ମଧ୍ୟରୁ ମହମ୍ମଦ ଅବଦୁଲ ଜବ୍ବାର ଅନ୍ୟତମ। ଜବ୍ବାର ଆମେରିକାବାସୀ ପାକିସ୍ଥାନୀ । ତାର ପୂର୍ବରୁ ସ୍ୱେଚ୍ଛାସେବୀ ସଂଗଠନର ଅନୁଭୂତି ରହିଥିଲା । ଥିଓଲୋଜୀରେ ପିଏଚ୍‌ଡି ହାସଲ କରିଥିବା ଜବ୍ବାର ସେପ୍ଟେମ୍ବର ୨୦୧୯ରୁ ଫ୍ରି କାଶ୍ମୀର ପ୍ରକଳ୍ପର ମୁଖ୍ୟ ଭାବରେ କାର୍ଯ୍ୟରତ । ପୂର୍ବରୁ ଇସଲାମାବାଦସ୍ଥିତ ଇଣ୍ଟରନେସନାଲ ଇସଲାମିକ ୟୁନିଭରସିଟୀରେ ୨୦ବର୍ଷ ପାଇଁ ଜୁନ୍ ୧୯୮୫ରୁ ମଇ ୨୦୦୫ ଯାଏଁ ସେ ଅଧ୍ୟାପନା କରିଥିଲା । ଏହି ଗୋଷ୍ଠୀର ଅନ୍ୟଜଣେ ପାକିସ୍ଥାନୀ ହେଲେ ଜେଏଫ୍ଏରେ ଅଧ୍ୟକ୍ଷା ଭାବେ କାର୍ଯ୍ୟରତ ଏବଂ ମୁସଲିମ୍ ନେଟ୍‌ୱାର୍କ ଟିଭିର ଉପସ୍ଥାପିକା । ଜେଏଫ୍‌ର ଫ୍ରି କାଶ୍ମୀର ପ୍ରକଳ୍ପକୁ ଚଳାଉଥିବା ଲୋକଙ୍କ ମଧ୍ୟରେ ସେ ଅନ୍ୟତମ। ଜେଏଫ୍ଏ କାନାଡାର ୱେବସାଇଟରେ ଯେଉଁସବୁ ତଥ୍ୟ ପ୍ରଦାନ କରାଯାଇଛି,ସେସବୁର ଉତ୍ସ କାଶ୍ମୀର ମିଡିଆ ସର୍ଭିସ ଏବଂ ସିଜେ ୱାର୍ଲେମାନ ହିଁ ରହିଆସିଛି। କାଶ୍ମୀର ମିଡିଆ ସର୍ଭିସ ସ୍ୱର୍ଗତ ଶେଖ୍ ତାଜମ୍ମୁଲ ଇସଲାମଙ୍କ ଦ୍ୱାରା ଇସଲାମାବାଦରେ ପଞ୍ଜିକୃତ କାଶ୍ମୀର ସମ୍ବାଦ ସେବା ଯାହା ପାକ୍‌ର ଦୃଷ୍ଟିକୋଣ ଆଧାରିତ ସମ୍ବାଦ ପରିବେଷଣ କରିଥାଏ । ତାଜମ୍ମୁଲ ଇସଲାମ ଶ୍ରୀନଗରର ବାସିନ୍ଦା ହେଲେ ହେଁ ୧୯୮୦ ଦଶକରେ ସେ ପାକ୍‌କୁ ଚାଲିଯାଇଥିଲେ। ୧୯୮୦ଦଶକରେ ସେ ସ୍କୁଲ ପିଲାମାନଙ୍କୁ କାଶ୍ମୀରରେ ଜମିଆତ-ଇ-ତଲାବାରେ କାର୍ଯ୍ୟକରିବା ପାଇଁ ପ୍ରୋତ୍ସାହିତ କରୁଥିଲେ। ସେ ଜମାତେ ଇସଲାମୀର 'ଦୈନିକ ଅଜାନ'ର ମୁଖ୍ୟ ସଂପାଦକ ଦାୟିତ୍ୱରେ ଥିଲେ। ସେପ୍ଟେମ୍ବର ୨୦୨୧ରେ ତାଜମ୍ମୁଲଙ୍କର ମୃତ୍ୟୁ ହୋଇଥିଲା । କାଶ୍ମୀର ମିଡିଆ ସର୍ଭିସ ଅନେକ ସମୟରେ ଭାରତ ବିଷୟରେ ମିଛ ଖବରମାନ ପ୍ରସାର କରିଥାଏ। ସିଜେ ୱାର୍ଲେମାନ ଜଣେ ଅଷ୍ଟ୍ରେଲିୟ ସାମ୍ବାଦିକ ଯିଏକି ଫରିଦ ଜାକରିଆ, ୱିଲିୟମ ବ୍ରୋଲେସ ଜୁନିଅର, ରୋବର୍ଟ ପେପେ, ଏଡୁଆର୍ଡୋ ପୋର୍ଟର ଆଦି ଲେଖକଙ୍କ ଲେଖାକୁ କପି କରି ଲେଖିଥାଏ। କାଶ୍ମୀର ଓ ପାଲେଷ୍ଟାଇନ ସଂପର୍କୀତ ଅନେକ ମିଛ ଖବର ସେ ପ୍ରସାରିତ କରିଥାଏ। ୨୩ ନଭେମ୍ବର ୨୦୨୧ରେ ଭାରତ ବିରୋଧୀ ବୟକଟ, ଡିଭେଷ୍ଟମେଣ୍ଟ ଏଣ୍ଡ ସାଙ୍କସନ୍ସ ମୁଭମେଣ୍ଟ (ବିଡିଏସ୍ ମୁଭମେ) ରେ ସେ ସାମିଲଥିଲା । ଏମିତି ଦେଖିବାକୁ ଗଲେ ଅନେକ ଗୋଷ୍ଠୀ ଏବଂ ବ୍ୟକ୍ତି କାଶ୍ମୀର ସଂକ୍ରାନ୍ତରେ ଅନବରତ ମିଛ ଖବରମାନ ପ୍ରସାରିତ କରି ବିଶ୍ୱରେ ଜନସାଧାରଣଙ୍କୁ ଭୁଆଁ ବୁଲାଇ ଆସୁଛନ୍ତି ।

*ଭାରତୀୟ ସମ୍ବାଦ ସେବା (ଭାସ୍)*
*ଭୁବନେଶ୍ୱର-୭୫୧୦୦୩*

## ଧାରାବାହିକ ଉପନ୍ୟାସ

### ବିଶୃଙ୍ଖଳ ରାତି ଓ ନୀଳପରୀ



ଡ. ମୌସୁମୀ ପରିଡା

ଭାଗ-୫୦




*(ପୂର୍ବପ୍ରକାଶ ଉତ୍ତାରୁ)*

ଯଥାଶୀଘ୍ର ଏଠୁ ବାହାରିଯାଆ। ସେ ମଦନା ଗୋଟେ ପାଲା ଲଗେଇଛି। ନାଇଁ ? ମୋ ବାହାଘର ଚିନ୍ତା ତାକୁ ଭାରି ଘାରିଛି। ସେ କଣ ମୋ ବାପା,ଭାଇ ଯେ ମୋ ଭବିଷ୍ୟତ କଥା ଚିନ୍ତା କରିବ ? ତାକୁ କହିଦବୁ ନିଜ ସ୍ଥାନ ଭୁଲିନଯାଉ।

ତୁ ଏତେ କାହିଁ ରାଗୁଛୁ ? ମୁଁ ତ ତୋରି ଭଲ ପାଇଁ ଆସିଥିଲି। ମଦନାଭାଇ ବି ତୋତେ ଭଉଣୀ ପରି ଦେଖେ। ସେଥିପାଇଁ ସେ କହୁଥିଲା ତୁ ଯଦି ମାନିଯାଉ- ତେବେ ମୁଁ ତୋ ମଥାରେ ସିନ୍ଦୂର ଦେଇ ନେଇ ରାଜରାଣୀ କରି ରଖନ୍ତି।

କହିଲି ନା..ନିଜ ସୀମାରେ ରହ। ଆଗକୁ ବଢନା। ରୁକ୍ଷ ସ୍ୱରରେ କହିଲା ଲୀନା। ସେ ଦୁର୍ଗା ମୂର୍ତ୍ତୀ ଧାରଣ କରି ନାଥିଆ ହାତରୁ ଖାଦ୍ୟତକ ବାହାରକୁ ଫିଙ୍ଗି ଦେଲା। ଟୋକିର କେତେ ବହପ ମ!

ନାଥିଆ ତା ଆଗେ ପୁଣି କେତେ କାକୁତି ମିନତି ହେଲା- ମୁଁ ତୋତେ ଖୁବ୍ ଭଲପାଏ। ତୋତେ ଦେଖିବା ଦିନଠୁଁ ମୁଁ ଖାଇବାପିଇବା ଭୁଲି ଯାଇଛି। ଅହରହ ତୁ ମୋ ଆଖିକୁ ଦିଶୁଛୁ। ମୁଁ ରାତିରେ ଶୋଇବି ପାରୁନି। ତୁ ମୋ ସ୍ୱପ୍ନରେ ବି ଆସୁଛୁ। ତୋ ବିନା ମୁଁ ବଂଚି ପାରିବିନି ଲୋ ଲୀନା। ଆଉ ମୁଁ ତୋତେ..ନାଥିଆ ଏତିକି କହୁକହୁ ଠାଏକିନା ଚଟକଣାଟିଏ ବସିଗଲା ତା ଗାଲରେ..। ଝାଇଁଝାଇଁ ହୋଇଗଲା ତା ମଥା।

ଦରୁଆନ୍ ଆସି ତାକୁ ଟାଣିଟାଣି ନେଇଗଲା ବାହାରକୁ। ପାଗଳଙ୍କ ଭଳି ସେ ତଥାପି କହି ଚାଲିଥିଲା- କାଇଁ ମୋ ପାଖରେ ଶୋଇଲେ କଣ ତୋ ଇଜ୍ଜତ୍ ଚାଲି ଯାଉଛି ? ଆଲୋ ମୁଁ ତୋତେ ସ୍ତ୍ରୀର ଅଧୀକାର ଦେବି। ହେଲେ ଏ ମାଲିକ ତୋତେ କଣ ଦେବ ? ଚକଚକିଆ ଚେହେରା ଦେଖି ଭଳିଯାଉଛୁ ନାଇଁ ?

ମୁଁ ତୋତେ ଗନ୍ଧଉଛି ? ତା ପାଖରେ ଶୋଇବାଟା ସ୍ୱର୍ଗସୁଖ ଭଳି ଲାଗୁଚି, ନୁହଁ ? କୋଉ ବଡ ଘରର ଝିଅ ବା ତୁ ? ସେଇ ନର୍ଦ୍ଦମାରୁ ଆସିଛୁ। ଆଜି ଟିକେ ଟ୍ୟାପ୍ ପାଣିରେ ସଫାଦିଶିଲୁ ବୋଲି ଆମକୁ ଘୃଣା କରୁଛୁ ? କାଇଁ ଆମେ କଣ କୁକୁର ନା ବିଲେଇ ? ଆମେମାନେ ବି ମଣିଷ, ଏଠି ରହି ଏକଥା ତୁ ବୋଧେ ଭୁଲିଯାଇଚୁ।

ଲୀନା ପାଟି ଦୂରରୁ ଶୁଭୁଥିଲା- ଭଲ ଲୋକ ଭାବି ତୋ ସହିତ ପଦୁଟିଏ କଥା ହୋଇଥିଲି ବୋଲି ମୋର ଭୁଲ୍ ହେଇଗଲା ବୋଧେ ! ଆଖିରୁ ଝରଝର ହୋଇ ନିଗିଡି ଚାଲିଛି ଅଶ୍ରୁଧାର। ସେବେଠାରୁ ସେ ଚଉରା ମୂଳେ ବସିଛି ଯେ ବସିଛି ! ଆଉ ଭିତରକୁ ଯାଇନି। ଗୋଟେ ଦୁଶ୍ଚିନ୍ତା ତାକୁ ଖାଇ ଗୋଡାଇଛି। ନାଥିଆର ସେ ଶେଷ କଥା ପଦିକ ତା କାନରେ ବାଜିଉଠୁଛି। ନର୍ଦ୍ଦମାରୁ ଆସିଛି ସେ..ସାନବାବୁ ପାଖରେ ଶୋଇବାଟା ସ୍ୱର୍ଗସୁଖ ଭଳି ଲାଗୁଛି !

ଏ କେଇପଦ କଥା ତା ମଥା ଘୁରାଇ ଦେଉଛି। ତା କାନ ପାଖରେ ରିଂ ରିଂ ହୋଇ ସେହି ପଦମାନ ପ୍ରତିଧ୍ୱନିତ ହେଉଛନ୍ତି। ସତରେ କଣ ସେ ବଦଳିଯାଇଛି ଏ ବଡଘରେ ରହି ? ସେ କଣ ଗରିବମାନଙ୍କୁ ଘୃଣା କରୁଛି ? ନା କେବେ ନୁହେଁ। ବରଂ ସେ ସାନବାବୁ ଓ ତାଙ୍କ ଘର ପ୍ରତି ଏତେ ପରିମାଣରେ ସମର୍ପିତା ଯେ ଅନ୍ୟ କାହାର ଡାକ ସେ ଶୁଣିପାରୁନି। ଅନ୍ୟର ସୁଖଦୁଃଖକୁ ସେ ବୁଝିପାରୁନି। ସେ କଣ କେବେ ବି ନାଥିଆକୁ ଭିନ୍ନ ଦୃଷ୍ଟିରେ ଦେଖିପାରିବ ? ସେ ତ ପୂର୍ଣ୍ଣପ୍ରାଣରେ ନିଜକୁ ଅର୍ପଣ କରିସାରିଛି। ସେଠି ନିନ୍ଦା ଓ ଅପବାଦର ସ୍ଥାନ କାହିଁ ? ତଥାପି ନାଥିଆର କଥାଗୁଡିକ ତାକୁ ଭୀଷଣ ଭାବରେ ଆଘାତ ଦେଇଛି। ଲୋକମାନେ ତାକୁ କଣ କେବଳ ଗୋଟେ ଶଯ୍ୟାସଙ୍ଗିନୀ ବୋଲି ମନେକରନ୍ତି ? ସେ କଣ ସାନବାବୁଙ୍କ... ?

ପୁଣି ସେ କାନ୍ଦିଉଠିଲା। ତା ଅନ୍ତର୍ବେଦନା ଗୁଡିକ ଅସ୍ୱଷ୍ଟଭାବେ ଉଚ୍ଚାରିତ ହେଉଥିଲେ କାନପାଖେ- ନା ମୋ ଠାକୁରଙ୍କୁ କଳୁଷିତ କରନାହିଁ। ମୋ ଦେହକୁ ପଛେ କାଦୁଅ ଫିଙ୍ଗ, ପାଉଁଶରେ ମୋ ମୁହଁକୁ ପଛେ ବିବର୍ଣ୍ଣ କରିଦିଅ, ହେଲେ ମୋ ଠାକୁରଙ୍କୁ କାଦୁଅ ଛିଟା ଲଗାଅନି। ସେ ନିର୍ଦ୍ଦୋଷ..ପବିତ୍ର ! ସେ ଜାଣିଥିଲା ତା ଲୁହ ପୋଛିବାକୁ ଆଉ କେହି କେବେ ଆସିବେନି। ଜେଜେମାଆ ପରେ ସେସବୁ ଆଉ ସେ ଆଶା କରେନି। ତାକୁ ହିଁ ଝୁରିହୁଏ ଅହର୍ନିଶ। ଚଉରାକୁ ଆଉଜି ଚାହିଁଥିଲା ଆକାଶକୁ। ଆକାଶର ଟିକିଟିକି ତାରାମାନଙ୍କୁ।

ଭାବୁଥିଲା- ଜେଜେମାଆ ଯଦି ତାରାମାନଂକ ମେଳରେ ତାକୁ ଦେଖୁଥିବ, ତେବେ ସେ ଅଦୃଶ୍ୟ ହାତରେ ତା ଆଖିରୁ ଲୁହତକ ପୋଛି ପକାଉଥିବ। ଭଲ ଲାଗୁନାହିଁ ଆଉ ଏ ଜୀବନ ! ମନ ତଳେ ଛୋଟିଆ ଇଚ୍ଛାଟିଏ ଜାଗିଲା- ଜେଜେମାଆ ମୋତେ ବି ତୋ ସହ ନେଇଯାନ୍ତୁନି ସେ ଅଫେରା ରାଜ୍ୟକୁ ? ଆଉ ମୁଁ ତୋର ଅବାଧ୍ୟ ହୁଅନ୍ତିନି। ତୋ କଥା ମାନନ୍ତି। ତୁ ବାବା ଓ ମାଆ ସହିତ କେତେ ସୁଖରେ ଆଉ ମୁଁ ଏଠି କେତେ ଏକୁଟିଆ ? ମୋତେ ଆଉ ଏ ଜୀବନ ଭଲ ଲାଗୁନାହିଁ। ତୁ ତ ସବୁ ଜାଣୁ। ଏତେ ଏକାକୀ କରି କେମିତି ପଳେଇଲୁ ? ଏବେ ମୋତେ ନେଇ ଯା'। କଇଁକଇଁ ହୋଇ କାନ୍ଦିଉଠିଲା ସେ।

ଅଫୁରନ୍ତ କୋହରେ..ପଥରୁଦ୍ଧା ଝରଣାଟି ହଠାତ୍ ବାଟ ଖୋଜି ପାଇଯିବା ପରର ଉଚ୍ଛୁଳା ଆବେଗ ଭଳି..ସେ ଝରାଇ ଚାଲିଥିଲା ଲୋତକଧାର। ସାନବାବୁଙ୍କ ଗାଡି ଆସିଲା ବୋଧହୁଏ। ଦରୁଆନ୍ ଗେଟ୍ ଖୋଲିଦେଲାରୁ ଭିତରକୁ ପଶିଲା ଗାଡିଟି। ଲୀନା ଘର ଭିତରକୁ ଚାଲିଗଲାଣି।

*(କ୍ରମଶଃ)*

## ଆବଗୁଣ୍ଠନ



ସୀମାଞ୍ଚଳ ରଣା

ଅରଣ୍ୟ ସାରା ବର୍ଷା
ଆଉ ଗୋଟେ ଈର୍ଷାର ସହରରେ
ଆମେ ଦୁହେଁ ଅତି ନିକଟତର,
ମୋତେ ତୁ ଉତ୍ତାପକରି ତରଳେଇ ଦେବୁ/
ମୁଁ ଅମ୍ଳଜାନ ପରି ବୋହିବି
ତୋ ରକ୍ତର ପ୍ରତିଟି କଣିକାରେ !
ଇପ୍ସିତ ରାତିରେ
ମୁଁ କରୁଥିବୁ ତୋ ରୂପର ବର୍ଣ୍ଣନା
ତୋ ଉପାସକ ହୋଇ।
ଉଚ୍ଚାରିବି.......
ଦେବୀ ତୋ ରୂପ ବର୍ଣ୍ଣିବି
ମଥାରୁ ଓହ୍ଲାଇ ବି ଦେବୀ ଅମଖା ବିଶ୍ୱସ୍ତ
କହିଛି ତ ମୁଁ ପ୍ରେମିକ !
ଆଦି ମନ୍ତ୍ରର।
ତୋ ସୁଉଚ୍ଚ କପାଳ
ନିତମ୍ବ ଚୁମ୍ବୀ ଉର୍ମିଳ କେଶଦାମ
ଆଜାନୁଲମ୍ବିତ ବାହୁ, ଶଂଖଗ୍ରୀବା ଆୟତ,
ହରିଣୀ ଚକ୍ଷୁ ଯୁଗଳ, ମୁକ୍ତାର ଦାନ୍ତ
ପ୍ରସସ୍ଥ ଛାତି, ସୁଡୋଳ ସ୍ତନ ଯୁଗଳ
ଦୀର୍ଘଦେହୀ, ବିପୁଳ ଜଘନା/
ସିଂହ କଟିରେ କଟାହାତର ମେଖଳା
ଚମ୍ପକ-ଆଙ୍ଗୁଳି ଦେବୀ,ପାଦମାନେ ସୁଠାମ।
ଲଜ୍ୟାରୁଣା ହେ ଦେବୀ
ମୁଁ ପ୍ରେମିକ ବର୍ଣ୍ଣୁଛି ତୋ ରୂପ
ତୋ ଦେହର ନିଶା,
କାଦମ୍ବରୀ କୁ ଉପହାସ କରେ
ତୁ ସ୍ୱୟଂଭୁ ପୁରୁଷର ସ୍ତ୍ରୀ ହେବୁ ବୋଲି
ଶହେ ଆଠ ଜନ୍ମକୁ ବରଣକଲୁ,
ପ୍ରେମିକାର ମନନେଇ,ପ୍ରେମିକାର ଆକାଂକ୍ଷାରେ;
ବାରମ୍ବାର ଧରାରେ ଜନ୍ମିଲୁ।
ଜଳି ଉଠିଲୁ ତୁ
ମୋ ପ୍ରତିଟି ଡାକରେ ଉନ୍ମାଦିତ,ଅସମ୍ଭାଳ,
ଚତୁର୍ଥୀ ଲଗ୍ନରେ ଜଡେଇ ଦେଇ ତୋ ସୁଦୀର୍ଘ ବାହୁରେ;
ଉଁନ୍ମୁକ୍ତ ଛାତିରେ ହଜେଇ ନେଲି ନିଜକୁ।

*ବାଙ୍ଗାଲୋର, କର୍ଣ୍ଣାଟକ*

## ପ୍ରତୀକ୍ଷା



ରମାମଣି ଦାସ

ପ୍ରତୀତର ଅନ୍ୱେଷଣ
ତତ୍କ୍ଷଣାତ ମିଳିବାର ସମ୍ମୋହନ
କ୍ଷଣଟିଏ ପାଇଁ ହେଉ ପଛେ
ଜାଗିଉଠେ ମନେ ଅହେତୁକ ଆଶା
ନାଁ ତାର ପ୍ରତୀକ୍ଷା
ଉତ୍କଣ୍ଠାର ଆବେଗିକ ଉତ୍ସ
ଝର ଝର ନାଦରେ କଲ୍ଲୋଳିତ ସୁରେ
ବନ୍ଧୁର ଓ ମସୃଣର ଲକ୍ଷ୍ୟ ଭେଦି
ଅନାୟାସେ ପହଞ୍ଚେ ଶୀର୍ଷରେ
ନାଁ ତାର ପ୍ରତୀକ୍ଷା।
ଅସମାହିତ ପ୍ରଶ୍ନବାଚୀ
ମୋ ଜୀବନ ପରିଧିରେ
ମୁଣ୍ଡଟେକି ରହିଅଛି ସିଏ
ନାହିଁ ତା'ର ପ୍ରାରମ୍ଭ କି ଅନ୍ତ
ନାଁ ତା'ର ପ୍ରତୀକ୍ଷା
କେବେ ସିଏ ଭରିଦିଏ
ଅଫୁରନ୍ତ ଆନନ୍ଦ
ପୁଣି କେବେ ଦାରୁଣ ବିଷାଦ
ତଥାପି ନିର୍ନିମେଷ ନୟନରେ
ଖୋଜୁଥାଏ ଅହରହ ତାକୁ
ନାଁ ତା'ର ପ୍ରତୀକ୍ଷା।

*ରାଜଘରପୋଖରୀ,*
*ବାସୁଦେବପୁର, ଭଦ୍ରକ*

## ବତୀଘର



ରାମ ଚନ୍ଦ୍ର ପ୍ରଧାନ

କୂଳେ ଫେରିବାକୁ ବାଟ ଯେ' ବତାଏ
ଟାଳି ବିପଦର ଡର
ସିଏ ପରା ଆମ ବେଳାଭୂମି ପରେ
ଜଳୁଥିବା ବତୀଘର।
ଅଶାନ୍ତ ସମୁଦ୍ରେ ଭ୍ରମିତ ନାଉରୀ
ହୁଏ ଯେବେ ଦିଗହରା
ବ୍ୟାକୁଳ ହୃଦୟେ ଖୋଜୁଥାଏ ସିଏ
ବତୀଘରର ସାହାରା।
ବିପଦେ ସାଜି ସେ' ପଥ ପ୍ରଦର୍ଶକ
କରେ ସବୁ ପ୍ରତିକାର
ନୀଳ ସାଗରର ଅନ୍ଧାରକୁ ଚିରି
ଦୁଃଖ ହରେ ନାବିକର।
କାହିଁ କେଉଁ କାଳୁ କେତେ ଝଡ଼ ବାତ୍ୟା
ତା' ଦେହେ ଯାଇଛି ବହି
ତଥାପି ଦବିନି ଝରୁଛି ତା' ହସ
ସାଗର କୂଳରେ ରହି।
ବତୀଘର ଏକା ଜାଣିଅଛି ଦୁଃଖ
ଅନ୍ଧାରର ସୀମାରେଖା
ତା' ପାଇଁ ତ କେହି ନିଜର ନୁହଁଇ
ନାବିକ ତାହାର ସଖା।
ଆଜି ବି ଉଜ୍ଜଳ ବତୀଘର ବତୀ
ଧୈର୍ଯ୍ୟର ଆଲୋକ ଧରି
ନାବିକ ମନକୁ ସୁଦୃଢ଼ କରଇ
ମଙ୍ଗକୁ ସଳଖ କରି।

*ଶିକ୍ଷକ*
*ସାନ୍ତରାପଲ୍ଲୀ, ଗଞ୍ଜାମ*
*ଦୂରଭାଷ:୯୮୬୧୬୩୮୭୩୬*

## ଭିନ୍ନ ଏକ ଚିତ୍ର

ଲଳିତ ମୋହନ ମିଶ୍ର





*(ପୂର୍ବପ୍ରକାଶ ଉତ୍ତାରୁ)*

ତାଙ୍କ ନିଜ ଜେଜେବାପା ସେଠାରେ ନଥିଲେ। ନରହରି ସାର୍ ହିଁ ତାର ଜେଜେବାପା। ଯିବାବେଳେ ରମେଶ କହିଥିଲା - କେବେ ଭୁବନେଶ୍ୱର ଆସନ୍ତୁ। ଆମକୁ ବହୁତ ଭଲ ଲାଗିବ। ନାତିଆ ଟୋକାଟା ଚାଲି ଯାଉଥିବା ଦେଖି ଉଭୟ ବୁଢା ବଢୁଙ୍କୁ ଆଖିରୁ ଲୁହ ଝରି ଆସିଥିଲା ଏବଂ ବହୁତ ସାରା ଆଶୀର୍ବାଦ ଦେଇଥିଲେ। ସାର୍ ହାତ ମୁହଁ ଧୋଇବାକୁ ବେସିନ୍ ପାଖକୁ ଯାଉଥିଲେ। କଥା ହେଉ ହେଉ କାଳେ ଚା ଥଣ୍ଡା ହୋଇଯିବ। ସେପଟେ ରମେଶର ସ୍ତ୍ରୀ ପ୍ରିୟାର ସ୍ୱର ଶୁଣାଗଲା। ଆଜି ଅପରାହ୍ନରେ ମୋର ସାଙ୍ଗମାନେ ଆମ ଘରକୁ ଆସିବେ। ଏମାନେ ରହିଲେ ସେମାନେ କେଉଁଠି ରହିବେ ? ତୁମର ଠିକଣା ଦେବା କ'ଣ ଆବଶ୍ୟକତା ଥିଲା ? ମୁଁ ସେମାନଙ୍କୁ କ'ଣ ଉତ୍ତର ଦେବି ? ରମେଶର ସ୍ୱର ଶୁଭୁଥାଏ। ମୁଁ କ'ଣ କରିବି ଯେ, ମୁଁ ପ୍ରକୃତରେ ତାଙ୍କୁ ଡାକିଛି ନା କ'ଣ ? ଟିକେ ଅପେକ୍ଷା କର, କୌଣସି ପ୍ରକାରେ ମୁଁ ସେମାନଙ୍କୁ ଏଠାରୁ ବିଦା କରିଦେବି। ନରହରି ସାର୍ ଏବଂ ସ୍ତ୍ରୀ ଉଭୟ ବସ୍ ଯାତ୍ରାରେ କ୍ଳାନ୍ତ ଓ ଭୋକିଲା ଥିଲେ। ଭାବିଥିଲେ ସେମାନେ ରମେଶର ଘରେ ଆରାମରେ ରହିବେ। ଏବଂ ଆରାମଦାୟକ ଜଳଖିଆ ଓ ଭୋଜନ କରିବେ, ସ୍ୱାସ୍ଥ୍ୟ ଦେଖାଇବେ। ଏହି କାରଣରୁ ସେ ବାଟରୁ କିଛି ଖାଇଲେ ନାହିଁ କି ପିଇଲେ ନାହିଁ। ପିଲାଦିନେ କେତେଥର ରମେଶ ଆମ ଘରେ ଖାଇଛି। ନିଜ ହାତରେ ନରହରି ସାର୍‌ଙ୍କ ସ୍ତ୍ରୀ ଖୁଆଇ ଦେଇଛନ୍ତି। ପ୍ରଥମ ଥର ପାଇଁ ଭୁବନେଶ୍ୱର ଆସି ଉଭୟ ରମେଶକୁ ନ ଜଣାଇ ଟ୍ୟାକ୍ସି ଯୋଗେ ଏମ୍ସରେ ପହଞ୍ଚିଗଲେ। ଗୋଟିଏ ଯାଗାରେ ବସି ବିଶାଳ ଜନ ସମାଗମ ମଧ୍ୟରେ ଆରାମ କରୁଥିଲେ। ତା'ପରେ ଜଣେ କଳା ମଚମଚ୍ ଲୋକଟି ତାଙ୍କ ପାଖକୁ ଆସି ପଚାରିଲା - ସାର୍ ନମସ୍କାର। ଚିହ୍ନି ପାରୁ ନାହାଁନ୍ତି , ମୁଁ ବାନା। ଆପଣ ମୋତେ କଥା କହିବା ପଢିବା ଶିଖାଇଲ। ସାର୍ ମନେ ପକାଇଲେ - 'ଏହି ଅନାଥ ପିଲାଟି ବାନା। ପିଲାଦିନେ ଅଳିଆ ଗଦାରୁ ଜରି ଗୋଟାଉ ଥିଲା। ଏ ଅନୁସୂଚିତ ଜାତି ହୋଇଥିବାରୁ ଗ୍ରାମବାସୀ ବିଦ୍ୟାଳୟକୁ ଆସିବାକୁ ଆପତ୍ତି କରିଥିଲେ। ଆପଣ ମୋତେ ପଢିବାର ସୁଯୋଗ ଦେଇଥିଲେ। ମୁଁ ଘଣ୍ଟାଏ ଲେଖାଏଁ ସନ୍ଧ୍ୟାରେ ଆପଣଙ୍କ ଘରକୁ ପଢିବାକୁ ଯାଉଥିଲି। ମୁଁ ଏହି ମେଡିକାଲ୍‌ରେ ଏବେ ଚତୁର୍ଥ ଶ୍ରେଣୀ କର୍ମଚାରୀ। ସ୍ୱଚ୍ଛତା ଠାରୁ ଆରମ୍ଭ କରି ପୋଷ୍ଟମର୍ଟମ ରୁମ୍ ପର୍ଯ୍ୟନ୍ତ ସମସ୍ତ ଦାୟିତ୍ୱ ମୋର। ତା'ପରେ ସଙ୍ଗେ ସଙ୍ଗେ ବ୍ୟାଗ୍ ପତ୍ର ମୁଣ୍ଡ ଉପରକୁ ଉଠାଇ ତାର ସେହି ଛୋଟ କ୍ୱାର୍ଟରକୁ ନେଇଗଲା। ବାଟରେ, ସେ ଖୁସିରେ ତା ସହ କାମ କରୁଥିବା ଲୋକଙ୍କୁ କହୁଥିଲା - ମୋର ସମ୍ପର୍କୀୟ ଆସିଛନ୍ତି। ଘରେ ପହଞ୍ଚିବା ମାତ୍ରେ ତାର ପତ୍ନୀଙ୍କୁ ସବୁ କଥା କହିଲା। ସେ ମଧ୍ୟ ଖୁସିରେ ଦୁହିଁଙ୍କ ପାଦ ଛୁଇଁ ମୁଣ୍ଡିଆ ମାରିଲା। ତା'ପରେ ସମସ୍ତେ ଏକାଠି ଗରମ ଜଳଖିଆ ଖାଇଲେ। ବାନାର ସାନ ଝିଅଟି ବୁଢାବୁଢୀଙ୍କ ସହିତ ଖେଳିଲା। ବାନା କହିଲା - ତୁମେ ଦୁହେଁ ବିଶ୍ରାମ କର। ମୁଁ ଡାକ୍ତରଖାନାରେ ଟିକେଟ୍ କରି ଆସୁଛି। ପିଲାଟି ଦିନରୁ ବାନାର ମା ବାପା ନଥିଲେ। ସେ ଏମାନଙ୍କୁ ପାଇ ବାପା ମା ପାଇଛି ବୋଲି ଗର୍ବରେ ଛାତି ଫାଟି ପଡୁଥାଏ। ଡାକ୍ତରଙ୍କ ଦେଖିବା ସମୟ ଆସିବା ମାତ୍ରେ ବୁଢା ବୁଢୀଙ୍କୁ ନେଇ ଯାଇଥିଲା। ଏବଂ ଡାକ୍ତରଙ୍କୁ କହିଲା - ଭଲ ଚିକିତ୍ସା କରନ୍ତୁ ଡାକ୍ତର ସାର, ଏ ମୋର ବୃଦ୍ଧ ବାପା ମାଆ। ଏହା ଶୁଣି ବୃଦ୍ଧା ମା ଆଶୀର୍ବାଦ କରି ବାନା ମୁଣ୍ଡରେ ଥରି ଥରି ହାତ ରଖି କହିଲେ। ମୁଁ ବନ୍ଧ୍ୟା ସତ କିନ୍ତୁ ତୁ ଆଜି ଜଣେ ସଫଳ ମାତୃତ୍ୱର ପରିଚୟ ଦେଇ ଦେଲୁ। ଆଜି ଆମେ ସନ୍ତାନ ସନ୍ତତିରୁ ବଞ୍ଚିତ ହୋଇଥିଲେ ମଧ୍ୟ ତୋତେ ଶେଷ ଜୀବନରେ ପାଇ ଆମ ଜୀବନ ଧନ୍ୟ ହୋଇଗଲା। ବାନା ଭାବି ହେଉଥାଏ - ମରୀଚିକାର ଜାଜୁଲ୍ୟତାରେ କିଛି ମହତ୍ତ୍ୱ ଅଛି। ସୂର୍ଯ୍ୟ ସେତେବେଳକୁ ପଶ୍ଚିମାକାଶରେ ବୁଡି ଯାଉଥିଲେ। ନୀଳ ଆକାଶରେ ମଲ୍ଲିଫୁଲ ଫୁଟିଥିବା ବାନାର ସୌଧ ଧିରେ ଧିରେ ପୂର୍ଣ୍ଣ ହେଉଥିଲା...।

*ନୟାଗଡ଼*
*ଦୂରଭାଷ : ୯୬୯୨୭୪୦୩୬୬*

## କବିତାର କଥା

(ଭାଗ-୧୦୯)



ଉମାକାନ୍ତ ରାଉତ



## ପ୍ରେମର ବିକଳ ଓ ବିଡ଼ମ୍ବିତ ଚିତ୍ର

ନ୍ୟାସ୍ନାଲ୍ କ୍ରାଇମ୍ ରେକର୍ଡସ୍ ବ୍ୟୁରୋ ପ୍ରକାଶିତ ପରିସଂଖ୍ୟାନ ଅନୁଯାୟୀ ୨୦୧୨ରେ ଘଟିଥିବା ହତ୍ୟାକାଣ୍ଡମାନଙ୍କ ମଧ୍ୟରୁ ଯେତିକି ହତ୍ୟାକାଣ୍ଡର ହତ୍ୟାର ଅଭିପ୍ରାୟ ସ୍ପଷ୍ଟ, ତା'ର ଭିତରୁ ୩୮୭୭ଟି ପ୍ରତିଶୋଧଜନିତ, ୩୧୬୯ଟି ସମ୍ପତ୍ତି ବିବାଦଜନିତ ଏବଂ ୨୫୪୯ କି ପ୍ରେମ ଓ ପରକୀୟାଜନିତ। ଉପରୋକ୍ତ ତଥ୍ୟ ଅନୁସାରେ ଯାହାକୁ ବ୍ୟକ୍ତିଗତ ଓ ପ୍ରତିଶୋଧଜନିତ ହତ୍ୟାକାଣ୍ଡ ବୋଲି ଦର୍ଶାଯାଇଛି ସେଥିରେ ଅନେକ କ୍ଷେତ୍ରରେ ଦେହସର୍ବସ୍ୱ ପ୍ରେମ ଅବା ପରକୀୟା ଯେ ପରଦା ପଛର କାରଣ, ଏଥିରେ ସନ୍ଦେହ ନାହିଁ। ଏତଦ୍ ଭିନ୍ନ ଅସଂଖ୍ୟ କୁତ୍ସିତ ପ୍ରେମ ଅବା ପରକୀୟାଜନିତ ହତ୍ୟା ଦୁର୍ଘଟଣା ଘଟୁଛି, ଯାହା ନଥିଭୁକ୍ତ ହୋଇପାରୁନାହିଁ। ପ୍ରାୟ ପ୍ରତ୍ୟେକ ସମ୍ବାଦପତ୍ରର କୌଣସି ଗୋଟିଏ ଦିନର ପ୍ରଥମ ପୃଷ୍ଠା ବି ଯଦି ଦେଖାଯିବ, ତା'ହେଲେ ଧର୍ଷଣ,ଦୁଷ୍କର୍ମ, ବଳାତ୍କାର, ପ୍ରେମ ନିବେଦନ, ଏକତରଫା ପ୍ରେମ, ପରକୀୟା, ଯୌନ ନିର୍ଯ୍ୟାତନା, କୁକର୍ମ - ଏହିଭଳି ଶବ୍ଦ ଲକ୍ଷ ଲକ୍ଷ ଥର ଛପା ହେଉଥିବାର ଆପଣ ପାଇବେ। ଯାକୁ ହିଁ ଦେଖିବାକୁ ଅନେକ ଲୋକ ବିକଳ ! ଯାକୁ ଲେଖିବାକୁ ଅନେକ ଲେଖାଳି ବିକଳତର... ! ହଟ୍ କେକ୍ ଭଳି ଏସବୁ ବି ବଜାର ଆୟତ୍ତ କରିବାର କୁସାମର୍ଥ୍ୟ ରଖେ। 'ହଳଦୀ ରଙ୍ଗର ଝିଅ' କ୍ୟାସେଟ୍ ଭଳି ହଳଦୀଆ ମଲାଟର ବହି ବାହାରେ ପ୍ରଦର୍ଶନ ନ ହୋଇ ବି ସାହିତ୍ୟ ବହିମାନଙ୍କଠାରୁ ଢେର୍ ବେଶି ସଂଖ୍ୟାରେ ବିକ୍ରି ହୁଏ ବୋଲି ମୁଁ ଅନେକ ପତ୍ରିକା ଦୋକାନୀଙ୍କଠାରୁ ବୁଝିଛି।

ଏଠାରେ ପ୍ରଶ୍ନ ଉଠୁଛି - ଆମେ ଏହାକୁ ପ୍ରେମ ପର୍ଯ୍ୟାୟରେ ଗ୍ରହଣ କରିବା କି ? ଏହି ଧାରାକୁ ଅଧିକ ଚମକ ଦେବାପାଇଁ ପ୍ରେମ କବିତାକୁ ଆଳ କରିବା କି ? ଏହାକୁ ସାହିତ୍ୟ ବୋଲି ଅଭିହିତ କରି, ପ୍ରଚାର ପ୍ରସାର କରି ଏହାର ବାହାଦୁରୀପଣକୁ ବଢ଼େଇବା ନା ଏସବୁର ପୁନରାବୃତ୍ତି ନହେବା ପାଇଁ ସାହିତ୍ୟରେ ଉପାୟ ଖୋଜିବା ? ଏକଥା ବିଚାର କରିବାର ବେଳ ଏବେ ଆସିଛି କବି/ ଲେଖକମାନଙ୍କ ପାଇଁ। ଯାକୁ କବିତା ନାମରେ 'ହୀରୋ' ବନେଇବା ନା ସଚ୍ଚା ପ୍ରେମର ଦ୍ୱାହିରେ 'ଜୀରୋ' ବନେଇବା - ଏକଥା ଏହି ଚର୍ଚ୍ଚା ମାଧ୍ୟମରେ ତୟ କରାଯାଉ।

ପ୍ରେମକୁ ନେଇ ହତ୍ୟାକାଣ୍ଡ, ହିଂସାଚାର, ଯୁଦ୍ଧ ଠାରୁ ଆରମ୍ଭ କରି ହୃଦୟ ପରିବର୍ତ୍ତନ ଯାଏଁ ଅନେକ କାହାଣୀ, ଘଟଣା ଓ ଦୁର୍ଘଟଣାରେ ଭରପୁର୍ ଆମର ପୁରାଣ, ସାହିତ୍ୟ ଏବଂ ଇତିହାସ। ଏବେ ଏକବିଂଶ ଶତାବ୍ଦୀର ପରେ ଯେତେବେଳେ ସବୁକିଛି ଉପଭୋକ୍ତାବାଦ, ବଜାରିକରଣ, ଭର୍ଚ୍ଚୁଆଲ୍ ରିଏଲିଟି, ପ୍ଲାଷ୍ଟିକ୍ ଟଙ୍କା, ଡେବିଟ୍ ଓ କ୍ରେଡିଟ୍ କାର୍ଡ, ଇନ୍‌ଷ୍ଟାଗ୍ରାମ୍ , ୟୁଟ୍ୟୁବ୍, କ୍ଲୋନିଂ ଆଦି ଭାବ ଓ ହୃଦୟହୀନ ସଂସ୍କୃତିର ପ୍ରତୀକମାନଙ୍କଦ୍ୱାରା କବଳିତ ସେତିକିବେଳେ ପ୍ରେମର ଆଦିମ ଆବେଦନର ତୀବ୍ରତା କେତେଦୂର ଗ୍ରହଣୀୟ, ତାହା କବି/ଲେଖକଟିଏ ବିଚାର କରିବ ନାହିଁ ତ କିଏ କରିବ ? ନହେଲେ ଅସୀଠାରୁ ମସୀର ତାକତ୍ ବେଶି ବୋଲି ସିଏ କାହିଁକି କହିବ ? ବଲମ ଠାରୁ କଲମର ମୂନ ଅଧିକ ଶାଣିତ ବୋଲି ଉଦଘୋଷଣା କରିବାର ଅଧିକାର ସିଏ କେମିତି ହାସଲ କରିପାରିବ ? କଲମ ମୂନର ଅସ୍ତ୍ରଟିଏ ଛଡ଼ା କବି ପାଖରେ ଆଉ ଥାଏ କ'ଣ କି ?

ତେବେ କହିବାର କଥା ହେଲା, ଏ ପରିସଂଖ୍ୟାନରୁ ପ୍ରେମର ଯେଉଁ ବିଡ଼ମ୍ବିତ ଚିତ୍ରଟିଏ ଆମ ଆଗକୁ ଆସୁଛି ତାହା ହେଲା ତଥାକଥିତ ପ୍ରେମ ତଥା ପ୍ରେମ କବିତାର ଦାଢ଼ରେ ଆମେ ଜୀବନକୁ ଯେତିକି ପ୍ରେମମୟ କରିପାରି ନାହାନ୍ତି ତାହାର ଲକ୍ଷାଧିକ ଅନୁପାତରେ ହିଂସା, ଦ୍ୱେଷ, ପରକୀୟା, ପ୍ରତାରଣା ଓ ପ୍ରତିଶୋଧ ଦ୍ୱାରା ତାକୁ ରକ୍ତରଞ୍ଜିତ କରିଛନ୍ତି। ଏହା ଯଥାର୍ଥରେ ମାନବୀୟ ପ୍ରେମର ପରିଭାଷା ନା ପ୍ରେମ ନାମରେ ଦେହସର୍ବସ୍ୱ ଜାନ୍ତବ କ୍ଷୁଧାର କୁକୁରୀୟ ମାନସିକତା ?

ଅନ୍ଧାରକୁ ଦୂର କରିବା ପାଇଁ ଆଲୋକର ଆବଶ୍ୟକତା ଥାଏ। ସେହିଭଳି ଘୃଣାକୁ ଦୂର କରିବା ପାଇଁ ଘୃଣା ନୁହେଁ, ପ୍ରେମ ହିଁ ଦରକାର। ସୁତରାଂ, ପ୍ରେମ କବିତା ଘୃଣା, ହିଂସା, ହତ୍ୟା, ଅନ୍ୟାୟ, ଅନାଚାର, ବଳାତ୍କାର, ଦୁଃଷ୍କର୍ମ, ପରକୀୟାଜନିତ ଜଘନ୍ୟ ହତ୍ୟାକାଣ୍ଡ ଆଦିରୁ ନିସ୍ତାରିବାର ଅମୋଘ ଅସ୍ତ୍ର ହେବା ବିଧେୟ। ହେଲେ ବସ୍ତୁତଃ ପ୍ରେମ କବିତା ନାମରେ ଦେହବାଦ ଏବଂ ଯୌନ ଉଦ୍ଦୀପକ ରଚନାଗୁଡ଼ିକ ଏହାକୁ ପ୍ରଶମିତ କରିବା ପାଇଁ ସହାୟ ହୋଇପାରୁଛି କି ? ମଦି ନ ହୋଇ ପାରୁଛି, ତାକୁ କେଉଁ ନ୍ୟାୟରେ ପ୍ରେମ କବିତା କୁହାଯିବ ?

ପ୍ରେମ କବିତା ଲେଖାହେବା ନିହାତି ଶୁଭ ସୂଚନା। ଘୃଣା, ହିଂସା, ଦ୍ୱେଷ, ହତ୍ୟା, ଅହଂକାର ଆଦି ହଟିଯାଇ ପ୍ରେମର ଗୋଟେ ବାତାବରଣ ସୃଷ୍ଟି ହେଉ , ଏକଥା କିଏ ନ ଚାହେଁ ? ହେଲେ କାହିଁ ପ୍ରେମ କବିତା ? ଯଦି ବି ଅଛି, ସେଥିରେ ଅଛି କି ପ୍ରେମର ପରିଭାଷା ? ପ୍ରେମିକଟିଏର ଦୃଷ୍ଟିଭଙ୍ଗୀ ? ତ୍ୟାଗର ତପୋବନ ?

ଏ କଥାକୁ ସ୍ରଷ୍ଟାଟିଏ ବୁଝିବା ଦରକାର। ଖାଲି ଚର୍ଚ୍ଚାରେ ରହିବା ପାଇଁ, ଶସ୍ତା ନାମ କମେଇବା ପାଇଁ , କେବଳ ଦେହକୁ ବର୍ଣ୍ଣନା କରି ବାହ୍ୟ ଉତ୍ତେଜନା ଓ ଉଦ୍ଦୀପନା ସୃଷ୍ଟି କରିଦେଲେ କ'ଣ ହେଇଗଲା ପ୍ରେମ ଆଉ ପ୍ରେମ କବିତା ? ଲୋକେ ଦୁମ୍ ଦୁମିଆ ଦ୍ୱିପ୍ରହର ସମୟରେ ପ୍ରେକ୍ଷାଳୟରେ ଚଲାଯାଉଥିବା 'ଏ' ଲେଖାଥିବା ଫିଲ୍ମ ନ ଦେଖି 'ମୈନେ ପ୍ୟାର୍ କିୟା' ଦେଖିବାକୁ ଯିବେ କାହିଁକି ?

(ଅବଶ୍ୟ 'ଏ' ଲେଖା ଚଳଚ୍ଚିତ୍ରମାନ ବିନା ପ୍ରଚାରରେ ବି ଏବେ ହାଉସ୍ ଫୁଲ୍ ହେବାର ଦେଖାଯାଉଛି ! ଏହା ସାହିତ୍ୟ ଅନୁପନ୍ଥୀ କି ନା - ବିଚାର ଆପଣମାନଙ୍କର)

*(କ୍ରମଶଃ)*

*କଥା ହୁଅନ୍ତୁ : ୯୪୩୭୨୬୭୧୨୫*

# ରିଭୋଲକୋନା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ



**ରାୟଗଡା :** କୋଲନରା ବ୍ଲକ ଅନ୍ତର୍ଗତ ଗଦିଶେଷଖାଲ ଗ୍ରାମ ପଞ୍ଚାୟତରେ ଥିବା ରିଭୋଲକୋନା ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ବିଭାଗର ସରକାରୀ (ଏସ୍. ଏସ୍. ଡି) ଉଚ୍ଚ ବିଦ୍ୟାଳୟ ପରିସରରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୋଲା ବାମନ ମୂର୍ତ୍ତୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବାର୍ଷିକ ଉତ୍ସବରେ ଅନୁସୂଚିତ ଜାତି ଓ ଜନଜାତି ପଛୁଆ ବର୍ଗ ଉନ୍ନୟନ ତଥା ଆଇନ ମନ୍ତ୍ରୀ ଜଗନ୍ନାଥ ସାରକା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ କୋଲନରା ପଞ୍ଚାୟତ ସମିତି ଅଧକ୍ଷା ସଂଯୁକ୍ତା କୁଲିସିକା, ସ୍ଥାନୀୟ ସରପଞ୍ଚ ରଂଜିତା ମୁଷୁକା,, ସମିତି ସଭ୍ୟ ମନୀଷ ରାଓ ମିନିଆକା,, ଜିଲ୍ଲା ମଙ୍ଗଳ ଅଧିକାରୀ ଅଶୋକ କୁମାର ଶତପଥୀ, ବଡ଼ ଖିଲାପଦର ସରପଞ୍ଚ ମାଦା ରାଓ କୋଣ୍ଡାଗୋରୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରାମୁଲୁ ମୁଷୁକା , କୋଲନରା ସରପଞ୍ଚ ପ୍ରମୋଦ କୋଣ୍ଡଗୋରି ଓ ପୂର୍ବତନ ଡି ଆଇ ବିଶ୍ୱାଳ ଓ ମୁଖ୍ୟ ବକ୍ତା ଭାବେ ମଙ୍ଗଳ ବିଭାଗ ଶିକ୍ଷା ପରିଦର୍ଶକ ଶ୍ୟାମଘନ ଭୂୟାଁ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଶ୍ରୀ ଜଗନ୍ନାଥଙ୍କ ଫୋଟ ଚିତ୍ରରେ ଦ୍ୱୀପ ପ୍ରଜ୍ୱଳନ କରାଗଲା ପରେ ଅତିଥି ପରିଚୟ ଏବଂ ଅତିଥିଙ୍କୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ପରେ ଅଧ୍ୟୟନରତ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। ପ୍ରଧାନ ଶିକ୍ଷକ କୋଲା ବାମନ ମୂର୍ତ୍ତୀ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଦ୍ୟାର୍ଥୀ ମାନଙ୍କ ଲୁକ୍କାୟିତ ପ୍ରତିଭା ଚୟନ ଦିଗରେ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଅଭିଭାବକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଥାଏ। ପାଠପଢା ସହିତ କ୍ରୀଡ଼ାରେ ଜଡିତ ରହିଲେ ଛାତ୍ରଛାତ୍ରୀ ମାନଙ୍କ ମୌଖିକ ବିକାଶ ହେବା ସହ କଠିନ ପରିଶ୍ରମ ହିଁ ଜୀବନରେ ସଫଳତା ଆଣିଦେଇଥାଏ ବୋଲି ମୁଖ୍ୟ ଅତିଥି ଶ୍ରୀ ସାରକା ନିଜ ଅଭିଭାଷଣରେ କହିଥିଲେ। ଛାତ୍ରଛାତ୍ରୀ ମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ଅନୁସୂଚିତ ଜନଜାତି ପିଲାଙ୍କ ଉଚ୍ଚଶିକ୍ଷା ନିମନ୍ତେ ସରକାରଙ୍କ ବିଭିନ୍ନ ପ୍ରକାର ଯୋଜନା ସମ୍ପର୍କରେ ଅନ୍ୟ ଅତିଥି ମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ରୀଡ଼ାରେ ପାରଦର୍ଶିତା ଲାଭ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ଅତିଥି ମାନେ ପୁରସ୍କୃତ କରି ଉତ୍ସାହିତ କରିଥିଲେ। ଏହାପରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବଡ଼ ଖିଲାପଦର ସରପଞ୍ଚ ମାଦାରାଓ ସ୍କୁଲରେ ପୋଡ଼ା ସମୟର ଅନୁଭୂତି ବିଷୟରେ କହିଥିଲେ। ମୁଖ୍ୟବକ୍ତା ପାଠ ପାଢ଼ୀ ଶ୍ରେଷ୍ଠ ହେବା ପାଇଁ ମୁଖ୍ୟମନ୍ତ୍ରୀ ଯେଉଁ ବାର୍ତା ଦେଇଛନ୍ତି ତାହାକୁ ପାଳନ କରିବାକୁ ଉପଦେଶ ଦେଇଥିଲେ। ପ୍ରଧାନ ଶିକ୍ଷକ ସ୍କୁଲର ବିଭିନ୍ନ ଅଭାବ ଅସୁବିଧା ସାଙ୍ଗକୁ ସ୍କୁଲର ଛାତ୍ର ଛାତ୍ରୀଙ୍କ କୃତକାର୍ଯ୍ୟ ବିଷୟରେ କହିଥିଲେ। ଏହି ସ୍କୁଲର ଛାତ୍ର ଚନ୍ଦୁ ଗାରାବାପୁ ପାରମ୍ପରିକ ବାଦ୍ୟଯନ୍ତ ପ୍ରତିଯୋଗିତାରେ ଭାଗ ନେଇ ସରଗିଫୁଲ କାର୍ଯ୍ୟକ୍ରମରେ ପୁରସ୍କୃତ ହୋଇଛନ୍ତି ଓ ରାଜ୍ୟ ସରକାରଙ୍କ ବନ ବିଭାଗ ଦ୍ୱାରା ଆୟୋଜିତ ଚିତ୍ର ଓ ବକ୍ତୃତା ପ୍ରତିଯୋଗିତାରେ ଏହି ବିଦ୍ୟାଳୟର ୫ ଜଣ ଛାତ୍ର ପୁରସ୍କୃତ ହୋଇଛନ୍ତି ବୋଲି କହିଥିଲେ। ଏଥିରେ ବେଲକୋନା ଆଶ୍ରମ ପ୍ରଧାନ ଶିକ୍ଷକ ସିନନ୍ଦ ଜେନା, କେନ୍ଦୁଗୁଡା ଆଶ୍ରମ ପ୍ରଧାନ ଶିକ୍ଷକ ଦିଲୀପ କୁମାର ଚୌଧୁରୀ, ବିଲେସୁ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଲାଡି ଶ୍ରୀନିବାସ ରାଓ ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ। କରୋନା ମହାମାରୀ ପରେ ଆଜି ସ୍କୁଲରେ ଯେଉଁ କ୍ରୀଡା ଓ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା ସେଥିରେ ଛାତ୍ର ଛାତ୍ରୀ ଓ ସ୍କୁଲର କର୍ମଚାରୀ ବହୁ ଆନନ୍ଦିତ ଥିବାର ଦେଖାଯାଇଥିଲା। ଏହି ସ୍କୁଲର ବିଭିନ୍ନ ଅସୁବିଧା ନେଇ ପ୍ରଧାନ ଶିକ୍ଷକ ମାନ୍ୟବର ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଧୀରେ ଧୀରେ ସମସ୍ତ ଅସୁବିଧାକୁ ପୂରଣ କରାଯିବ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ଏହି ସ୍କୁଲର ଛାତ୍ରଛାତ୍ରୀ ମାନେ ଜିଲ୍ଲା ତଥା ରାଜ୍ୟସ୍ତରୀୟ ସରିଗୀଫୁଲ କାର୍ଯ୍ୟକ୍ରମରେ ଭାଗ ନେଇ କୃତ କାର୍ଯ୍ୟ ହୋଇଥିବାରୁ ମନ୍ତ୍ରୀ ସମସ୍ତ ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଥିଲେ। ସ୍କୁଲର ପ୍ରଧାନ ଶିକ୍ଷକ କଲା ବାମନ ମୂର୍ତ୍ତୀ ସ୍କୁଲରେ ଯୋଗଦାନ ପରେ ସ୍କୁଲର ପରିବେଶ ଓ ଶିକ୍ଷାର ମାନ ବୃଦ୍ଧି ହୋଇପାରିଛି ବୋଲି ସ୍କୁଲ ପରିଚାଳନା କମିଟି ସଭାପତି ରାମୁଲୁ ନିଜ ମନ୍ତବ୍ୟ ରେ କହିଥିଲେ କ୍ଷଛାତ୍ରୀଙ୍କ ଦ୍ୱାରା ଭାରତ ରେ ଏକତା ଓ ସର୍ବଧର୍ମର ନୃତ୍ୟକୁ ଛାତ୍ରୀ ମାନେ ପରିବେଷଣ କରାଯାଇଥିଲା ଯାହା କୁ ଅତିଥି ମାନେ ପ୍ରଶଂସା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ କୁଟୁଳି ପ୍ରଧାନ ଶିକ୍ଷକ ଗୋପୀନାଥ ପରିଛା ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷକ ଓ ଶିକ୍ଷୟତ୍ରୀ ପ୍ରତାପ ଚନ୍ଦ୍ର ସାଉଁନ୍ତା ଲୋକେଶ୍ୱରୀ ବିଡ଼ିକା, ସୁରେନ୍ଦ୍ର ପେନ୍ଦିଣ୍ଟି, ଡମ୍ବରୁଧର ତ୍ରିପାଠୀ, ସୁନିତା ଦାସ, ଶ୍ରୀଧର ଦାସ, ଶ୍ରୀଧର ପଟ୍ଟନାୟକ, ଅଣଶିକ୍ଷା କର୍ମଚାରୀ ଭାବେ ଶ୍ରୀଦାସ ମିନିଆକା ଶ୍ରୀଦାମ ମିନିଆକା, ଡକି ମିନିଆକା, ଲକ୍ଷ୍ମୀ କୁଲେଷିକା, ଚଞ୍ଚଳା ସାହୁ, ସଞ୍ଜନା ବୋବର୍ଡ଼ା ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସତର୍କ କରାଇଲେ ...

କରିବା ପାଇଁ ସମସ୍ତଙ୍କ ସହଯୋଗର ଆବଶ୍ୟକତା ଉପରେ ସେ ଗୁରୁତ୍ୱ ଦେଇ ଏବେ ନିର୍ବାଚନ ହେବାକୁ ବେଶ୍ କିଛି ସମୟ ଥିବାରୁ ସାଧାରଣ ଭୋଟରଙ୍କ ପାଖରେ ପହଂଚିବା ପାଇଁ ଦଳର ବରିଷ୍ଠ ନେତାମାନେ କାର୍ଯ୍ୟ କରିବା ଆବଶ୍ୟକ। ରାଜ୍ୟ ବିଧାନସଭାରେ ୧୪୭ ବିଧାୟକ ଥିବାବେଳେ କଂଗ୍ରେସର ମାତ୍ର ୯ଜଣ ବିଧାୟକ ଅଛନ୍ତି। ଉପନିର୍ବାଚନରେ ବି ଦଳ ବିଶେଷ ପ୍ରଭାବ ପକାଇ ପାରିଲା ନାହିଁ। ତେଣୁ ବାସ୍ତବତାକୁ ଗ୍ରହଣ କରି ପରିଶ୍ରମ ନକଲେ ରାଜ୍ୟରେ କଂଗ୍ରେସର ସ୍ଥିତି ଆହୁରି ଖରାପ ହେବ। ଦଳକୁ ପୁଣିଥରେ ସକ୍ରିୟ କରିବା ନିମନ୍ତେ ରଣନୀତିର ଆବଶ୍ରକତା ରହିଛି ଓ ଦଳର ନେତା-କର୍ମୀମାନେ ଭୁବନେଶ୍ୱରରେ ଦଳୀୟ ମୁଖ୍ୟାଳୟରେ ନବସି ଲୋକଙ୍କ ପାଖକୁ ଯିବାର ଆବଶ୍ୟକତା ରହିଛି। କଂଗ୍ରେସରେ ଜାନକୀ ବଲ୍ଲଭ ପଟ୍ଟନାୟକ, ବସନ୍ତ ବିଶ୍ୱାଳ, ହେମାନନ୍ଦ ବିଶ୍ୱାଳଙ୍କ ପରେ ସେଭଳି ଚେହେରା ନାହାନ୍ତି। ଏଭଳି ଲୋକପ୍ରିୟ ନେତୃତ୍ୱଙ୍କ ଅଭାବରୁ ଦଳ ସୁପ୍ତ ଅବସ୍ଥାକୁ ଆସିଗଲାଣି। ଲୋକଙ୍କ ପୁନଃ ଆସ୍ଥାଭଜନ ହେଲା ଭଳି ନେତା କଂଗ୍ରେସରେ ନାହାନ୍ତି। ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ୨୦୨୪ ସାଧାରଣ ନିର୍ବାଚନରେ କଂଗ୍ରେସର ବିଧାୟକ ସଂଖ୍ୟା ୯ରୁ ୯୦ ହେବ ବୋଲି କରିଥିବା ଦମ୍ଭୋକ୍ତି ଉପରେ ପ୍ରତିକ୍ରିୟା ରଖି ମୋକିମ୍ କହିଛନ୍ତି ଯେ, ଏହି ସଫଳତା ହାସଲ କରିବାକୁ ହେଲେ ଦଳକୁ କଠିନ ପରିଶ୍ରମ କରିବାକୁ ପଡ଼ିବ। ଏହି ସଂଖ୍ୟାକୁ ହାସଲ କରିବା ଅସମ୍ଭବ ନୁହେଁ। କିନ୍ତୁ ଆମକୁ ସଂଗଠନସ୍ତରରେ ଦଳକୁ ସୁଦୃଢ଼ କରିବାକୁ ପଡ଼ିବ ଓ ଲୋକଙ୍କ ପାଖକୁ ଯିବାକୁ ହେବ। ବିଗତ ଦିନରେ ଏଭଳି ସତ୍ୟ କଥା ପରିପ୍ରକାଶ କରିଥିବାରୁ ଆଲୋଚନାର ଶିକାର ହୋଇଛି। ଆଶା କରିବି କଂଗ୍ରେସର ବରିଷ୍ଠ ନେତାମାନେ ଜାଗ୍ରତ ହେବେ ବୋଲି ମୋକିମ୍ କହିଛନ୍ତି। ଅନ୍ୟପକ୍ଷରେ ମୋକିମଙ୍କ ଏଭଳି ବୟାନ ଉପରେ ପ୍ରତିକ୍ରିୟା ବ୍ୟକ୍ତ କରି ବରିଷ୍ଠ କଂଗ୍ରେସ ନେତା ନିରଞ୍ଜନ ପଟ୍ଟନାୟକ କହିଛନ୍ତି ଯେ, ମୋକିମ୍ ଯାହା ଅନୁଭବ କରିଥିବେ ତାହା କହିଥିବେ। ଧୀରେ ଚାଲୁଥିବା ଗାଡ଼ି ଯେ ଜୋରରେ ଚାଲିବନି ତାହା ନୁହେଁ। କଂଗ୍ରେସ ୨୦୨୪ରେ ରାଜ୍ୟରେ ସରକାର ଗଠନ କରିବା ଅସମ୍ଭବ ନୁହେଁ ବୋଲି ସେ କହିଛନ୍ତି।

### ଚର୍ଚ୍ଚାରେ ...

ବିକ୍ଷୋଭ କାର୍ଯ୍ୟକ୍ରମ କରିଛି, କିନ୍ତୁ ସେଥିରେ ମହିଳା ବିଜେଡି ସଭାନେତ୍ରୀଙ୍କୁ ଦେଖିବାକୁ ମିଳିନଥିଲା। ସିଏ ଏବେ ମହିଳା ସଂଗଠନ ଦାୟିତ୍ୱରେ ଅଛନ୍ତି କି ନାହିଁ ତାହା ମଧ୍ୟ ଅନେକ ଭୁଲିଗଲେଣି। ଏହି ୩ ଛାମୁଆ ସଂଗଠନର ମୁଖିଆମାନଙ୍କ କାର୍ଯ୍ୟଶୈଳୀ ନିର୍ବାଚନୀ ବର୍ଷରେ ଦଳ ପାଇଁ ବୋଝ ହେବାରେ ଲାଗିଛି। ଅନ୍ୟପକ୍ଷରେ ଆସନ୍ତା ସାଧାରଣ ନିର୍ବାଚନ ପୂର୍ବରୁ ଯଦି ଦଳୀୟ ନେତାମାନଙ୍କୁ ନିଜର ଆପତ୍ତି-ଅଭିଯୋଗ ରଖିବାର ସୁଯୋଗ ନମିଳେ ଓ ଅସନ୍ତୋଷକୁ ପ୍ରଶମିତ କରିବା ପାଇଁ ଉଦ୍ୟମ ନହୁଏ, ତେବେ ତା'ର ପରିଣାମ ବିଜେଡିକୁ ଭୋଗିବାକୁ ପଡ଼ିବ ବୋଲି ଆଶଙ୍କା କରାଯାଉଛି। ଦକ୍ଷିଣ ଓ ପୂର୍ବ ଓଡ଼ିଶାରେ ବିଜେଡିର ସଂଗଠନରେ ବଢ଼ିଥିବା କନ୍ଦଳ ନକହିଲେ ଭଲ। ପୂର୍ବ ଓଡ଼ିଶାର ଜିଲ୍ଲାଗୁଡ଼ିକରେ ବିଜେଡି ସଂଗଠନ ଭିତରେ ବଢୁଥିବା ଅବିଶ୍ୱାସ ଓ ଅସନ୍ତୋଷର ପାହାଡ଼ ଯେକୌଣସି ମୁହୂର୍ତ୍ତରେ ବିଜେଡି ନେତୃତ୍ୱଙ୍କୁ ଅଡୁଆରେ ପକାଇବାର ସମ୍ଭାବନା ରହିଛି। ରାଜନୀତିକ ବିଶ୍ଳେଷକଙ୍କ ମତରେ, ବିଜେଡି ନେତୃତ୍ୱ ନିଜର କାର୍ଯ୍ୟଶୈଳୀରେ ପରିବର୍ତ୍ତନ କରି କେବଳ ସଂଗଠନ ସମ୍ପାଦକଙ୍କ ଭରସାରେ ରାଜ୍ୟର ସଂଗଠନକୁ ନରଖି ଦଳୀୟ ନେତାମାନଙ୍କ ଅସନ୍ତୋଷ ଓ ଆପତ୍ତି ଶୁଣିବା ନିମନ୍ତେ ଏକ ନିରପେକ୍ଷ ପ୍ଲାଟଫର୍ମ ଦେବାର ଆବଶ୍ୟକତା ରହିଛି। ତା'ଛଡ଼ା ବିଭିନ୍ନ କାରଣରୁ ଦଳ ଓ ସରକାର ପାଇଁ ବିବାଦୀୟ ହୋଇଥିବା ନେତାମାନଙ୍କୁ ଗୁରୁତ୍ୱ ନଦେଇ ସ୍ୱଚ୍ଛ ଭାବମୂର୍ତ୍ତି ଥିବା ନେତାମାନଙ୍କୁ ଯଦି ଆଗକୁ ନଆଣିବେ ତା'ହେଲେ ସରକାର ପ୍ରତି ବଢୁଥିବା ଆକ୍ରୋଶକୁ ପ୍ରଶମିତ କରିବା ବିଜେଡି ପାଇଁ ସମ୍ଭବପର ହେବନି ଓ ଓଲଟା ଅସନ୍ତୁଷ୍ଟ ବିଜେଡି କର୍ମୀ ଓ ନେତାମାନେ 'ନିଆଁରେ ଘିଅ ଢ଼ାଳିବା କାର୍ଯ୍ୟ' କରିବାର ସମ୍ଭାବନା ବେଶୀ। ତେଣୁ ୨୦୨୪ ସାଧାରଣ ନିର୍ବାଚନ ଫଳାଫଳ ବିଜେଡିକୁ ୧୯୯୫ ମସିହା ବିଜୁ ପଟ୍ଟନାୟକଙ୍କ ନିର୍ବାଚନ ଭଳି ହେବନାହିଁ ତ?

### ବିପର୍ଯ୍ୟୟ ...

ନରେନ୍ଦ୍ର ମୋଦି କହିଛନ୍ତି। ସୁଭାଷ ଚନ୍ଦ୍ର ବୋଷ ବିପର୍ଯ୍ୟୟ ପରିଚାଳନା ପୁରସ୍କାର ୨୦୨୩ ପ୍ରଦାନ କରିଛନ୍ତି ପ୍ରଧାନମନ୍ତ୍ରୀ। ନୂଆଦିଲ୍ଲୀ ବିଜ୍ଞାନ ଭବନରେ ତୃତୀୟ ବିପର୍ଯ୍ୟୟ ବିପଦ ହ୍ରାସ ମଞ୍ଚ କାର୍ଯ୍ୟକ୍ରମରେ ଏହି ସମ୍ମାନ ପ୍ରଦାନ କରାଯାଇଛି। ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଜୟନ୍ତୀରେ କେନ୍ଦ୍ର ସରକାର ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଓସଡମାକୁ ଏହି ସମ୍ମାନ ପ୍ରଦାନ ପାଇଁ ଘୋଷଣା କରିଥିଲେ। ପୁରସ୍କାର ବାବଦରେ ୫୧ ଲକ୍ଷ ଟଙ୍କା ର ଆର୍ଥିକ ଅର୍ଥ ରାଶି ସହିତ ସାର୍ଟିଫିକେଟ ପ୍ରଦାନ କରାଯାଇଛି। ୧୯୯୯ ମସିହା ବାତ୍ୟାରେ ଅନେକ ଧନ ଜୀବନ ନଷ୍ଟ ହୋଇଥିଲା। ଏହା ଅନେକ କିଛି ଶିକ୍ଷା ଦେଇଛି। ଏହାପରେ ଆହୁରି ୭ଟି ବାତ୍ୟାକୁ ସମ୍ମୁଖୀନ କରିଛି ଓଡ଼ିଶା। କିନ୍ତୁ କୌଣସି ଧନ ଜୀବନ ନଷ୍ଟ ହୋଇନାହିଁ। ଓଡିଶା ପ୍ରଥମ ରାଜ୍ୟ ଯିଏ କି, ଅଗ୍ନିଶମ ବିଭାଗକୁ ମଲ୍‌ଟି ଟାସ୍କିଙ୍ଗ ଫୋର୍ସ ଭାବେ ବ୍ୟବହାର କରିଛି।

### ଏଣିକି ସୁବିଧାରେ ...

ଆପାର୍ଟମେଣ୍ଟ ମାଲିକ ସଂଘକୁ ଜମି ଅଧିକାର ହସ୍ତାନ୍ତର କରିବାକୁ ବାଧ୍ୟ ହେବେ। ସେହିପରି ପୂର୍ବରୁ ରହିଥିବା ନିୟମରେ ଗୃହକ୍ରେତାମାନେ ଆବାସିକ ସଂଘ ଗଠନ କରିବାର କ୍ଷମତା ପାଇପାରୁ ନ ଥିଲେ। ନୂଆ ନିୟମରେ ଏହି ବ୍ୟବସ୍ଥାକୁ ଗୁରୁତ୍ୱ ଦିଆଯାଇଛି। ଏମିତି କି ଗୃହ କ୍ରୟ କରିବା ପୂର୍ବରୁ ଅର୍ଥାତ ଆଲଟିମାନେ ମଧ୍ୟ ଆବାସିକ ସଂଘଗୁଡ଼ିକରେ ସଦସ୍ୟ ହୋଇପାରିବେ ବୋଲି ଦର୍ଶାଯାଇଛି। ହୋଦ୍ୱାରା ବିଲ୍ଡରଙ୍କ ମନମୁଖୀ କାର୍ଯ୍ୟରେ ରୋକ୍ ଲାଗିବା ସହିତ ପ୍ରକଳ୍ପଗୁଡ଼ିକ ନିର୍ଦ୍ଧାରିତ ସମୟରେ ସରିପାରିବ ବୋଲି ଲକ୍ଷ୍ୟ ରହିଛି। ସେହିପରି ସିକ୍ୟୁରିଟି ଡିପୋଜିଟ୍ ନାମରେ ବିଲ୍ଡର ମାନେ ଦମନ ଚଳାଉଥିବା ନେଇ ଅଭିଯୋଗ ହୋଇ ଆସୁଥିଲା। ଗୃହ କ୍ରେତାମାନେ ଏହି ଟଙ୍କା ବିଲ୍ଡରଙ୍କ ଆକାଉଣ୍ଟକୁ ଦେଉଥିଲେ। ମାତ୍ର ନୂଆ ନିୟମରେ ଏବେ ସଂଘ ନିକଟରେ ହିଁ ଏହି କ୍ଷମତା ରହିବ ବୋଲି ଜଣାପଡ଼ିଛି। ରାଜ୍ୟରେ ଜାରି ରହିଥିବା ପୁରୁଣା ନିୟମ ପାଇଁ ଅନେକ ସମୟରେ ଘର କିଣା ବିକାକୁ ନେଇ ବିବାଦ ଲାଗି ରହୁଥିଲା। ଅନେକ ସମୟରେ ଗୃହକ୍ରେତାମାନେ ଶୋଷଣ ଶିକାର ହେବା ପରେ ହାଇକୋର୍ଟରେ ୪ଟି ଜନ ସ୍ୱାର୍ଥ ମାମଲା ସହିତ ସୁପ୍ରିମକୋର୍ଟରେ ମଧ୍ୟ ୨ ଟି ମାମଲା ପହଞ୍ଚିଥିଲା। ଏହାକୁ ହାଇକୋର୍ଟ ଗୁରତର ସହ ନେଇ ରାଜ୍ୟ ସରକାରଙ୍କୁ ଯବାବ ମାଗିଥିଲେ। ନଭେମ୍ବର ୨୦୧୯ରେ ରାଜ୍ୟ ସରକାର ଏକ ନୂଆ ନିୟମ ଆଣିବା ପାଇଁ ନ୍ୟାୟାଳୟରେ ଅବଗତ କରାଇଥିଲେ। ମାତ୍ର ନୂଆ ନିୟମ ନ ଆସିବା ପର୍ଯ୍ୟନ୍ତ ବେଆଇନ୍ ଭାବେ ଘର କିଣା ବିକା ଉପରେ ୧୨ ମେ ୨୦୨୨ରେ ହାଇକୋର୍ଟ ରୋକ୍ ଲଗାଇଥିଲେ। ଏହି କାରଣରୁ ବହୁ ଦିନ ଧରି ନୂଆ ତଥା ପୁରୁଣା ଆପାର୍ଟମେଣ୍ଟ କିଣାବିକା ହୋଇପାରୁନଥିଲା। ନୂଆ ନିୟମ କ୍ୟାବିନେଟର ଅନୁମୋଦନ ଲାଭ କରିସାରିଥିବା ବେଳେ ଏହା ଆଇନରେ ପରିଣତ ହେଲେ ଉଭୟ ବିଲଡର୍ ଓ ଆପାର୍ଟମେଣ୍ଟ ମାଲିକଙ୍କ ସ୍ୱାର୍ଥ ରକ୍ଷା କରିବ ବୋଲି ରାଜ୍ୟ ସରକାର ଆଶା ରଖିଛନ୍ତି।

### ନବ ଦାସ ...

ଅଭିଜ୍ଞ ପୁଲିସ୍ ଅଫିସର ଅଛନ୍ତି। ହେଲେ ଅଭିଜ୍ଞ ଓ ଦକ୍ଷ ଅଫିସରଙ୍କ ସାହାଯ୍ୟ ନ ନେଇ ଏକଚାଟିଆ ଭାବେ ଏହାର ତଦନ୍ତ କରାଯାଉଛି। ଜାଣିଶୁଣି ଏହି ଘଟଣାକୁ ଚପାଇ ଦିଆଯାଇଛି ବୋଲି କହିଛନ୍ତି ବିଜୟ ମହାପାତ୍ର। ଏଥିସହ ସହ କହିଛନ୍ତି, ନବ ଦାସ ମର୍ଡର କେସ୍‌ର ତଦନ୍ତ ଗୋପାଳ କେନ୍ଦ୍ରିକ ହେଉଥିବା ବେଳେ ଅନ୍ୟ ଦିଗକୁ କ୍ରାଇମବ୍ରାଞ୍ଚ ଗୁରୁତ୍ୱ ଦେଉନି। ସବୁ ଦିଗରୁ ତଦନ୍ତ ହେଉନି। କେବଳ ଗୋପାଳର ଚିକିତ୍ସା, ନାର୍କୋ ଟେଷ୍ଟ, ପଲିଗ୍ରାଫ ଟେଷ୍ଟରେ କେସ୍‌କୁ ସୀମିତ କରାଯାଉଛି। ଗୋପାଳକୁ ପାଗଳ ଆଖ୍ୟା ଦେବାକୁ କ୍ରାଇମବ୍ରାଞ୍ଚ ତଥା ରାଜ୍ୟ ସରକାର ଖୁବ୍ ବ୍ୟଗ୍ର। ହେଲେ ସେ କେଉଁଠି ମାନସିକ ରୋଗର ଚିକିତ୍ସା ହେଉଥିବା ନଜର ନାହିଁ। ମେଡିକାଲ ବୋର୍ଡ ରିପୋର୍ଟରେ ଗୋପାଳ ସମ୍ପୂର୍ଣ୍ଣ ସୁସ୍ଥ ଥିବା ବେଳେ କୋର୍ଟ ବି ସେଥିରେ ମୋହର ମାରିଛନ୍ତି। ନବ ମାସ ହତ୍ୟା ଘଟଣାର ଅଧ ଘଣ୍ଟା ଭିତରେ ଗୋପାଳ ଦାସ ପାଗଳ ବୋଲି ପ୍ରଚାର କରାଗଲା। ଗୋପାଳକୁ ସୁରକ୍ଷିତ ରଖିବା ପାଇଁ ଯେଉଁମାନେ କାହାଣୀ ରଚିଛନ୍ତି ସେମାନଙ୍କୁ ତଦନ୍ତ ପରିସରକୁ ଅଣାଯାଉନି। ଏଥିରେ କିଛି ବଡ଼ ବଡ଼ିଆ ଲୋକେ ସମ୍ପୃକ୍ତ ଥିବା ଅନୁମାନ କରାଯାଉଛି। ଯେଉଁମାନେ ଏହି ଘଟଣାର ପ୍ଲାନ କରିଥିଲେ, ଦି ତିନି ଦିନ ପୂର୍ବରୁ ଗୋପାଳ କେଉଁଠି ଚଳପ୍ରଚଳ କରୁଥିଲା, ରାତି କାଟୁଥିଲା ତାହାର ତଦନ୍ତ କରାଗଲାନି ବୋଲି କହି ବର୍ଷିଛନ୍ତି ବିଜୟ ମହାପାତ୍ର। ଜଣେ ମନ୍ତ୍ରୀଙ୍କୁ ପୁଲିସ୍ ଗୁଳି କରିବା ସମଗ୍ର ଭାରତ ବର୍ଷରେ ପ୍ରଥମ ହୋଇଥିବା ବେଳେ ପୁଲିସ୍ ଇତିହାସରେ ଏହା ଏକ କଳଙ୍କିତ ଅଧ୍ୟାୟ ହୋଇ ରହିଯିବ। ଜଷ୍ଟିସ ଦାସ ଘଟଣାର ସୁପରଭାଇଜ କରିବେ ବୋଲି କୁହାଗଲା। ମାତ୍ର ସେ କେବେ ସୁପରଭାଇଜ କଲେ ଓ କ'ଣ କଲେ ତାହା କାହାକୁ ଜଣାପଡ଼ିଲାନି ବୋଲି କହିଛନ୍ତି ଏହି ବରିଷ୍ଠ ବିଜେପି ନେତା। ଏଥିସହ ସେ କହିଛନ୍ତି, ସତ ପଦାକୁ ନ ଆସିଲା ଯାଏ ରାଜ୍ୟ ସରକାର, ପୁଲିସ୍, କ୍ରାଇମବ୍ରାଞ୍ଚ ସମସ୍ତେ ସନ୍ଦେହ ଘେରରେ ରହିବେ। ସନ୍ଦେହର ନିଆଁ ଜଲଦି ଲିଭିବ ନାହିଁ ନବ ଦାସ ମର୍ଡର ପଛର କାରଣ କ'ଣ ତାହା ସାମନାକୁ ନ ଆସିଲା ଯାଏ ଲୋକେ ଏହାକୁ ସହଜେ ଭୁଲିବେ ନାହିଁ। ଦୀପାଳି ଦାସ ତଦନ୍ତରେ ସନ୍ତୁଷ୍ଟ ଥିବା ନେଇ ବିଜୟ ମହାପାତ୍ର କହିଛନ୍ତି, ଏହା କେବଳ ଦୀପାଳିଙ୍କ କେସ୍ ନୁହେଁ, ଏହା ସମ୍ପୂର୍ଣ୍ଣ ଓଡ଼ିଶାବାସୀଙ୍କ କେସ୍। ସତ ପଦାକୁ ଆସୁ ବୋଲି ଦିପାଳୀଙ୍କର ବି ଇଚ୍ଛା ଥିବ। ଏଥିସହ ସେ କହିଛନ୍ତି, ରାଜ୍ୟର ପୁଲିସ୍ ମୁଖିଆ ହିସାବରେ ଡିଜି ଏହାର ଉତ୍ତର ରଖିବା ଉଚିତ। କେବଳ ଜଗନ୍ନାଥ ଜାଣିଛନ୍ତି କହି ବସିଦେଲେ ହେବ ନାହିଁ, ଜଗନ୍ନାଥ କ'ଣ ଏଫବିଆଇ ତଦନ୍ତ ପାଇଁ କହିଥିଲେ। ଏହା ଜଣେ ଡିଜିଙ୍କ ମନ୍ତବ୍ୟ ହେବା ଉଚିତ ନୁହେଁ।

### ପ୍ରମାଣପତ୍ର ...

ପୂର୍ବରୁ ନିର୍ମାଣ କରାଯାଇଥିଲା। ଖୁବ କମ ଦିନ ମଧ୍ୟରେ ଏତେ ବଡ ଷ୍ଟାଡିୟମ ନିର୍ମାଣ କରାଯାଇ ପାରିଥିଲା। ଯେଉଁଠି ବିଶ୍ୱର ସବୁଠାରୁ ଅଧିକ ଦର୍ଶକ ବସିବାର ସୁବିଧା ରହିଛି। ଏହି ଷ୍ଟାଡିୟମରେ ଜାନୁଆରୀ ୧୩ ତାରିଖରେ ହକି ବିଶ୍ୱକପର ପ୍ରଥମ ଆନ୍ତର୍ଜାତିକ ମ୍ୟାଚ ଖେଳା ଯାଇଥିଲା। ଏହି ଷ୍ଟାଡିୟମରେ ୨୧ ହଜାର ଦର୍ଶକ ବସିବାର କ୍ଷମତା ରହିଛି। ଉଭୟ ଖେଳାଳୀ ଏବଂ ଦର୍ଶକଙ୍କ ପାଇଁ ସବୁପ୍ରକାରର ସୁବିଧା ଏହି ଷ୍ଟାଡିୟମରେ ରହିଛି। ୯ ମାସ ମଧ୍ୟରେ ୨୨୫ ଘର ଥିବା ବିଶ୍ୱ କପ୍ ହକି ଗ୍ରାମର ନିର୍ମାଣ କରାଯାଇଛି। ବିପିୟୁଟି (ବିଜୁ ପଟ୍ଟନାୟକ ୟୁନିଭର୍ସିଟି ଅଫ ଟେକ୍ନୋଲଜି) ପରିସରେ ଥିବା ଏହି ଷ୍ଟାଡିୟମ ୧୪୬.୫ କୋଟି ଟଙ୍କା ବ୍ୟୟରେ ନିର୍ମିତ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୨୧ ଫେବୃୟାରୀରେ ଏହାର ଶିଳାନ୍ୟାସ କରିଥିଲେ ଏବଂ ଅଗଷ୍ଟ ୨୦୨୧ରେ ଆରମ୍ଭ ହୋଇଥିଲା ନିର୍ମାଣ କାମ। ଏହାର ନିର୍ମାଣ ପାଇଁ ୩,୬୦୦ ଟନ୍ ଷ୍ଟ୍ରକଚରାଲ ଷ୍ଟିଲ ଏବଂ ୪ ହଜାର ଟନ ଟିଏମଟି ଷ୍ଟିଲ ଏହାର ନିର୍ମାଣ ପାଇଁ ବ୍ୟବହାର ହୋଇଛି। ଏମିତି ଭାବେ ଏହା ନିର୍ମାଣ କରାଯାଇଛି, ଯାହା କି ଅନ୍ୟ ଷ୍ଟାଡିୟମ ତୁଳନାରେ ପ୍ରତ୍ୟେକ ଦର୍ଶକଙ୍କୁ ପିଚର ନିକଟରେ ବସି ଖେଳ ଦେଖିପାରିବାର ସୁଯୋଗ ମିଳିବ। ଷ୍ଟିୟମ ଭିତରେ ହାଇଡ୍ରୋ ଥେରାପି ପୁଲ, ଫିଟନେସ ସେଣ୍ଟର, ଅଭ୍ୟାସ ପାଇଁ ପିଚ ଇତ୍ୟାଦି ରହିଛି। ୨୨୫୪ ଷ୍ଟାର କାଟେଗୋରୀ ରୁମ ରହିଛି।

### ବାଘ ଟ୍ରାକିଂ ...

କରିଦେଇଛି ବନ ବିଭାଗ। ଏସ୍‌ଟିଏଫ୍, ଜେଟିଏଫ୍ ଓ ଶିମିଳିପାଳ ଟାଇଗର ରିଜର୍ଭର ଫିଲଡ୍ ଡାଇରେକ୍ଟରଙ୍କ ମାର୍ଗଦର୍ଶନରେ ଶିକାରି, ଜଙ୍ଗଲ ନିଆଁ ଓ ବାଘ ଉପରେ ନଜର ରଖିଛି ବନ ବିଭାଗ। ଅନ୍ୟପକ୍ଷରେ ବନ ବିଭାଗ ଏନେଇ ଘଟଗାଁ ଥାନାରେ ଲିଖିତ ଅଭିଯୋଗ କରିଛି। ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। କେନ୍ଦୁଝର ଏସିଏଫ୍ ଘନଶ୍ୟାମ ମହାନ୍ତ କହିଛନ୍ତି, ମହାବଳ ବାଘର ଗତିବିଧି ଜାଣିବା ପାଇଁ ପାଟଣା ରେଞ୍ଜରେ ୧୦ଟି ଟ୍ରାପ୍ କ୍ୟାମେରା ଲାଗିଥିଲା। ସେଥିରୁ ଦୁଇଟି କ୍ୟାମେରି ମିସିଂ ହୋଇଛି। ଏନେଇ ଥାନାରେ ଲିଖିତ ଅଭିଯୋଗ ହୋଇଛି ବୋଲି ଶ୍ରୀ ମହାନ୍ତ କହିଛନ୍ତି।

**ବନ୍ତ ବିଇଓ ଅଫିସରେ ବ୍ୟାପକ କେଳେଙ୍କାରୀ**

# ମାନୁନାହାନ୍ତି ନିୟମ




**ଭଦ୍ରକ, (ବିକାଶ କୁମାର ଧଳ) :** ଶିକ୍ଷା ବିଭାଗର ସମସ୍ତ ନିୟମକୁ ଉଲ୍ଲଘଂନ କରି ନିଜ ଶୈଳୀରେ କାର୍ଯ୍ୟ କରୁଛନ୍ତି ବନ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ (ବିଇଓ)। ପୂର୍ବରୁ ଏଠାରେ ବିଇଓ ଥିବା ଅଧିର କୁମାର ତରାଇ ସମାନ ଢଙ୍ଗରେ କାର୍ଯ୍ୟ କରି ବଦନାମ ହେବା ସହିତ ଲାଞ୍ଚଖିଆ ପ୍ରକୃତି ଯୋଗୁ ଏଠାରୁ ବିଦା ହୋଇଥିଲେ। ତାଙ୍କ ଜାଗାରେ ଜଣେ ମହିଳା ବିଇଓ ଭାବେ କାର୍ଯ୍ୟରେ ଯୋଗଦେବା ପରେ ସାଧାରଣ ଲୋକ ଓ ବ୍ଲକ ଅଧିନରେ କାର୍ଯ୍ୟ କରୁଥିବା ଶିକ୍ଷକ, ଶିକ୍ଷୟିତ୍ରୀମାନେ ଭାବୁଥିଲେ ନିଶ୍ଚୟ କିଛି ପରିବର୍ତ୍ତନ ଘଟିବ ଏବଂ ତରାଇଙ୍କ ଠାରୁ ନୂଆ ବିଇଓ ନିଶ୍ଚୟ ଭଲ କାର୍ଯ୍ୟ କରିବେ। ହେଲେ ଅଳ୍ପ କେଇମାସ କାର୍ଯ୍ୟ କରିବା ପରେ ବର୍ତ୍ତମାନର ବିଇଓ ପୂର୍ବ ବିଇଓଙ୍କ ଠାରୁ କେଳେଙ୍କାରୀରେ ବଳିଗଲେଣି। ସେ କାର୍ଯ୍ୟରେ ଯୋଗଦାନ କରିବା ପରେ ବନ୍ତ ବ୍ଲକ ଶିକ୍ଷା ବ୍ୟବସ୍ଥାରେ କୌଣସି ପରିବର୍ତ୍ତନ ଘଟିନାହିଁ କିମ୍ବା କୌଣସି ଉନ୍ନତିମୂଳକ କାର୍ଯ୍ୟ ମଧ୍ୟ ହୋଇନାହିଁ। ଏ ମହାଶୟା ନିଜକୁ ଶିକ୍ଷା ବିଭାଗର ପଦସ୍ତ ଅଫିସର ନ ଭାବି ଜଣେ ନେତ୍ରୀ ଭାବେ ବାହାସ୍ଫୋଟ ମାରିବା ସହିତ ସଠିକ୍ ଢଙ୍ଗରେ କାର୍ଯ୍ୟ କରୁନାହାନ୍ତି। କେବଳ ଟୁର୍ ପକାଇ ମନିଟରିଂ କରିବା ବାହାନାରେ ସ୍କୁଲରୁ ସ୍କୁଲକୁ ପରିଦର୍ଶନ କରୁଥିଲେ ସୁଦ୍ଧା କେଉଁଠାରେ ତ୍ରୁଟି ପରିଲକ୍ଷିତ କରି କାର୍ଯ୍ୟାନୁଷ୍ଠାନ ନେଉନାହାନ୍ତି। ବରଂ ସେଠାକୁ ଯାଇ ମଉଜମସ୍ତି କରିବା ସହିତ ନିଜ ସ୍ୱାର୍ଥ ହାସଲ ପାଇଁ ସବୁପ୍ରକାର ବୁଦ୍ଧି ପ୍ରୟୋଗ କରୁଛନ୍ତି। ମୋ ସରକାର ଓ ୫-ଟି' ସଚିବଙ୍କ କଡା ନିର୍ଦ୍ଦେଶ ସତ୍ତ୍ୱେ ପ୍ରତି ଶନିବାର ସକାଳ ୬.୩୦ରେ ସ୍କୁଲ ଖୋଲିବା କଥା ହେଲେ ସ୍କୁଲ ଖୋଲୁଛି ଦିନ ୧୦ଟାରେ। ଏନେଇ ବିଇଓଙ୍କୁ ବାରମ୍ବାର ଅଭିଯୋଗ କରାଯାଇଥିଲେ ମଧ୍ୟ ସେ ସଠିକ୍ ସମୟରେ ସ୍କୁଲ ଖୋଲିବା ନେଇ କୌଣସି ମତାମତ ଦେଉନାହାନ୍ତି। ବରଂ କହୁଛନ୍ତି ସବୁ ଠିକ୍ ଚାଲିଛି। ବିଦ୍ୟାଳୟ ସମ୍ପର୍କିତ କୌଣସି ତଥ୍ୟ ସୂଚନା ଅଧିକାର ଆଇନ ଅନୁସାରେ ମାଗିଲେ ମଧ୍ୟ ତାହାକୁ ପାଳନ କରୁନାହାନ୍ତି ବିଇଓ। ଓଲଟା କହୁଛନ୍ତି ତାଙ୍କ ପାଖରେ କିଛି ତଥ୍ୟ ନାହିଁ। ଏପରିକି ୭-୮ ମାସ ବିତିଥିଲେ ମଧ୍ୟ ସୂଚନା ଅଧିକାର କର୍ମୀଙ୍କୁ କୌଣସି ସୂଚନା ଦେଉନାହାନ୍ତି। ବିଇଓଙ୍କ କେଳେଙ୍କାରୀକୁ ନେଇ ଅଭିଯୋଗ କମିଶନରଙ୍କ କୋର୍ଟକୁ ଗଲାଣି ତଥାପି ତାଙ୍କର ମନମାନୀ କମୁନାହିଁ। ପ୍ରତି କଥାରେ ବିଇଓ ମହାଶୟା ତାଙ୍କର ନେତା, ମନ୍ତ୍ରୀ ଚିହ୍ନା କହି ଅନେକ ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ମଧ୍ୟ ଡରାଉଥିବା ଅଭିଯୋଗ ହେଉଛି। ଜରୁରୀ କାମରେ ବିଇଓଙ୍କୁ ଫୋନ୍ କଲେ ସେ ଫୋନ୍ ଧରିବା ଦୂରର କଥା ବରଂ କାହାକୁ ଖାତିର କରୁନଥିବା ସୂଚନା ଦେଉଛନ୍ତି। ସାଧାରଣ ଲୋକଙ୍କ ଯାହା ଧାରଣା ଥିଲା ଜଣେ ଅଯୋଗ୍ୟ ବିଇଓ ଯିବା ପରେ ବର୍ତ୍ତମାନର ବିଇଓ ନିଶ୍ଚୟ ଯୋଗ୍ୟ ହୋଇଥିବେ। ହେଲେ ଯାହା ଜଣାପଡିଲା ଏ ମଧ୍ୟ ପୂର୍ବ ବିଇଓଙ୍କ ପରି ଗୋଟେ ମହାକାଳ ଫଳ। ତେଣୁ ବନ୍ତ ବିଇଓ ଅଫିସର ଦୁର୍ନୀତି ସମ୍ପର୍କରେ ଶିକ୍ଷା ବିଭାଗ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହେଉଛି।

# ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର



**ଜଗତସିଂହପୁର :** ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ନାଉଗାଁ ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲାପାଳ ପାରୁଲ ପଟୱାରୀଙ୍କ ଅନୁପସ୍ଥିତ ପାଇଁ ଅତିରିକ୍ତ ଜିଲ୍ଲା ସଚ୍ଚିଦାନନ୍ଦ ସାହୁ ଜନସାଧାରଣଙ୍କ ବିଭିନ୍ନ ଆପତି ଅଭିଯୋଗର ଶୁଣାଣି କରିଥିଲେ। ଏହି ଶୁଣାଣି ଶିବିରରେ ମୋଟ ୫୬ଟି ଅଭିଯୋଗ ପଞ୍ଜୀକୃତ ହୋଇଥିବା ବେଳେ ସେଥିମଧ୍ୟରୁ ଆବାସ ଯୋଜନା ନିମନ୍ତେ ୨୨ଜଣ ଆବେଦନ କରିଥିଲେ। ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାକୁ ନେଇ ବ୍ୟାପକ ଭାବେ ଦୁର୍ନିତି ହୋଇଥିବାରୁ ଜନସାଧାରଣ ନ୍ୟାୟ ପାଇବା ପାଇଁ ଜିଲ୍ଲାପାଳଙ୍କ ନିକଟରେ ଗୁହାରି ଜଣାଉଛନ୍ତି। ଏହି ଅଭିଯୋଗ ଶିବିରରେ ଜମିଜମା ସମସ୍ୟା ସମ୍ପର୍କିତ ୮ଗୋଟି, ରାସନକାର୍ଡ ସମ୍ପର୍କିତ ୨ଗୋଟି, ଭତ୍ତା ସମ୍ପର୍କିତ ୪ଗୋଟି, ପୋଲିସ ସମ୍ପର୍କିତ ୩ଗୋଟି ଓ ଅନ୍ୟାନ୍ୟ ସମ୍ପର୍କିତ ୧୦ଗୋଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୨ଗୋଟି ଅଭିଯୋଗର ଶୁଣାଣି ତତ୍‌କାଳ ଫଇସଲା କରାଯାଇଥିଲା। ଏହି ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧୀକ୍ଷକ ରାହୁଲ ପିଆର, ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ରୁଦ୍ରନାରାୟଣ ଦାଶ, ଉପ-ଜିଲ୍ଲାପାଳ ଧର୍ମେନ୍ଦ୍ର ମଲ୍ଲିକ, ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ରମେଶ ଚନ୍ଦ୍ର ସିଂହ, ମଣ୍ଡଳ ଉନ୍ନୟନ ଅଧିକାରୀ ରଶ୍ମିରେଖା ମଲ୍ଲିକ, ତହସିଲଦାର ଜେ. କଳ୍ପନା ଓ ଜିଲ୍ଲାସ୍ତରୀୟ ଅଧିକାରୀ ଏବଂ ବ୍ଲକସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଆପତି ଅଭିଯୋଗର ଶୁଣାଣି କରିଥିଲେ।

# ବିଶାଳ ରକ୍ତଦାନ ଶିବିର ଏବଂ ମାଗଣା ସ୍ୱାସ୍ଥ୍ୟ ଶିବିର



**ଅସ୍ତରଙ୍ଗ :** ଅସ୍ତରଙ୍ଗ ନିକଟସ୍ଥ ଅସନ ସ୍ଥିତ ରେଡକ୍ରସ ହସ୍ପିଟାଲ ପରିସରରେ ଏକ ରକ୍ତଦାନ ଶିବିର ଓ ସ୍ୱାସ୍ଥ୍ୟ ଶିବିର ହୋଇଯାଇଛି। ଝିଅର ଜନ୍ମ ଦିନକୁ ସ୍ମରଣୀୟ କରିବା ଉଦ୍ଦେଶ୍ୟରେ ଏକ ମହତ କାର୍ଯ୍ୟ ହାତକୁ ନେଇ ରକ୍ତଦାନ ଶିବିର କରି ଅସ୍ତରଙ୍ଗ ଅଞ୍ଚଳରେ ଏକ ଉଦାହରଣ ସୃଷ୍ଟି କରିଛନ୍ତି। ଏହି ମହତ କାର୍ଯ୍ୟକୁ ଅଞ୍ଚଳ ବାସୀଙ୍କ ତରଫରୁ ଅହେତୁକ ସମର୍ଥନ ମିଳିଥିଲା। କ୍ରୀଡା ଓ ଗୃହ ରାଷ୍ଟ୍ର ମନ୍ତ୍ରୀ ଉକ୍ତ କାର୍ଯ୍ୟକ୍ରମରେ ଯୋଗ ଦେଇଥିବାର ଥିଲା। କାରଣ ବଶତଃ ଯୋଗ ଦେଇ ପାରିନଥିଲେ। ଯୁବ ସମାଜସେବୀ ସୂର୍ଯ୍ୟକାନ୍ତ ମଲ୍ଲିକ ଏବଂ ତେଜସ୍ୱୀନି ମଲ୍ଲିକଙ୍କ ସୁକନ୍ୟା ଶ୍ୟାମାଶିଂର ଦିତ୍ୱୀୟ ଜନ୍ମ ବାର୍ଷିକ ଅବସରରେ ବିଶାଳ ରକ୍ତଦାନ ଶିବିର ଏବଂ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ପୁରୀ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧିନ କୁମାର ନାୟକ ଉଦ୍ଘାଟନ କରିଥିଲେ। ଅତିଥି ଭାବେ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ପଞ୍ଚାନନ ସ୍ୱାଇଁ, ମନ୍ତ୍ରୀ ପ୍ରତିନିଧି ଭୀମସେନ ସ୍ୱାଇଁ, ରାଜଧାନୀ ରକ୍ତ କେନ୍ଦ୍ର ନିର୍ଦ୍ଦେଶକ ଡ ଦେବାଶିଷ ମିଶ୍ର, ଜାତୀୟ ଯୁବ ପ୍ରକଳ୍ପ ରାଷ୍ଟ୍ରୀୟ ଟ୍ରଷ୍ଟି ମଧୁସୂଦନ ଦାସ, ମାଇଁ ନେଷ୍ଟ ଆସେଷ୍ଟର ମୁଖ୍ୟ ପରିଚାଳନା ଅଧିକାରୀ ଆଦର୍ଶ କୁମାର, ମାଗୁଣି ମଲ୍ଲିକ, ବାବୁରାମ ମଲ୍ଲିକ, ତପନ ଶତପଥୀ, ଅନନ୍ତ ଜ୍ୟୋତି ମଲ୍ଲିକ, ବୁଲୁ ଜେନା, ସତ୍ୟବ୍ରତ ଲେଙ୍କା, ଅରୂପ ଦାସ, ଜଟାଧାରୀ ଦାସ, ଜୀବନ ଜ୍ୟୋତି ମଲ୍ଲିକ, ଗୁନୁ ଆଚାର୍ଯ୍ୟ, ନିରଞ୍ଜନ ପଟ୍ଟନାୟକ, ଭାଗ୍ୟଶ୍ରୀ ରାଉତ, ରାହୁଲ ବେହେରା ଏବଂ ମାଇଁ ନେଷ୍ଟ ଆସେଟ୍ସ ଏବଂ ମିଶନ ରକ୍ତଦାନ ର ସମସ୍ତ ସଦସ୍ୟ ଉପସ୍ଥିତ ରହି ଶିବିର ପରିଚାଳନା କରିଥିଲେ। ଏହି ଶିବିରରେ ୭୦ ଜଣ ସ୍ୱେଚ୍ଛାକୃତ ରକ୍ତଦାତା ରକ୍ତଦାନ କରିଥିବା ବେଳେ ୧୦୦ରୁ ଉର୍ଦ୍ଧ ରୋଗୀଙ୍କୁ ସ୍ୱାସ୍ଥ୍ୟ ପରୀକ୍ଷା କରି ମାଗଣା ଔଷଧ ବଣ୍ଟନ କରାଯାଇଥିଲା।



ଅକ୍ଷୟ କୁମାର ରାଉତ

# ରଙ୍ଗମୟ ଜୀବନ ଦୋଳ



ପ୍ରାଚୀନ କାଳରୁ ଭାରତୀୟ ବିଦ୍ୱାନମାନେ ଛଅଗୋଟି ଋତୁକୁ ସ୍ୱୀକୃତି ଦେଇଛନ୍ତି। ଋତୁମାନଙ୍କ ମଧ୍ୟରେ ଋତୁରାଜ ବସନ୍ତ କବି କଣ୍ଠରେ ଜୟ ଜୟକାର ଯୁଗେ ଯୁଗେ ରହିଛି। ଆମ୍ବ ବଉଳର ସୁଗନ୍ଧରେ କୋଇଲିର କୁହୁତାନ, ରଙ୍ଗ ବେରଙ୍ଗ ପୁଷ୍ପ ସମ୍ଭାରରେ ଭ୍ରମର ଗୁଞ୍ଜନ, ବସନ୍ତର ମୃଦୁ ମଳୟ ପ୍ରବାହ ଜଗତକୁ କରେ ସ୍ୱପ୍ନ ବିଭୋର। ରଙ୍ଗମୟ ଜୀବନରେ ବହୁ ପର୍ବପର୍ବାଣି ଓ ଯାତ୍ରା ବା ଯାତ ଆମ୍ଭେ ପାଳନକରୁ। ଝୁଲଣ ଯାତ, ମକର ଯାତ, ପଣାଯାତ, ରଥଯାତ, ଚଇତି ଯାତ, ଚନ୍ଦନ ଯାତ, ଏହି ଯାତ ମଧ୍ୟରୁ ଦୋଳ ଯାତ ଋତୁରାଜ ବସନ୍ତର ମଧ୍ୟ ଭାଗରେ ପାଳନ ହୁଏ। ବର୍ଣ୍ଣାଢ଼୍ୟ ପରିପାଟିରେ ସୁଶୋଭିତ ନାନା ବର୍ଣ୍ଣ ଓ ବାସର ମହକରେ ଦୋଳ ମେଲଣ ବା ଦୋଳ ଯାତ ଉତ୍ସବ ସହର ଠାରୁ ଆରମ୍ଭ କରି ପଲ୍ଲୀର ଦାଣ୍ଡକୁ ରଙ୍ଗାୟିତ କରି ଜନଜୀବନକୁ ପୁଲକିତ, ମହକିତ କରିଥାଏ। ଫାଲ୍‌ଗୁନ ଶୁକ୍ଳ ଦଶମୀ ଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ଏବଂ ପୂର୍ଣ୍ଣିମାର ପାଂଚ ଦିନ, ସାତଦିନ ଓ ଦଶ ଦିନରେ ହେଉଥିବା ଉତ୍ସବକୁ ଯଥାକ୍ରମେ ପଂଚଦୋଳ, ସପ୍ତଦୋଳ, ଦଶଦୋଳ କୁହାଯାଇଥାଏ।



ଶ୍ରୀରାଧା କୃଷ୍ଣ ଓ ଗୋପୀମାନଙ୍କର ନୈସର୍ଗିକ ପ୍ରେମ ଓ ଲୀଳାମୟ କୃଷ୍ଣଙ୍କ ଶୃଙ୍ଗାର ରସକୁ ରସାୟିତ କରିବା ପାଇଁ ରଙ୍ଗମୟ ଦୋଳ ଉତ୍ସବର ପରିକଳ୍ପନା। ରାଧାଙ୍କ ରୋଗ ଉପଶମ ବ୍ରହ୍ମ ଦୈତ୍ୟଙ୍କୁ ବନ୍ଦି କରିବା ଏକ ନାଟକୀୟ ପରିକଳ୍ପନା। ଚନ୍ଦ୍ରସେଣା ଓ ଗୋପାଳ ପୁଅ ବିମାନରେ ରାଧା କୃଷ୍ଣଙ୍କୁ ବସାଇ କାନ୍ଧରେ ବୋହିବା ଉପାଖ୍ୟାନ ଏକ କାରଣ, ଅନ୍ୟ ଦିଗଟି ହେଉଛି ଦ୍ୱାପର ଯୁଗରେ କୃଷ୍ଣ ମେତ୍ର ନାମକ ରାକ୍ଷସକୁ ବିନାଶ କରି ବୃନ୍ଦାବନର ପୂର୍ବଶ୍ରୀ, ଶାନ୍ତି ଫେରାଇ ଆଣିଥିଲେ। ବୃନ୍ଦାବନବାସୀ ସେହି ସ୍ମୃତିରେ ଦୋଳବିମାନରେ କୃଷ୍ଣଙ୍କୁ ବସାଇ ନଗର ପରିକ୍ରମା କରିଥିଲେ। ସେହି ଦିନରୁ ଦୋଳ ଉତ୍ସବର ସୃଷ୍ଟି ଓ ସମାଜରେ ତାହାର ପ୍ରଚାର ଓ ପ୍ରସାର ଘଟିଅଛି।

ରାଧା କୃଷ୍ଣଙ୍କର ବସନ୍ତ ରାସୋତ୍ସବ ବା ଦୋଳଯାତ୍ରାରେ ଅନ୍ୟ ଦେବାଦେବୀମାନେ ମଧ୍ୟ ବିମାନରେ ଦୋଳ ମଣ୍ଡପକୁ ଆସିଥାନ୍ତି, ବୃନ୍ଦାବନର ଯମୁନା କୂଳରେ ଗୋପାଙ୍ଗନାମାନେ ରାଧାକୃଷ୍ଣଙ୍କୁ କୁଞ୍ଜ ମଧ୍ୟରେ ଲତାଦୋଳିରେ ବସାଇ 'ଚାଚେରୀ' ଖେଳିଥିଲେ। ସେମାନଙ୍କ ମନ ପ୍ରାଣରେ ଅସରନ୍ତି ପୁଲକ, ଉଦ୍ଦୀପନା ନେଇ 'ଝୁଲାଅ ଗୋ ଝୁଲଣ ଦୋଳି' ଗୀତ ଗାଇ ଦୋଳିକୁ ଝୁଲାଉଥିଲେ।

ଦୋଳ ବିମାନକୁ କାରୁକାର୍ଯ୍ୟ ନୂତନ ବସ୍ତ୍ରାଦିରେ ନାନାଜାତି ଫୁଲ ମାଳରେ ଦୋଳି ସଦୃଶ ମଣ୍ଡନ କରାଯାଏ। ଉଦ୍ଦିଷ୍ଟ ଦେବାଦେବୀମାନଙ୍କ ଚଳନ୍ତି ପ୍ରତିମା ଖଟୁଲିରେ ରଖି ବିମାନରେ ସ୍ଥାପନ କରାଯାଏ। ଘଂଟ ଘଂଟା, ଖୋଳ, କରତାଳ, ମୃଦଙ୍ଗ, ଭେରିତୁରୀ, କାହାଳୀ ଓ ଟମକ ଇତ୍ୟାଦି ବଜାଇ ଆଲଟ ଚାମର ପରେ ଏକ ସ୍ୱତନ୍ତ୍ର ପଟୁଆରରେ ଦେବାଦେବୀଙ୍କୁ ଦୋଳ ମଣ୍ଡପକୁ ନେଇଥାନ୍ତି। ସାକର, ଚଣା, ଆମ୍ବ, ମିଷ୍ଟ ପଦାର୍ଥ ଆଦି ଭୋଗ ଲାଗି ଦେବାପରେ ଧୂପ ଦୀପ ଦେଇ ଦୋଳକୁ ଝୁଲାଯାଏ। ବିମାନରେ ଉପବିଷ୍ଟ ଦେବତାମାନେ ଗ୍ରାମ ଦାଣ୍ଡରେ ଯାତ୍ରା କରି, ପ୍ରତି ଦ୍ୱାରରେ ଲୋକମାନଙ୍କ ଠାରୁ ଭୋଗ ଓ ନୈବେଦ୍ୟ ଗ୍ରହଣ କରିଥାଆନ୍ତି। ଏହି ଭୋଗଖିଆରୁ ଜଣାପଡେ ଯେ, ଦେବତା ଓ ମଣିଷ ମଧ୍ୟରେ ଘନିଷ୍ଠ ସମ୍ପର୍କ ବିଦ୍ୟମାନ। ମଣିଷ ସିନା ଦେବତା ପାଖକୁ ଯାଏ, ଦେବତା ମଧ୍ୟ ମଣିଷ ପାଖକୁ ଆସେ। ଦେବତା ଓ ମନୁଷ୍ୟର ମିଳନ ଦୋଳ ଉତ୍ସବରୁ ମିଳେ।



ଶ୍ରୀଜଗନ୍ନାଥ ମନ୍ଦିରରେ ଦୋଳୋତ୍ସବ ଯଥା ରୀତିରେ ପାଳିତ ହୁଏ। ଶ୍ରୀଜଗନ୍ନାଥଙ୍କ ଚଳନ୍ତି ପ୍ରତିମା ଶ୍ରୀଗୋବିନ୍ଦ, ଲକ୍ଷ୍ମୀ ଓ ସରସ୍ୱତୀଙ୍କ ସହିତ ଲୋକନାଥ, ଯମେଶ୍ୱର, ମାର୍କଣ୍ଡେଶ୍ୱର, ନୀଳକଣ୍ଠ ଓ କପାଳମୋଚନ ଇତ୍ୟାଦି ପଂଚଦେବଙ୍କ ଗହଣରେ ଜଗନ୍ନାଥ ବଲ୍ଲଭ ମଠ ପର୍ଯ୍ୟନ୍ତ ଯାଇଥାଆନ୍ତି। ଶ୍ରୀ ଗୋବିନ୍ଦ ଲକ୍ଷ୍ମୀ ଓ ସରସ୍ୱତୀଙ୍କ ସହ ଶ୍ରୀମନ୍ଦିର ଦୋଳ ମଣ୍ଡପରେ ଦୋଳବିମାନରେ ୭ ଥର କରି ଏକୋଇଶ ବାର ବୁଲାଯାଏ। ଚତୁର୍ଦ୍ଦଶୀ ରାତିରେ ବହ୍ନି ଉତ୍ସବ ପାଳିତ ହୁଏ। ଏହି ଦୋଳ ଉତ୍ସବ ଫଲଗୁ ଉତ୍ସବ ଭାବେ ପାଳନ କରାଯାଏ।



ଦୋଳଯାତ୍ରାର ଫଗୁଖେଳ ଏକ ବିଶେଷ ଆକର୍ଷଣ। ଦୋଳ ବିମାନରେ ଥିବା ଦେବାଦେବୀଙ୍କୁ ପ୍ରଥମେ ଫଗୁ ବା ଅବିର ପ୍ରଦାନ କରାଯାଏ, ତାପରେ ସମସ୍ତେ ଫଗୁ ଦେହରେ ବୋଳି ହୋଇ ରାଧାକୃଷ୍ଣଙ୍କ ନାମରେ ଆନନ୍ଦ ବିଭୋର ହୋଇଉଠନ୍ତି। ସନ୍ଧ୍ୟା ଆରତୀ ପରେ ପଞ୍ଜିକାରମାନେ ଦୋଳ ମଣ୍ଡପରେ ନୂତନ ବର୍ଷର ପଞ୍ଜିକା ପଠନ କରି ଆଗାମି ବର୍ଷର ଶୁଭାଶୁଭ ଲୋକମାନଙ୍କୁ ଶୁଣାଇଥାନ୍ତି।

ଫଗୁ ଜୀବନକୁ କରେ ରଙ୍ଗମୟ, ରଙ୍ଗାୟତ ଜୀବନରେ ବହୁଗୁଣ ନେଇ ବହୁ ରଙ୍ଗନେଇ ସୃଷ୍ଟି ହୁଏ ଅନେକ ରଙ୍ଗ। ଧଳାରଙ୍ଗ ଶାନ୍ତି ଓ କ୍ଷମାର ପ୍ରତୀକ ଦେବାବେଳେ ନାଲି ରଙ୍ଗ ଏକ ନୂତନ ସୂର୍ଯ୍ୟର ଆଭାସ୍, ପ୍ରେମ, ପ୍ରେରଣାର ସୌଭାଗ୍ୟ ସନ୍ତକ ହୋଇଥାଏ। ଗୋଲାପି ରଙ୍ଗ ବିଶ୍ୱ ଭ୍ରାତୃତ୍ୱକୁ ବାନ୍ଧି ଅବସାଦରୁ ମୁକ୍ତ କରିଥାଏ। ହଳଦୀ ରଙ୍ଗ ଅତି ସୁଖଦାୟୀ ଓ ମଣିଷର ମସ୍ତିଷ୍କକୁ ଅଧିକ ସକ୍ରିୟ କରିଥାଏ। ସବୁଜ ରଙ୍ଗ ଉନ୍ନତ ସ୍ୱାସ୍ଥ୍ୟ ଓ ଆଖିକୁ ଆରାମ ଦେଇଥାଏ। ନୀଳ ରଙ୍ଗ ଅନନ୍ତ ଆକାଶ ଓ ସାଗରର ପ୍ରତୀକ ଭାବେ ଶକ୍ତିର ମହତ୍ୱକୁ ପ୍ରତିପାଦିତ କରେ। ସ୍ୱପ୍ନର ରଙ୍ଗ ସୁନେଲି ଆଧ୍ୟାତ୍ମିକ ଜଗତ ବା ସୂର୍ଯ୍ୟଙ୍କ ଶକ୍ତି ସମ୍ବନ୍ଧିତ ହୋଇଥାଏ। ବାଇଗଣି ରଙ୍ଗ ବିଜୟର ବାର୍ତ୍ତାବହ। ରହସ୍ୟମୟ ରଙ୍ଗ ହୋଇଛି କଳା, ସେ ହେଉଛି ଶ୍ରୀଜଗନ୍ନାଥଙ୍କ ଆଖିର ରହସ୍ୟ, କଳା ଟୋପା ପିନ୍ଧିଲେ ସମସ୍ତଙ୍କ କୁ ଦୃଷ୍ଟିରୁ ଆମେ ରକ୍ଷା ପାଇଥାଉ।

ରଙ୍ଗମୟ ଜୀବନରେ ରଙ୍ଗର ଆବଶ୍ୟକତା ଓ ହୋଲିର ରଙ୍ଗ ଅନେକ ଲୋକଙ୍କ ପାଇଁ ସ୍ୱତନ୍ତ୍ରତା ରଖିଥାଏ। ରାସାୟନିକ ତଥା ଉତ୍କଟ ବିଷାକ୍ତ ରଙ୍ଗ ମଣିଷର ସଂସ୍ପର୍ଶରେ ଆସିଲେ ଶରୀର ବା ଚର୍ମର କ୍ଷତି ସାଧନ କରିଥାଏ। ତେଣୁ ଅସୁସ୍ଥ ବା ଚିକିତ୍ସା ହେଉଥିବା ଲୋକଙ୍କୁ ଅବିର ଖେଳଠାରୁ ଦୂରେଇ ରଖିବା ଉଚିତ୍।

ଦୋଳ ଉତ୍ସବ ହିନ୍ଦୁ ସମାଜରେ ପାଳନ ହେଲେ ମଧ୍ୟ ଗୋପାଳ ସମ୍ପ୍ରଦାୟର ଏକ ପ୍ରଧାନ ଉତ୍ସବ। ବିଶେଷକରି ଗୋପାଳମାନେ ନୂତନ ବସ୍ତ୍ର ପରିଧାନ କରି ଦୋଳଗୋବିନ୍ଦଙ୍କୁ ପୂଜା କରନ୍ତି। ଅଂଟାରେ କାଛଟା ବାନ୍ଧି, ହାତରେ ଲମ୍ୱା ବାଡି ଧରି ମୁଣ୍ଡରେ ଜାମୁଡାଳ ଖୋସି ଖେଳ ଖେଳନ୍ତି। ବଂଶୀ ଓ ଶିଙ୍ଗା ନାଦ କରି, ଗୀତରେ ବାଡ଼ି ଖେଳ ପ୍ରଦର୍ଶନ କରନ୍ତି। ଏହି ପର୍ବ ସହୃଦୟତା ଓ ଭ୍ରାତୃତ୍ୱର ବନ୍ଧନକୁ ନିବିଡ଼ କରେ। ଦୋଳ ଉତ୍ସବ ମଣିଷ ସମାଜରେ ଜାହ୍ନବୀର ଧାରା ସୃଷ୍ଟି କରି ସମାଜକୁ ରଙ୍ଗମୟ କରେ।

*ପାରାଦ୍ୱୀପଗଡ଼, କୁଜଙ୍ଗ,*
*ଜଗତ୍‌ସିଂହପୁର*
*ଦୂରଭାଷ : ୯୯୩୭୬୯୧୪୭୫*





ଡକ୍ଟର ମନୋରଞ୍ଜନ ବିଷୋୟୀ

# ଐତିହ୍ୟ ସଂପନ୍ନ ଗଞ୍ଜାମ ସହରର ଦୋଳଯାତ୍ରା

ପ୍ରାଚୀନ ସମୟରେ କଳିଙ୍ଗ ନାମରେ ବିଦିତ ଏକ ସମୃଦ୍ଧଶାଳୀ ପରମ୍ପରାର ଗୁରୁତ୍ୱପୂର୍ଣ୍ଣ ଅଂଶ ବିଶେଷ ଭାବରେ ଗଂଜାମ ଅଞ୍ଚଳ ସୁପରିଚିତ । ଆଧୁନିକ ଓଡ଼ିଶାର ମାନଚିତ୍ରରେ ଗଂଜାମ ନାମକ ପ୍ରଶାସନିକ ନାମକରଣରୁ ଗଢ଼ିଉଠିଥିବା ଗଂଜାମ ଜିଲ୍ଲା ଗଂଜାମ ସହରକୁ ନେଇ ଗର୍ବିତ ହେବା ସ୍ୱାଭାବିକ । ପ୍ରଶାସନର ସୁପରିଚାଳନା ନିମନ୍ତେ ଇଂରେଜମାନେ ଏହି ଅଞ୍ଚଳକୁ ନିର୍ବାଚିତ କରିଥିଲେ । ଆଜିବି ପୋତାଗଡ଼ର ଭଗ୍ନାବଶେଷ ଏହି ସ୍ମୃତିକି ଉଜ୍ଜୀବିତ କରିଥାଏ । ଅତୀତରେ ଯେ ଗଂଜାମ ଏକ ସମୃଦ୍ଧଶାଳୀ ଜନପଦର ଗୌରବ ବହନ କରିଥିଲା ତାହା ନିଃସନ୍ଦେହରେ କୁହାଯାଇପାରେ । ମହାଭାରତୀୟ ସାଂସ୍କୃତିକ ପରମ୍ପରାରେ ପ୍ରାଚୀନ କଳିଙ୍ଗ ଆପଣାର ସାଂସ୍କୃତିକ ବୈଚିତ୍ର୍ୟକୁ ନେଇ ଥିଲା ବେଶ୍ ସୁପରିଚିତ । ସମତଳ, ଉପକୂଳ ଓ ପାର୍ବତ୍ୟାଞ୍ଚଳ ଆଦି ତ୍ରିବିଧ ବୈଚିତ୍ର୍ୟର ସମାହାରରେ ଏହାର ସଂସ୍କୃତି ଥିଲା ବର୍ଣ୍ଣାଢ଼୍ୟ । ମୁଖ୍ୟତଃ କୃଷିଭିତ୍ତିକ ଜୀବନଧାରାକୁ ଆଦରି ନେଇଥିବା ଏହି ଜନଜାତି ପରବର୍ତ୍ତୀ ସମୟରେ ବହୁ କାର୍ଯ୍ୟକ୍ରମ ମାଧ୍ୟମର ଆପଣାର ଆଧ୍ୟାତ୍ମିକ ବିଶ୍ୱାସ, ସାଂସ୍କୃତିକ ବୈଶିଷ୍ଟ୍ୟକୁ ବିଭିନ୍ନ ପୂଜାପାର୍ବଣ, ମେଳଣ ମହୋତ୍ସବ ମାଧ୍ୟମରେ ପାଳନ କରୁଥିବା ଲକ୍ଷ୍ୟ କରିହୁଏ । ଏହି ଧାରାରେ ଫାଲଗୁନ ମାସର ଦୋଳପୂର୍ଣ୍ଣିମା ଏକ ସ୍ୱତନ୍ତ୍ର ବୈଶିଷ୍ଟ୍ୟ ନେଇ ପାଳିତ ହୋଇଥାଏ । ଦୋଳପୂର୍ଣ୍ଣିମା ପାଳନର ଏକ ସ୍ୱତନ୍ତ୍ର ମହତ୍ତ୍ୱ, ଗଂଜାମ ସହରର ଦୋଳ ମହୋତ୍ସବ ଅବସରରେ ଲକ୍ଷ୍ୟ କରିହୁଏ ।

ଗଂଜାମ ସହରର ଦୋଳ ମହୋତ୍ସବ ଖୁବ୍ ପ୍ରାଚୀନ କାଳରୁ ପାଳିତ ହୋଇ ଆସୁଥିବା ବିଶ୍ୱାସ କରାଯାଏ । ସମ୍ଭବତଃ ୧୭୮୩ ମସିହାରୁ ଗଂଜାମ କଲେକ୍ଟର ସ୍ନଡଗ୍ରସ୍‌ଙ୍କ ଉଦ୍ୟମରେ ଏହା ମେଳଣ ପଡ଼ିଆ ଅଭାବ କାରଣରୁ ଜାତୀୟ ରାଜପଥରେ ପାଳନ କରିବା ଏବଂ ଏହି ମର୍ମରେ ୨୪ରୁ ୪୮ ଘଣ୍ଟା ପର୍ଯ୍ୟନ୍ତ ଜାତୀୟ ରାଜପଥ ବନ୍ଦ ରହିବା ନିମନ୍ତେ ତମ୍ବାପଟାରେ ଲିଖିତାଦେଶ ରହିଥିଲା । ତାହା ଏଯାବତ୍ ପାଳନ ହୋଇ ଆସୁଥିଲା, କିନ୍ତୁ ଗତ କିଛି ବର୍ଷ ଧରି ବାଇପାସ୍ ଦେଇ ଗାଡ଼ି ଯାତାୟତ କରିବା ଫଳରେ ଗଂଜାମ ସହର ଦେଇ ଯାଇଥିବା ରାସ୍ତା ବନ୍ଦର ଆବଶ୍ୟକତା ଦୂର ହୋଇଛି । ଶୁଣାଯାଏ ଯେ ସାମନ୍ତରା ସାହି ନିବାସୀ ସୁପ୍ରସିଦ୍ଧ ସାମନ୍ତରା ବଂଶର ଆଧ୍ୟାତ୍ମବାଦୀ ପୁରୁଷ ସ୍ୱର୍ଗତ ଗଦାଧର ସାମନ୍ତରାୟ ଏହି ଯାତ୍ରାକୁ ଆରମ୍ଭ କରିଥିଲେ । ଏହି ଆଧ୍ୟାତ୍ମିକ ପୁରୁଷ ବୃନ୍ଦାବନରେ ଦୀର୍ଘ ୪୫ ଦିନ ବ୍ୟାପୀ (ଶ୍ରୀପଞ୍ଚମୀ ଠାରୁ ଦୋଳପୂର୍ଣ୍ଣିମା ପର୍ଯ୍ୟନ୍ତ) ପାଳିତ ହୋଇ ଆସୁଥିବା ଦୋଳପର୍ବକୁ ୫ ଦିନ ମଧ୍ୟରେ (ଫାଲ୍‌ଗୁନ ଶୁକ୍ଳ ଏକାଦଶୀ ତିଥିରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ) ପାଳନ କରିବା ନିମନ୍ତେ ବୃନ୍ଦାବନର ଆଧ୍ୟାତ୍ମମଣ୍ଡଳୀ ଠାରୁ ସ୍ୱୀକୃତି ଲାଭ କରିଥିଲେ । ସେହିଠାରୁ ଶ୍ରୀ ଶ୍ରୀ ମଦନ ମୋହନ ଗୋପାଳ ସ୍ୱାମୀ ମହାପ୍ରଭୁ କୃଷ୍ଣଙ୍କ ପ୍ରସ୍ତର ବିଗ୍ରହ ଓ ଶ୍ରୀ ଶ୍ରୀ ରାଧାରାଣୀଙ୍କ ପିତ୍ତଳ ବିଗ୍ରହ ଗଂଜାମ ଆଣିଥିଲେ । କୁହାଯାଏ ଏହି ବିଗ୍ରହଗୁଡ଼ିକୁ ଆପଣାର ମସ୍ତକରେ ବହନ କରି ସେ ଦୀର୍ଘ ପଥ ଅତିକ୍ରମ କରି ଗଂଜାମ ଠାରେ ପ୍ରତିଷ୍ଠା କରିଥିଲେ । ଶ୍ରୀଯୁକ୍ତ ସାମନ୍ତରାୟ ଏକ ବିଶାଳ ପୋଖରୀ ନିର୍ମାଣ କରି ତା'ର ପଶ୍ଚିମକୂଳରେ ଶ୍ରୀ ଶ୍ରୀ ମଦନ ମୋହନ ଓ ଶ୍ରୀରାଧାରାଣୀଙ୍କ ବିଗ୍ରହ ପ୍ରତିଷ୍ଠା ପରିବା ସହ ଏହି ଦୋଳଯାତ୍ରା ପ୍ରଚଳନ କରିଥିଲେ । ଅତୀତରେ ମଦନମୋହନଙ୍କ ଠାରୁ ଆରମ୍ଭ ହୋଇଥିବା ଏହି ଉତ୍ସବ କାଳକ୍ରମେ ପ୍ରତ୍ୟେକ ସାହିରେ ଗୋଟିଏ ଗୋଟିଏ ବିଷ୍ଣୁ ମନ୍ଦିର ନିର୍ମାଣ ନିମନ୍ତେ ସାହିବାସୀଙ୍କୁ ଉତ୍ସାହିତ କରିଥିଲା । ବିଭିନ୍ନ ସାହିରେ ଗଢ଼ିଉଠିଥିବା ମନ୍ଦିର ଏହି ଦୋଳ ଉତ୍ସବରେ ସାମଗ୍ରିକ ଭାବରେ ଯୋଗ ଦେଇଥିଲେ । ଗଂଜାମ ସହରରେ ଦୋଳଯାତ୍ରା ନିମନ୍ତେ ଶ୍ରୀପଞ୍ଚମୀ ତିଥିରୁ ଆୟୋଜନ ଆରମ୍ଭ ହୁଏ । ଶ୍ରୀପଞ୍ଚମୀ ଦିନ ସାହି ବାସିନ୍ଦାମାନେ ଆପଣା ଆପଣା ମନ୍ଦିର ପ୍ରାଙ୍ଗଣରେ ଏକତ୍ରିତ ହୋଇ ଠାକୁରମାନଙ୍କୁ ଅବୀର ଲାଗି କରାନ୍ତି । ଫାଲଗୁନ ଏକାଦଶୀ ତିଥିରେ ଠାକୁରମାନେ ଶୋଭାଯାତ୍ରାରେ ବାହାରି ସାହି ପରିକ୍ରମା କରନ୍ତି । ଆଲଟ, ଚାମର, ଶଙ୍ଖ, ଘଣ୍ଟ, କାହାଳୀ ଓ ମୃଦଙ୍ଗର ତାଳେ ତାଳେ ସୁସଜ୍ଜିତ ବିମାନ ଉପରେ ଆରୁଢ଼ ଠାକୁରମାନେ ପ୍ରତ୍ୟେକ ଘରର ଭୋଗ ଗ୍ରହଣ କରନ୍ତି । ଦ୍ୱାଦଶିଦିନ ରାତିରେ ଠାକୁରମାନେ ଶୋଭାଯାତ୍ରାରେ ବାହାରି ସାହି ପରିକ୍ରମା କରନ୍ତି । ନୃତ୍ୟଗୀତର କାର୍ଯ୍ୟକ୍ରମ ମଧ୍ୟ ଏହି ସମୟରେ ଅନୁଷ୍ଠିତ ହୋଇଥାଏ । ତ୍ରୟୋଦଶୀ ତିଥିରେ ପ୍ରତ୍ୟେକ ସାହିର ଠାକୁର ସୁଶୋଭିତ କୁଞ୍ଜ ବିମାନରେ ଏକ ବିରାଟ ଶୋଭାଯାତ୍ରାରେ ବାହାରି ଜାତୀୟ ରାଜପଥ ସଂଲଗ୍ନ ବଡ଼ବଜାରରେ ସମବେତ ହୁଅନ୍ତି । ଅପରାହ୍‌ଣରେ ଠାକୁରମାନେ ଛତ୍ରତୋରଣ, ସଙ୍ଗୀତ, ନାଚ ସହ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରନ୍ତି । ଠାକୁରମାନଙ୍କ ଭୋଗରାଗ ବିଳମ୍ବିତ ରାତି ପର୍ଯ୍ୟନ୍ତ ଚାଲେ, ଠାକୁରମାନଙ୍କ ପୂଜକମାନେ ପରମ୍ପରା ଅନୁଯାୟୀ ରାଜାଗ୍ନି ପ୍ରଜ୍ୱଳିତ କରିଥାନ୍ତି । ଠାକୁରମାନଙ୍କ ଆଗରେ ନାଚଗୀତର ଶୁଭାରମ୍ଭ କରାଯାଏ । ଜିଲ୍ଲାର ବହୁ ଅଞ୍ଚଳରୁ ହଜାର ହଜାର ଭକ୍ତ ଏହି ଉତ୍ସବରେ ଯୋଗ ଦେଇଥାନ୍ତି । ମାନବ ମନରେ ଆଧ୍ୟାତ୍ମିକ ଚେତନା ସୃଷ୍ଟି କରିବା ସହ ଏଠାରେ ମନୋରଞ୍ଜନ ମାଧ୍ୟମରେ ଭାଇଚାରା ସୃଷ୍ଟି ହୋଇଥାଏ । ଗଂଜାମ ସହର ଦେଇ ଯାଇଥିବା ରାସ୍ତାର ଉଭୟ ପାର୍ଶ୍ୱରେ ଖୋଲିଯାଏ ଅସଂଖ୍ୟ ବିପଣୀ । ଆଖପାଖ ଅଞ୍ଚଳର ବିଭିନ୍ନ ଦ୍ରବ୍ୟ ଏଠାରେ ବିକ୍ରି ନିମନ୍ତେ ପ୍ରଦର୍ଶିତ ହୋଇଥାଏ। ଗଂଜାମ ସହରର ସାମନ୍ତରା ସାହି, ପଣ୍ଡା ସାହି, ଚୌଧୁରୀ ସାହି, ଦୁର୍ଗାଦେବୀ ସାହି, ନୂଆ ସାହି, ରାଉଳ ସାହି, ବ୍ରାହ୍ମଣ ଡାମଣା ସାହି, ଓଡ଼ିଆ ଡାମଣା ସାହି, ସାନ ବଜାର, କରତି ସାହି ବ୍ୟତୀତ ଦାମୋଦରପୁର, ପୁଇଁତୋଳା ବଡ଼ ସାହି, ସାନ ସାହି, ବାରିକ ସାହି, ସୂର୍ଯ୍ୟନାରାୟଣପୁର ଓ ବିଞ୍ଝଣାପଲ୍ଲୀ ଆଦି ଗ୍ରାମର ପ୍ରାୟ ୧୬ଟି ବିମାନ ମେଳଣ ଦାଣ୍ଡରେ ଏକତ୍ରିତ ହୁଏ । ଏଥି ମଧ୍ୟରେ ଗଂଜାମର ଶ୍ରୀ ଶ୍ରୀ ରାମେଶ୍ୱର ମହାଦେବ ଓ ପୁଇଁତୋଳାର ଶ୍ରୀ ଶ୍ରୀ ବୀର ହନୁମାନଙ୍କ ବ୍ୟତୀତ ଅନ୍ୟ ସବୁଗୁଡ଼ିକ ଥାଏ ରାଧାକୃଷ୍ଣଙ୍କ ଯୁଗଳ ପ୍ରତିମା । ପୂର୍ଣ୍ଣିମା ଦିନ ଅପରାହ୍‌ଣରୁ ଅବିରରେ ବିଭୂଷିତ ଭକ୍ତମାନଙ୍କ ଗହଣରେ ଠାକୁରମାନେ ମନ୍ଦିର ଫେରନ୍ତି । ଚଣା, ସାକର, ଆମ୍ବ ପ୍ରଭୃତି ଭୋଗଲାଗି ହେବାପରେ ପବିତ୍ର ଦୋଳଯାତ୍ରା ଉଦ୍‌ଯାପିତ ହୁଏ। ସଂକ୍ଷେପରେ କହିଲେ ଗଂଜାମର ଦୋଳଯାତ୍ରା ହେଉଛି ଏକ ସାମାଜିକ ମହୋତ୍ସବ । ଏହି ଅବସରରେ ବିଭିନ୍ନ ସାହିର ଜନତାଙ୍କ ମଧ୍ୟରେ ଅପୂର୍ବ ଉତ୍ସାହ ଦେଖାଦେଇଥାଏ । ସାହି ସାହି ଭିତରେ ଶୋଭାଯାତ୍ରା ଓ ବିମାନ ସଜ୍ଜାକୁ ନେଇ ଆରମ୍ଭ ହୋଇଥାଏ ପ୍ରତିଯୋଗିତା । ଦୋଳଯାତ୍ରାକୁ ଅପୂର୍ବ ରୂପ ପ୍ରଦାନ କରିବା ପାଇଁ ସାମୂହିକ ଉଦ୍ୟମ ଆରମ୍ଭ ହୋଇଥାଏ । ଯଥାର୍ଥରେ କହିଲେ ଏହି ସମୟ ବେଳକୁ କୃଷିକର୍ମରୁ ସାମୟିକ ଅବ୍ୟାହତି ପାଇଥାଏ ସରଳ ମଣିଷ । ଏହି ଅବସର ସମୟକୁ ଭଗବତ୍ ଚେତନା ଜାଗ୍ରତ ଏବଂ ସାହି ସାହି ମଧ୍ୟରେ ସହୃଦୟତା ସୃଷ୍ଟି କରିବା ନେଇ ଏପରି ଏକ ଦୋଳ ମହୋତ୍ସବ ପରିକଳ୍ପିତ ହୋଇଥବା ଅଧିକ ସତ୍ୟ ମନେହୁଏ । ବିପୁଳ ଜନତାଙ୍କ ସମାବେଶ, ନୃତ୍ୟ, ଗୀତ ତାଳେ ତାଳେ ଓଡ଼ିଆ ମାନବର ଏକନିଷ୍ଠ ବିଶ୍ୱାସ ଓ ଭକ୍ତିଧାରାର ପ୍ରତିଫଳନକୁ ଏ ଅବସରରେ ଲକ୍ଷ୍ୟ କରିହୁଏ । ବାସ୍ତବିକ କହିବାକୁ ଗଲେ ଏହା ହେଉଛି ମାନବୀୟ ସଂପ୍ରୀତି ଓ ଆଧ୍ୟାତ୍ମିକ ଜାଗରଣର ଏକ ପ୍ରମୁଖ ଉତ୍ସବ ।

*ଦାମୋଦରପୁର, ଗଂଜାମ*
*ଦୂରଭାଷ : ୮୮୯୫୧୪୧୭୨୭*



# ମା'ମାନଙ୍କ ଆତ୍ମବିଶ୍ୱାସ ବଢ଼ିଛି : ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର, :** ବିଜୁ ମହିଳା ଜନତା ଦଳ ପକ୍ଷରୁ ଭୁବନେଶ୍ୱରରେ ପାଳିତ ହୋଇଛି ରାଜ୍ୟସ୍ତରୀୟ ମହିଳା ଦିବସ। ଏଥିରେ ସାମିଲ ହୋଇଥିଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏହି ଅବସରରେ ବିଜୁ ଜନତା ଦଳର ଲକ୍ଷ ଲକ୍ଷ କର୍ମୀ ମା'ମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ। ରାଜ୍ୟସ୍ତରୀୟ ମହିଳା ଦିବସରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ମହିଳା ସଶକ୍ତିକରଣ ବିଜୁ ଜନତା ଦଳର ମୁଖ୍ୟ ଫୋକସ୍। ଆମର ପ୍ରିୟ ନେତା ବିଜୁ ବାବୁ ଓଡ଼ିଶା ନୁହେଁ, ସାରା ଭାରତରେ ମହିଳା ସଶକ୍ତିକରଣ ପାଇଁ ନୂଆ ରାସ୍ତା ଦେଖାଇଥିଲେ। ଆଜି ଓଡ଼ିଶା ମହିଳା ସଶକ୍ତିକରଣ କ୍ଷେତ୍ରରେ ଏକ ଆଗୁଆ ରାଜ୍ୟ ହୋଇପାରିଛି। ପଞ୍ଚାୟତ ଓ ପୌରାଞ୍ଚଳରେ ମହିଳାଙ୍କ ପାଇଁ ୩୩ ପ୍ରତିଶତରୁ ସ୍ଥାନ ସଂରକ୍ଷଣକୁ ୫୦ ପ୍ରତିଶତକୁ ବୃଦ୍ଧି କରିଛି ବିଜେଡି। ସଂସଦ ଓ ବିଧାନସଭାରେ ମା'ମାନଙ୍କ ପାଇଁ ୩୩ ପ୍ରତିଶତ ସଂରକ୍ଷଣ ଦେବା ପାଇଁ ବିଜୁ ଜନତା ଦଳ ତା'ର ଲଢେଇ ଜାରି ରଖିବ। ଆମ ସରକାର ଲୋକଙ୍କୁ ଦେଇଥିବା କିଛି ବି ସୁବିଧା ବନ୍ଦ କରି ନାହିଁ । କିନ୍ତୁ କେନ୍ଦ୍ର ସରକାର ଗରିବ ଲୋକଙ୍କ ଚାଉଳରୁ ୫ କେଜି କାଟିଦେଲେ। ସେହିପରି ଏଲ୍‌ପିଜି ଦର ଏବେ ଆକାଶଛୁଆଁ ହେଲାଣି। ଚାଉଳ କାଟିବା ଓ ଏଲ୍‌ପିଜି ଦର ବୃଦ୍ଧି ଯୋଗୁଁ ଆମର ମା'ମାନେ ସବୁଠାରୁ ଅଧିକ ହଇରାଣ ହେଉଛନ୍ତି। ମୁଁ କେନ୍ଦ୍ରର ଏଭଳି ମହିଳା ବିରୋଧୀ ପଦକ୍ଷେପକୁ କଡ଼ା ନିନ୍ଦା କରୁଛି ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ମହିଳା ସଶକ୍ତିକରଣ କାର୍ଯ୍ୟକ୍ରମ ମା'ମାନଙ୍କ ଆତ୍ମବିଶ୍ୱାସ ବୃଦ୍ଧି କରିଛି। ମିଶନ ଶକ୍ତି କାର୍ଯ୍ୟକ୍ରମକୁ ମା'ମାନେ ଏକ ସଫଳ କାର୍ଯ୍ୟକ୍ରମ ଭାବେ ଗଢ଼ିଛନ୍ତି। ଏସ୍‌ଏଚ୍‌ଜିରୁ ସେମାନେ ଏବେ ଉଦ୍ୟୋଗୀ ହେବାର ନୂଆ ଯାତ୍ରା ଆରମ୍ଭ କରିଛନ୍ତି। ମା'ମାନେ ସଶକ୍ତ ହୁଅନ୍ତୁ, ସଫଳ ହୁଅନ୍ତୁ ଓ ସେମାନଙ୍କ ଦକ୍ଷତା ନୂଆ ଓଡ଼ିଶାର ପରିଚୟ ହେଉ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ।

# ବିର୍ସା ମୁଣ୍ଡା ଆଥଲେଟିକ ଷ୍ଟାଡିୟମ୍ ଲୋକାର୍ପିତ




**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦୁଇ ଦିନିଆ ରାଉରକେଲା ଗସ୍ତରେ ଆସି ସେ ୯୬୪ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଲୋକାର୍ପଣ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ରାଉରକେଲା ସହର ବିର୍ସା ଛକଠାରେ ନିର୍ମିତ ନୂତନ ବିର୍ସା ମୁଣ୍ଡା ଆଥଲେଟିକ ଷ୍ଟାଡିୟମ୍ ସମେତ ବିର୍ସା ମୁଣ୍ଡା ସୁଇମିଂ କମ୍ପ୍ଲେକ୍ସ ଓ ବହୁତଳ କାର ପାର୍କିଂ ସୁବିଧାର ଲୋକାର୍ପଣ କରିଛନ୍ତି ମଖ୍ୟମନ୍ତ୍ରୀ। ୧୫୭. ୨୧ କୋଟି ଟଙ୍କା ମୂଲ୍ୟରେ ୧୦ ଏକର ଜମିରେ ଏହି ଷ୍ଟାଡିୟମ୍ ନିର୍ମାଣ କରାଯାଇଛି। ଯେଉଁଥିରେ ପ୍ରାୟ ୧୦ ହଜାର ଦର୍ଶକ ଏକ କାଳୀନ ବସି ଖେଳ ଉପଭୋଗ କରିପାରିବାର ବ୍ୟବସ୍ଥା ରହିଛି। ଏହାଛଡ଼ା ଫୁଟବଲ୍ ସମେତ ଟ୍ରାକ ଆଣ୍ଡ ଫିଲ୍ଡ ବିଭାଗର ସମସ୍ତ ପ୍ରତିଯୋଗିତା ହୋଇପାରିବ। ଏଥିସହିତ ଏଠାରେ ନିର୍ମିତ ସୁଇମିଂ ପୁଲରେ ସନ୍ତରଣ ପ୍ରଶିକ୍ଷଣ ଦିଆଯିବ। ଷ୍ଟାଡିୟମ୍ରେ ଦୁଇ ମହଲା ବିଶିଷ୍ଟ ମଲ୍ଟି ଲେବଲ୍ କାର ପାର୍କିଂ ବ୍ୟବସ୍ଥା ରହିଛି। ଅନ୍ୟପକ୍ଷରେ ସୁନ୍ଦରଗଡ଼ ଜିଲ୍ଲାର ସ୍ୱାସ୍ଥ୍ୟ, ଶିକ୍ଷା, ରାସ୍ତା ଘାଟ, ପରିମଳ, କୃଷି ଓ ପର୍ଯ୍ୟଟନ ଇତ୍ୟାଦିର ବିକାଶ ପାଇଁ ବିଭିନ୍ନ ପ୍ରକଳ୍ପର ଉଦଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ମୁଖ୍ୟମନ୍ତ୍ରୀ। ସେ ଗୁଡିକ ହେଲା ୫୩.୫୩ କୋଟି ଟଙ୍କାର ପାନପୋଷଠାରେ ବଜାର ଗୃହ ନିର୍ମାଣ, ୧୧.୭୭ କୋଟି ଟଙ୍କାର ଆସ୍ଥା ଗୃହ(ମାନସିକ ରୋଗରେ ପୀଡିତ ମହିଳାଙ୍କ ପାଇଁ), ୨୩୨ କୋଟି ଟଙ୍କାର ୫ଟି ଉଚ୍ଚ କ୍ଷମତା ସମ୍ପନ୍ନ ଉଠା ଜଳ ସେଚନ ପ୍ରକଳ୍ପ, ଟାଙ୍ଗରପାଲ୍ଲୀ ବ୍ଲକ୍ର ଉଜଳପୁରଠାରେ ୨.୫୫ କୋଟି ଟଙ୍କା ମୂଲ୍ୟର ମାର୍କେଟ ୟାର୍ଡ ଓ ଗୋଦାମ ଗୃହ, ୩୩.୯୦ କୋଟି ଟଙ୍କାର ୧୪ ଗୋଟି ଅନୁସୂଚିତ ଜାତି ଓ ଜନଜାତି/ପଛୁଆ ବର୍ଗଙ୍କ ନିମନ୍ତେ ଛାତ୍ରାବାସ, ୨୩୭.୨୦ କୋଟି ଟଙ୍କାର ୬୬ ଗୋଟି ରାସ୍ତା ପ୍ରକଳ୍ପ, ୧୧.୫୦ କୋଟି ଟଙ୍କାର ୨୭୩ଟି ପଞ୍ଚାୟତସ୍ତରୀୟ ବର୍ଜ୍ୟବସ୍ତୁ ପୃଥକୀକରଣ ଓ ଗୋଟିଏ କଠିନ ବର୍ଜ୍ୟବସ୍ତୁ ପରିଚାଳନା କେନ୍ଦ୍ର ରହିଛି। ସେହିପରି ସରଫଗଡ଼ଠାରେ ୭୫ ଲକ୍ଷ ଟଙ୍କାର ପ୍ରାକୃତିକ ପର୍ଯ୍ୟଟନସ୍ଥଳୀର ଉନ୍ନତିକରଣ, ୬.୪୭ କୋଟି ଟଙ୍କାରେ ନିର୍ମିତ ୨୩ ଗୋଟି ଅଙ୍ଗନୱାଡ଼ି କେନ୍ଦ୍ର, ୬୩.୨୯ କୋଟି ଟଙ୍କାରେ ନିର୍ମିତ ୪୭ ଗୋଟି ଗୋଷ୍ଠୀ ସଭା ଗୃହ, ୨୫.୩୭ କୋଟି ଟଙ୍କାରେ ନିର୍ମିତ ୮୫ ଗୋଟି ବିଦ୍ୟାଳୟ ଗୃହ, ୧.୩୪ କୋଟି ଟଙ୍କାରେ ନିର୍ମିତ ୩ଟି ଗୋଷ୍ଠୀ ଉପ ସ୍ୱାସ୍ଥ୍ୟ କେନ୍ଦ୍ରକୁ ମୁଖ୍ୟମନ୍ତ୍ରୀ ଲୋକାର୍ପଣ କରିଛନ୍ତି।

### ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗରେ ସବୁ ସଦସ୍ୟ ପଦ ଖାଲି ପ୍ରସଙ୍ଗ

# ହାଇକୋର୍ଟରେ ଜବାବ ରଖିବାକୁ ସରକାର ଲୋଡ଼ିଲେ ଅଧିକ ସମୟ

**କଟକ :** ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ସମସ୍ତ ୬ଟି ପଦବି ଖାଲି ପଡ଼ିବା ଘଟଣାକୁ ନେଇ ଦାୟର ମାମଲାରେ ଜବାବ ରଖିବାକୁ ରାଜ୍ୟ ସରକାରଙ୍କ ତରଫରୁ ଅଧିକ ସମୟ ଲୋଡ଼ା ଯାଇଛି। ହାଇକୋର୍ଟ ଏଥିପାଇଁ ଅନୁମତି ଦେବା ସହିତ ମାର୍ଚ୍ଚ ୨୧କୁ ଏ ସଂପର୍କିତ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟ ବିଚାରପତି ଡକ୍ଟର ଜଷ୍ଟିସ ଏସ.ମୁରଲୀଧର ଓ ଜଷ୍ଟିସ ଗୌରୀଶଙ୍କର ଶତପଥୀଙ୍କୁ ନେଇ ଗଠିତ ଖଣ୍ଡପୀଠ ମାନବାଧିକାର କର୍ମୀ ଆଇନଜୀବୀ ପ୍ରବୀର କୁମାର ଦାସଙ୍କ ଜନସ୍ୱାର୍ଥ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ଦେଇଛନ୍ତି। ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ଫେବ୍ରୁଆରି ୧୬ରେ ହାଇକୋର୍ଟ ମାମଲାର ଶୁଣାଣି କରି ଆୟୋଗର ସମସ୍ତ ୬ଟି ସଦସ୍ୟ ପଦ ଖାଲି ପଡିବା ପ୍ରସଂଗକୁ ନେଇ ଉଦ୍ବେଗ ପ୍ରକାଶ କରିଥିଲେ। ବୈଧାନିକ ସଂସ୍ଥା ଗୁଡିକରେ ସଦସ୍ୟ ପଦ ଖାଲି ରଖାଯିବାରେ କୌଣସି ଯୁକ୍ତିଯୁକ୍ତ କାରଣ ନାହିଁ। ଏହା ଫଳରେ ଯେଉଁ ଉଦ୍ଦେଶ୍ୟ ନେଇ ଏହା ଗଠନ କରାଯାଇଥିଲା ତାହା ବିଫଳ ହେଉଛି ବୋଲି ହାଇକୋର୍ଟ କହିବା ସହିତ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗରେ ଖାଲି ପଡ଼ିଥିବା ପଦବି ପୂରଣ ପ୍ରସଂଗରେ ଜବାବ ରଖିବାକୁ ରାଜ୍ୟ ସରକାରଙ୍କୁ ଫେବ୍ରୁଆରି ୧୬ରେ ନିର୍ଦ୍ଦେଶ ଦେଇଥିଲେ। ମାମଲାର ବିବରଣୀରୁ ପ୍ରକାଶ ଯେ ୨୦୧୦, ସେପ୍ଟେମ୍ବର ୩୦ରେ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଗଠନ କରାଯାଇଥିଲା। ଜଣେ ଅଧକ୍ଷ ୬ଜଣ ସଦସ୍ୟ ଏହି ଆୟୋଗରେ ରହିବେ ବୋଲି ବିଜ୍ଞପ୍ତିରେ ସ୍ପଷ୍ଟ କରାଯାଇଥିଲା। କିନ୍ତୁ ବର୍ତ୍ତମାନ କେବଳ ଅଧକ୍ଷାଙ୍କୁ ନେଇ ଆୟୋଗ ଚାଲିଛି। ୨୦୨୨, ଅକ୍ଟୋବର ୧୪ରେ ନୂଆ ଅଧକ୍ଷା ଯୋଗ ଦେଇଥିଲେ। ଅନ୍ୟପକ୍ଷରେ ୨୦୨୦, ମେ ୧୯ରୁ ୪ଟି, ୨୦୨୧, ଜାନୁଆରି ୧୦ରୁ ଗୋଟିଏ ଓ ୨୦୨୨, ଅଗଷ୍ଟ ୨୫ରୁ ଗୋଟିଏ ସଦସ୍ୟ ପଦ ଖାଲି ପଡିଛି। ଏଭଳି ଭାବେ ଆୟୋଗର ସମସ୍ତ ୬ଟି ସଦସ୍ୟ ପଦ ଖାଲି ପଡିଛି। ସବୁ ସଦସ୍ୟ ପଦ ଖାଲି ପଡିଥିବାରୁ ଆୟୋଗ ଏକ ପ୍ରକାର ଅଚଳ ହୋଇ ପଡିଛି ବୋଲି ଆବେଦନରେ ଦର୍ଶାଯାଇଛି। ମାମଲାରେ ରାଜ୍ୟ ମୁଖ୍ୟ ସଚିବ, ମହିଳା ଓ ଶିଶୁ ବିକାଶ ବିଭାଗ ସଚିବ, ଆୟୋଗ ସଚିବଙ୍କୁ ପକ୍ଷଭୁକ୍ତ କରାଯାଇଛି।

# ବିଭିନ୍ନ ସ୍ଥାନରେ ଦୋଳ ଉତ୍ସବ ପାଳିତ



**ଜଗତସିଂହପୁର:** ଜଗତସିଂହପୁର ଜିଲ୍ଲା ବିଭିନ୍ନ ସ୍ଥାନ ମାନଙ୍କରେ ଓଡିଆ ସାଂସ୍କୃତିକ ଓ ପରମ୍ପରା ଅନୁଯାୟୀ ଦୋଳ ଉତ୍ସବମାନ ଆନନ୍ଦ ଉଲ୍ଲାସରେ ପାଳିତ ହୋଇଯାଇଛି। ଗୋପାଳ ଭାଇମାନଙ୍କର ମୁଖ୍ୟ ପର୍ବ ଭାବେ ପାଳନ କରାଯାଏ। ଏହି ପର୍ବରେ ଗୋପାଳ ଭାଇମାନଙ୍କ ପକ୍ଷରୁ ଦୀର୍ଘ ଏକମାସ ଧରି ଜାଉଆ ଲାଗୁଥିବା ଭକ୍ତମାନେ ସାକାହାରୀ ଭୋଜନ କରି ବ୍ରତପାଳନ କରିଥାନ୍ତି। ଦୋଳପୂର୍ଣ୍ଣିମା ଦିନ ରାଧାକୃଷ୍ଣଙ୍କ ମୂର୍ତ୍ତିକୁ ବିଭାନ ସାହାଯ୍ୟରେ ସଜ୍ଜିତ କରି ଗୋପାଳ ଭାଇମାନଙ୍କ ଦ୍ୱାରା କାନ୍ଧରେ ଗାଁ ପରିକ୍ରମା କରାଯାଇ ଭୋଗ ଖୋଇବା ନୀତି କରାଯାଏ। ଏଥିରେ ଜାଉଆ ଭକ୍ତମାନେ ଅଣ୍ଟାରେ ଘଣ୍ଟି ଓ ଘାଗୁଡି ଇତ୍ୟାଦି ବାନ୍ଧି ଏକ କେନ୍ଦୁ ବାଡି ଧରି ବୁଲିବା ସଙ୍ଗେ ସଙ୍ଗେ ତାଙ୍କ ସହ ଶହ ଶହ ଗୋପାଳ ଭାଇମାନେ ଓଗାଳ ଗାନ କରିବା ସହିତ ଶିଙ୍ଗା ଫୁଙ୍କି ଗାଁ ପରିକ୍ରମା କରିଥାନ୍ତି । ଗାଁ ପରିକ୍ରମା କରିବା ପରେ ସେମାନଙ୍କ ସ୍ଥାନୀୟ ଗାଦି ଗୋସେଇଁଙ୍କ ପାଖରେ ପହଞ୍ଚିଥାନ୍ତି। ଏବେବି ଗୋପାଳ ଭାଇମାନେ ତାଙ୍କର ପ୍ରଥା ଓ ପରମ୍ପରାକୁ ବଞ୍ଚାଇ ରଖିଛନ୍ତି। ଗୋପାଳ ଭାଇମାନେ ଦୋଳ ପର୍ବ ଅବସରରେ ଘି ପିଠା, ଚକୁଳିପିଠା, ଅନ୍ନ ପ୍ରସାଦ ଆଦି ସୁଷମ ଖାଦ୍ୟ ବଣ୍ଟନ କରିଥାନ୍ତି।

# ସ୍ୱାମୀ ଅରୂପାନନ୍ଦ ଡିଗ୍ରୀ ମହାବିଦ୍ୟାଳୟର ଅଧାପିକାଙ୍କୁ ବହିଷ୍କାର ପାଇଁ ଆନ୍ଦୋଳନ



**ଜଗତସିଂହପୁର:** ରଘୁନାଥପୁର ବ୍ଲକ ଅନ୍ତର୍ଗତ କୁର୍ତ୍ତାଙ୍ଗ ଗ୍ରାମ ସ୍ଥିତ ସ୍ୱାମୀ ଅରୂପାନନ୍ଦ ଡିଗ୍ରୀ ମହାବିଦ୍ୟାଳୟର ଓଡିଆ ବିଭାଗ ଅଧ୍ୟାପିକା ଦିପ୍ତୀମୟୀ ଜେନାଙ୍କ ଖରାପ ଆଚରଣ ଓ ଉନ୍ମତ କାଣ୍ଡକୁ ନେଇ ଏଅଞ୍ଚଳର ବୁଦ୍ଧିଜୀବି ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ମହାବିଦ୍ୟାଳୟର ସମ୍ମୁଖରେ ଧାରଣା ଦେବା ଘଟଣା ବେଶ୍ ଚର୍ଚ୍ଚାର ବିଷୟ ପାଲଟିଛି। ଏହି ଅଧ୍ୟାପିକା ଜଣକ ବହୁ ସମୟ କଲେଜ ନଆସି ସରକାରୀ ଦରମା ପାଉଥିବା ବେଳେ ଯେଉଁ ଦିନ କଲେଜ ଆସନ୍ତି ଛାତ୍ରଛାତ୍ରୀମାନଙ୍କ ଠାରୁ ଆରମ୍ଭ କରି ଅଧ୍ୟକ୍ଷ ଓ ଅଧ୍ୟାପିକା ମାନଙ୍କ ପର୍ଯ୍ୟନ୍ତ ଅତ୍ୟନ୍ତ ଅଶ୍ଳୀଳ ଭାଷାରେ ଗାଳିମନ୍ଦ କରନ୍ତି। ଏଥିପାଇଁ ସେ ଆଗରୁ ବହୁଥର ନିଲମ୍ବିତ କରାଯାଇଥିଲେ ବି ଧରାଧରି କରି ପୁଣି ସେ ଏଠାରେ ନିଯୁକ୍ତି ପାଉଛନ୍ତି। ଅଧ୍ୟାପିକା ଭାବେ ଛାତ୍ରଛାତ୍ରୀଙ୍କୁ ପାଠ ପଢାଇବା ପରିବର୍ତ୍ତେ ଫୋନ ଧରି ସଦାସର୍ବଦା ଫଟୋ ଉଠାଇବାରେ ବ୍ୟସ୍ତ ରହୁଛନ୍ତି। ତାଙ୍କ ସମ୍ପର୍କରେ ଜନସାଧାରଣ ପକ୍ଷରୁ ଅଭିଯୋଗ କରାଯାଇଥିବା ବେଳେ ରିଜିଓନାଲ ଡାଇରେକ୍ଟର ଏହାର ତଦନ୍ତ କରିବା ନିମନ୍ତେ ମହାବିଦ୍ୟାଳୟକୁ ଆସି ଏହାର ପୁଙ୍ଖାନୁପୁଙ୍ଖ ତଦନ୍ତ କରିଥିଲେ। ଏପରିକି ଶ୍ରୀମତୀ ଜେନାଙ୍କୁ ଖରାପ ଆଚରଣ ନକରିବାକୁ ଓ ପ୍ରତିଦିନ ଆସି ଛାତ୍ରଛାତ୍ରୀମାନଙ୍କୁ ପଠାଇବାକୁ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ତା ପରେ ବି ତାଙ୍କର ପରିବର୍ତ୍ତନ ନ ହେବାରୁ ଓ ଛାତ୍ରଛାତ୍ରୀମାନଙ୍କୁ ଖରାପ ବ୍ୟବହାର ଦେଖାଉଥିବାରୁ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବି ଓ ଛାତ୍ରଛାତ୍ରୀମାନେ ମହାବିଦ୍ୟାଳୟ ସମ୍ମୁଖରେ ମାନୁଆ ସେଠୀ, ମନୋରଞ୍ଜନ ସ୍ୱାଇଁ, ଧ୍ରୁବ ବେଉରା, ବିକୁନା ସେଠୀ, ଅମ୍ବିକା ପ୍ରସାଦ ଦାସ ଓ ଛାତ୍ରଛାତ୍ରୀ ପ୍ରମୁଖ ଧାରଣା ଦେଇ ଅଧ୍ୟକ୍ଷ ଦୟାନିଧି ରାଉତଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ସେହିପରି ଏହି ମହାବିଦ୍ୟାଳୟର ଅଧ୍ୟାପିକା ଓ କର୍ମଚାରୀ ତା ୦୬.୦୩.୨୦୨୩ ରିଖରେ ରଘୁନାଥପୁର ଥାନାରେ ସଂପୃକ୍ତ ଅଧ୍ୟାପିକାଙ୍କ ବିରୁଦ୍ଧରେ ବି ଏତଲା ଦାୟର କରିଛନ୍ତି। କାଲି ଧାରଣା ସ୍ଥଳରେ ରଘୁନାଥପୁର ଥାନା ପକ୍ଷରୁ ଏଏସଆଇ ଦେବରାଜ ପ୍ରଧାନ ପ୍ରମୁଖ ଘଟଣା ସ୍ଥଳରେ ଏହାର ପୁଙ୍ଖାନୁପୁଙ୍ଖ ତଦନ୍ତ କରିଛନ୍ତି। କେବେ ଏହି ଅଧ୍ୟାପିକାଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ସେ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ଧାରଣା ରତ ଜନସାଧାରଣ ପ୍ରକାଶ କରିଛନ୍ତି।

# ୨ ଦଫା ଦାବି ନେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଭଞ୍ଜସେନାର ଧାରଣା



**ବାରିପଦା,(ବିଜୁ ସିଂ):** ଦୁଇ ଦଫା ଦାବି ନେଇ ଭଞ୍ଜସେନା ମୟୁରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲା। ଶିମିଳିପାଳ ସୁରକ୍ଷା ଏବଂ ଶିମିଳିପାଳ ବିରୋଧୀ ବନ ଅଧିକାରୀଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ବ୍ୟାପକ ନିଆଁକୁ ଆୟତ୍ତ କରିବା ଏବଂ ଗ୍ରାମାଞ୍ଚଳ ଲୋକଙ୍କୁ ପାଣି ଯୋଗାଇଦେବାରେ ବିଫଳ ମୟୁରଭଞ୍ଜରେ କାର୍ଯ୍ୟରତ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ (ଆରଡବ୍ଲ୍ୟୁଏସ୍‌ଏସ୍) ରାଇରଙ୍ଗପୁର ଓ ବାରିପଦା ନିର୍ବାହୀ ଯନ୍ତ୍ରୀଙ୍କ ଅଫିସ ଅଧିକାରୀଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ଗ୍ରାମାଞ୍ଚଳ ଜନସାଧାରଣଙ୍କୁ ତୁରନ୍ତ ପାଣି ଯୋଗାଇଦେବା ଦାବୀ ନେଇ ପୂର୍ବ ଘୋଷିତ କାର୍ଯ୍ୟକ୍ରମ ଅନୁଯାୟୀ ମୟୁରଭଞ୍ଜର ଏକମାତ୍ର ସଂଗ୍ରାମୀ ଯୁବଛାତ୍ର ସଂଗଠନ ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନାଙ୍କ ଆହ୍ୱାନ କ୍ରମେ ବାରିପଦା ସ୍ଥିତ ମୟୁରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଘେରାଓ ସହିତ ବିକ୍ଷୋଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଭଞ୍ଜସେନା ନେତୃମଣ୍ଡଳୀ ମାନେ ଉକ୍ତ ଦୁଇଗୋଟି ଦାବୀ କୁ ସମାଧାନ କରିବା ପାଇଁ ଯଦି ସରକାର କୌଣସି ଠୋସ ପଦକ୍ଷେପ ଗ୍ରହଣ ନ କରନ୍ତି ତେବେ ଆଗାମୀ ଦିନରେ ମୟୁରଭଞ୍ଜ ବନ୍ଦ ଡାକରା ଦିଆଯିବ ବୋଲି କହିଛନ୍ତି। ଭଞ୍ଜସେନା ଜିଲ୍ଲା ସଭାପତି ପିଣ୍ଟୁ ମାଇତିଙ୍କ ନେତୃତ୍ୱରେ ହୋଇଥିବା ଆଜିକାର କାର୍ଯ୍ୟକ୍ରମରେ ଭଞ୍ଜସେନା କାର୍ଯ୍ୟକାରୀ ଅଧକ୍ଷ ସଂଜୀବ ରାଉତ, ଶୃଙ୍ଖଳାଗତ କମିଟି ଅଧକ୍ଷ ସତ୍ୟ ସ୍ୱରୂପ ଦାଶ, ଉପାଧକ୍ଷ ନିମାଇଁ ତ୍ରିପାଠୀ, ଓବିସି ଶାଖା ସଭାପତି ରାକେଶ ବେହେରା, ଆଦିବାସୀ ଶାଖା ସଭାପତି ବାଜୁନ ହାଁସଦା, କପ୍ତିପଦା ଉପଖଣ୍ଡ ସଭାପତି ରବିନ ମହାନ୍ତି, ଜିଲ୍ଲା ଉପସଭାପତି ରାକେଶ ମହାନ୍ତି ଓ ପ୍ରଶାନ୍ତ ମହାକୁଡ଼, ଜିଲ୍ଲା ଯୁବଛାତ୍ର ସଂଯୋଜକ ଏସ.କେ ରାଜାଖାନ, ବାରିପଦା ଉପଖଣ୍ଡ ସଭାପତି ଜ୍ୟୋତିରଞ୍ଜନ ପୃଷ୍ଟି, ବାରିପଦା ଉପଖଣ୍ଡ ଉପସଭାପତି ବୀରେନ୍ଦ୍ର ନାଥ, କପ୍ତିପଦା ଉପଖଣ୍ଡ ଆଦିବାସୀ ଶାଖା ସଭାପତି ସଂମ୍ପୂର୍ଣ୍ଣ ହେମ୍ବ୍ରମ, ସାଧାରଣ ସମ୍ପାଦକ ସଞ୍ଜୟ ହାଁସଦା,ମୋରଡା ବ୍ଲକ ସଭାପତି ପାରିତୋଷ ବାରିକ,ବାରିପଦା ସହର ସାଧାରଣ ସମ୍ପାଦକ ଅମିତ କୁମାର ଙ୍କ ସମେତ ଶତାଧିକ କର୍ମକର୍ତ୍ତା ସାମିଲ ହୋଇଥିଲେ। ତାସହିତ ପୂର୍ବ ଘୋଷିତ କାର୍ଯ୍ୟକ୍ରମ ଚଳିତ ମାର୍ଚ୍ଚ ମାସ ପନ୍ଦର ତାରିଖ ଠାରୁ ଆରମ୍ଭ ହୋଇ ସମଗ୍ର ମୟୁରଭଞ୍ଜ ପରିକ୍ରମା କରିବାକୁ ଥିବା 'ଅଖଣ୍ଡ ମୟୁରଭଞ୍ଜ' ଜଣସଚେତନତା ରଥଯାତ୍ରାକୁ ବର୍ତ୍ତମାନ ପାଇଁ ସ୍ଥଗିତ ରଖାଯାଇଛି ଏବଂ ଆଗାମୀ ଦିନରେ ପୁନର୍ବାର ରଥଯାତ୍ରା ର ଆରମ୍ଭ ତାରିଖ ଘୋଷଣା କରାଯିବ ବୋଲି ସଂଗଠନ ପକ୍ଷରୁ ମୁଖପାତ୍ର ମାନସ ବେହେରା ଏକ ପ୍ରେସ ବିବୃତ୍ତିରେ ଜଣାଇଛନ୍ତି।

# ୨୦ରେ ବିଧାନସଭା ଘେରାଉ କରିବ ନବନିର୍ମାଣ କୃଷକ ସଂଗଠନ

**ଭୁବନେଶ୍ୱର:** ମାର୍ଚ୍ଚ ୨୦ ତାରିଖରେ ବିଧାନସଭା ଘେରାଉ କରିବ ନବନିର୍ମାଣ କୃଷକ ସଂଗଠନ। ମିଲରଙ୍କ କଟନି ଛଟନି, ଟାଟା ପାୱାରର ଚାଷୀ ଶୋଷଣ ନୀତି ଓ ଚାଷୀଙ୍କୁ ପେନସନ ଦାବିରେ ଆନ୍ଦୋଳନକୁ ଓହ୍ଲାଇବ ନବନିର୍ମାଣ କୃଷକ ସଂଗଠନ। ସଂଗଠନ ପକ୍ଷରୁ କୁହାଯାଇଛି ଯେ, ରାଜ୍ୟରେ ଚାଷୀ ନିର୍ଯ୍ୟାତିତ ଓ ଶୋଷଣର ଶିକାର ହୋଇଚାଲିଛି। ଏମିତିକି ଟାଟା ପାୱାର ଚାଷୀଙ୍କ ବିଦ୍ୟୁତ୍ ବିଲ୍ ଉପରେ ଏରିୟର ଉପରେ ଏରିୟର ଲଦି ଚାଲିଛି। ଅନ୍ୟ ରାଜ୍ୟରେ ଚାଷୀଙ୍କୁ ମାଗଣା ବିଜୁଳି ମିଳୁଥିବା ବେଳେ ଓଡ଼ିଶା ଚାଷୀ ନିର୍ଯାତିତ ହେଉଛନ୍ତି। ଏହା ବିରୋଧରେ ସରକାରଙ୍କୁ ଚେତାବନୀ ଦେବା ଉଦ୍ଦେଶ୍ୟରେ ମାର୍ଚ୍ଚ ୨୦ରେ ୫ ହଜାରରୁ ଅଧିକ ଚାଷୀଙ୍କୁ ନେଇ ବିଧାନସଭା ଘେରାଉ କରିବ ନବ ନିର୍ମାଣ କୃଷକ ସଂଗଠନ। ଯଦି ସରକାର ଏ ଦାବି ପୂରଣ ଲାଗି ପଦକ୍ଷେପ ନ ନିଅନ୍ତି, ଆଗାମୀ ଦିନରେ ଏହି ଜନ ଆନ୍ଦୋଳନ ତୀବ୍ରତର ହେବ ବୋଲି ସଂଗଠନ ଚେତବନୀ ଦେଇଛି। ନବ ନିର୍ମାଣ କୃଷକ ସଂଗଠନର ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର କହିଛନ୍ତି, ସରକାର ଆମ ଦାବି ପୂରଣ ନ କରନ୍ତି , ସାରା ଓଡ଼ିଶାରେ ନିଆଁ ଜଳିବ। ଏହି ଜନ ଆନ୍ଦୋଳନ ତୀବ୍ରତର ହେବ।

PLOT FOR SALE
MOUZA:BHOLA



N.H. Bye Pass (Old Trunk Road), Near ASBM College,
Chandaka, Bhubaneswar, Odisha
Contact : 8658607286

# ଶିଳ୍ପୋଦ୍ୟୋଗୀ ସପ୍ତାହ ପାଳନ ଓ ଶିଳ୍ପ ପ୍ରଦର୍ଶନୀ ମେଳା ଉଦ୍‌ଯାପିତ



**ରାୟଗଡ଼:** ସ୍ଥାନୀୟ ଜିଲ୍ଲା ଶିଳ୍ପ କେନ୍ଦ୍ର ଅନୁକୂଳରେ ରାଜ୍ୟ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍‌ଯୋଗ ବିଭାଗ ଅନୁଦାନରେ ଚଳିତ ମାସ ୫ ତାରିଖରୁ ୯ ତାରିଖ ପର୍ଯ୍ୟନ୍ତ ଜି. ସି. ଡି ହାଇସ୍କୁଲ ଖେଳ ପଡିଆ ରେ ଚାଲିଥିବା ବାର୍ଷିକ ଶିଳ୍ପୋଦ୍‌ଯୋଗୀ ସପ୍ତାହ ପାଳନ ଓ ଶିଳ୍ପ ପ୍ରଦର୍ଶନୀ ମେଳା ଆଜି ଉଦଯାପିତ ହୋଇଯାଇଛି। ବିଭିନ୍ନ କ୍ଷେତ୍ରରେ ଦକ୍ଷତା ଅର୍ଜନ କରିଥିବା ବିଶେଷଜ୍ଞ ମାନଙ୍କୁ ନେଇ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍‌ଯୋଗୀ ମାନଙ୍କୁ ସରକାରଙ୍କ ତରଫରୁ ମିଳୁଥିବା ବିଭିନ୍ନ ପ୍ରୋତ୍ସାହନ ମୂଳକ ସହାୟତା ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରଯାଇଥିଲା। ଏଥିରେ ଜିଲ୍ଲା ଶିଳ୍ପ କେନ୍ଦ୍ର, ରାୟଗଡ଼ ର ସାଧାରଣ ପରିଚାଳକ ବିକାଶ ଚନ୍ଦ୍ର ବୈନ ଅଧକ୍ଷତା କରିବା ସହିତ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅଂଶୁମାନ ବେହେରା, ଚିତ୍ତରଞ୍ଜନ ମଲ୍ଲିକ, ଶିଳ୍ପ ବିକାଶ ଅଧିକାରୀ ରାଜ୍ୟ ଶିଳ୍ପନୀତି-୨୦୨୨ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍‌ଯୋଗ ପ୍ରୋତ୍ସାହନ ନୀତି – ୨୦୨୨, ରାଜ୍ୟ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ନୀତି- ୨୦୨୨ ସମ୍ବନ୍ଧରେ ବିଷଦ ଆଲୋଚନା କରିଥିଲେ। ଥେରୁବାଲି ସ୍ଥିତ ଇମ୍ଫା କାରଖାନାର ଲୋକ ସମ୍ପର୍କ ଅଧିକାରୀ ଶକ୍ତି ପ୍ରସାଦ ପାଣିଗ୍ରାହୀ ଜୀବନ ଜୀବିକା ଅର୍ଜନର ବିଭିନ୍ନ ଦିଗ ଉପରେ ଆଲୋକପାତ କରାଇଥିଲେ। ରାୟଗଡ଼ ସ୍ଥିତ ୟୁନିୟନ ବ୍ୟାଙ୍କର ଆଞ୍ଚଳିକ ପରିଚାଳକ ତପନ କୁମାର ସାହୁ ବନ୍ଧକମୁକ୍ତ ଋଣ ଉପରେ ବୁଝାଇ କହିଥିଲେ। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ରାମ ଚନ୍ଦ୍ର ଦାଶ କୃଷି ସମ୍ପର୍କୀୟ ଶିଳ୍ପ ଓ ମୁଖ୍ୟମନ୍ତ୍ରୀ କୃଷି ଉଦ୍‌ଯୋଗ ସମ୍ପର୍କରେ ବୁଝାଇଥିଲେ। ଅତିଥି ବକ୍ତା ମାନଙ୍କୁ ସ୍ମାରକ ଦେଇ ସମ୍ବର୍ଦ୍ଧିତ କରିବାପରେ ଶିଳ୍ପ ବିକାଶ ଅଧିକାରୀ ସୁନୀଲ ପଟ୍ଟନାୟକ ଧନ୍ୟବାଦ ଅର୍ପଣା କରିଥିଲେ। ଉଦ୍‌ଯାପନ ସମାରହୋରେ ମୁଖ୍ୟ ଅତିଥି ରୂପେ ଉତ୍କଳ ଆଲୁମିନାର ଉପସଭାପତି ଭାସ୍କର ବନାର୍ଜୀ, ମୁଖ୍ୟ ଆର୍ଥିକ ଅଧିକାରି ଯୋଗ ଦେଇଥିବା ସ୍ଥଳେ ଜିଲ୍ଲା ଶିଳ୍ପ କେନ୍ଦ୍ର ସାଧାରଣ ପରିଚାଳକ ବିକାଶ ଚନ୍ଦ୍ର ବୈନ ଅଧକ୍ଷତା କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ରୂପେ ଜେ କେ ପେପର କାରଖାନାର ବାଣିଜ୍ୟକ ଉପସଭାପତି ବିଶ୍ୱଜିତ ଦ୍ୱିବେଦୀ, ଇମ୍ଫା କାରଖାନାର ଉପସାଧରଣ ପରିଚାଳକ ବିଭୁତି ଭୂଷଣ ପଟ୍ଟନାୟକ, ଜିଲ୍ଲା ଉପଅରକ୍ଷୀ ଅଧିକ୍ଷକ ଏସ କେ ପାଉଡିଆ ଯୋଗଦେଇ ଶିଳ୍ପ ପ୍ରଦର୍ଶନୀ ମେଳାରେ ଯୋଗଦେଇଥିବା ଉଦ୍‌ଯୋଗୀ, ମହିଳା ଗୋଷ୍ଠୀ ସଦସ୍ୟା ଓ ସରକାରୀ ବିଭାଗର କର୍ମକର୍ତ୍ତା ମାନଙ୍କୁ ଉତ୍ସାହିତ କରିଥିଲେ। ରାୟଗଡ଼ ମାଟିରେ ପ୍ରଥମଥର ପାଇଁ ଅନୁଷ୍ଠିତ ଏପରି ଏକ ବୃହତ ଶିଳ୍ପ ପ୍ରଦର୍ଶନୀ ମେଳାର ସଫଳ ଆୟୋଜନ ନିମନ୍ତେ ଜିଲ୍ଲା ଶିଳ୍ପ କେନ୍ଦ୍ରର ଅଧିକାରିଗଣ ଓ ଦୀପାର ସଦସ୍ୟମାନଙ୍କୁ ମୁଖ୍ୟ ଅତିଥି ସ୍ମାରକ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଜିଲ୍ଲା ଶିଳ୍ପ କେନ୍ଦ୍ରର ସାଧାରଣ ପରିଚାଳକ ବିକାଶ ଚନ୍ଦ୍ର ବୈନିଙ୍କ ନେତୃତ୍ୱରେ ଶିଳ୍ପ ବିକାଶ ଅଧିକାରୀଗଣ ଦେବାଶିଷ ମହାନ୍ତି, ସବ୍ୟସାଚୀ ସାହୁ, ଚିତ୍ତରଞ୍ଜନ ମଲ୍ଲିକ, ସୁନୀଲ ପଟ୍ଟନାୟକ, ସୁବ୍ରତ ପଟ୍ଟନାୟକ, ଅଂଶୁମାନ ବେହେରା, ତ୍ରିଲୋଚନ ଦାଶ, ସୌମିତ୍ର ପଟ୍ଟନାୟକ, ବାସୁଦେବ ମୁଟ୍ଟୁକା, ରକୀ ଆଣ୍ଟୋନୀ, ସୁଲେମାନ ଖାନ, ରମେଶ ଚନ୍ଦ୍ର ବିଡିକା, ହେମନ୍ତ ମଣ୍ଡାଙ୍ଗୀ ଓ ଜିଲ୍ଲା ନିବେଶ ସଂସ୍ଥାର ଅଧିକାରୀଗଣ ଲକ୍ଷ୍ମୀକାନ୍ତ ଜେନା, ସୁନୀଲ ପ୍ରଧାନ ଓ ଅମିୟ ପ୍ରଧାନ ଏହି ପ୍ରଦର୍ଶନୀ ମେଳାରେ ସଫଳ ଆୟୋଜନ ଓ ପରିଚାଳନା କରିଥିଲେ। ପଞ୍ଚଦିନ ବ୍ୟାପି ଏହି ଉଦ୍‌ଯୋଗ ସପ୍ତାହ ପାଳନ ଓ ଶିଳ୍ପ ପ୍ରଦର୍ଶନୀ ମେଳାରେ ବିପୁଳ ସଂଖ୍ୟାରେ ଜନସାଧାରଣ ଯୋଗ ଦେଇଥିଲେ।

PLOT FOR SALE



MOUZA : JUJHAGADA
(Back side of Nandankanan Zoo)
BHUBANESWAR
Contact : 865807286 / 8917571455

MOUZA : BEGUNIA BOREHI
(NEAR CV RAMAN COLLEGE)
TAMANDO - YELLOW ZONE
BHUBANESWAR
30th Approch Road
Contact : 8658607286 / 8917571455

# କାକଟପୁରରେ ଗୃହରାଷ୍ଟ୍ର ମନ୍ତ୍ରୀଙ୍କ ଦ୍ୱାରା ନୂତନ ଥାନା ଗୃହ ଉଦ୍‌ଘାଟିତ



**ଅସ୍ତରଙ୍ଗ :** ଗୁରୁବାର ଅପରାହ୍ନରେ କାକଟପୁର ଥାନାର ନବ ନିର୍ମିତ ଥାନା ଗୃହକୁ କାକଟପୁରର ଯୁବ ବିଧାୟକ ତଥା ରାଜ୍ୟ କ୍ରୀଡା, ଯୁବବ୍ୟାପାର ଓ ଗୃହ ରାଷ୍ଟ୍ର ମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କ କରକମଳରେ ଉଦଘାଟିତ ହୋଇଯାଇଛି। ପ୍ରାଥମିକ ପର୍ଯ୍ୟାୟରେ ମନ୍ତ୍ରୀ ଶ୍ରୀ ବେହେରା, ପୁରୀ ଜିଲ୍ଲା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ପୂର୍ଣ୍ଣ ଚନ୍ଦ୍ର ପ୍ରଧାନ, ପୁରୀ ଜିଲ୍ଲାପରିଷଦ ଉପାଧକ୍ଷ ସ୍ୱାଧୀନ କୁମାର ନାୟକ, ପୂର୍ବତନ ପୁରୀ ଜିଲ୍ଲାପରିଷଦ ଅଧକ୍ଷ ଜୋତିର୍ମୟ ଦଳାଇ ପ୍ରମୁଖ ଥାନା ସମ୍ମୁଖରେ ପହଞ୍ଚିବା ପରେ ପୋଲିସ କର୍ମଚାରୀମାନେ ଅତିଥି ମାନଙ୍କୁ ପୁଷ୍ପଗୁଚ୍ଛ, ଚନ୍ଦନ ଓ ବନ୍ଦାପନା କରି ଥାନା ମଧ୍ୟକୁ ପାଛୋଟି ନେଇଥିଲେ। ଗୃହ ରାଷ୍ଟ୍ର ମନ୍ତ୍ରୀ ଶ୍ରୀ ବେହେରା ଓ ଅତିଥି ମାନେ ନଡ଼ିଆ ବାଡ଼େଇ ଆନୁଷ୍ଠାନିକ ଭାବେ ଫଳକ ଉନ୍ମୋଚନ କରିଥିଲେ। ପରେ ଗୃହମନ୍ତ୍ରୀ ଥାନାର ନବନିର୍ମିତ ଗୃହର ବିଭିନ୍ନ କକ୍ଷ ବୁଲି ଦେଖିଥିଲେ ଓ ଥାନାର ନୂତନ ରେଜିଷ୍ଟରରେ ଦସ୍ତଖତ ଦେଇଥିଲେ। ପରେ ଥାନା ସମ୍ମୁଖରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଆୟୋଜିତ ସଭାରେ କାକଟପୁର ଅଞ୍ଚଳର ବହୁ ବୁଦ୍ଧିଜୀବୀ, ବ୍ୟବସାୟୀ ସଙ୍ଘ କର୍ମକର୍ତ୍ତା, ବିଭିନ୍ନ ପଞ୍ଚାୟତର ଲୋକପ୍ରତିନିଧି ଓ ଗଣମାଧ୍ୟମ ପ୍ରତିନିଧି ମାନେ ଯୋଗଦାନ କରିଥିଲେ। କାକଟପୁରର ନବନିର୍ମିତ ଥାନା ସାଧାରଣ ଜନତାଙ୍କ ଆସ୍ଥାଭାଜନ ହୋଇପାରିବ ବୋଲି ମନ୍ତ୍ରୀ ଶ୍ରୀ ବେହେରା ପ୍ରକାଶ କରିଥିବାବେଳେ କାକଟପୁର ଥାନା ଜନସାଧାରଣଙ୍କ ହିତ ଉଦ୍ଦେଶ୍ୟରେ କାର୍ଯ୍ୟ କରିବ ବୋଲି ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀ ପ୍ରଧାନ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମକୁ କାକଟପୁର ଥାନାର ଆଇଆଇସି ପ୍ରିୟରଞ୍ଜନ ନାୟକ, ସବଇନସିପେକ୍ଟର ପ୍ରିୟା ପ୍ରଧାନ, ଏ ଏସ ଆଇ ରବୀନ୍ଦ୍ର କୁମାର ନାୟକ, ପ୍ରମୋଦ କୁମାର ସେଠୀ, ସୁବାସ ଚନ୍ଦ୍ର ସାହୁ ପ୍ରମୁଖ ପରିଚାଳନା କରିଥିଲେ। ଏଥିପାଇଁ ଥାନାର ନବନିର୍ମିତ ଗୃହକୁ ସମ୍ପୂର୍ଣ୍ଣ ଆଲୋକମାଳାରେ ସୁସଜ୍ଜିତ କରାଯାଇଥିଲା। ପରିଶେଷରେ ସମସ୍ତଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା।

Printed, Published and Owned by **Lingaraj Dash**, Published at Plot No.-4233, Sulochana Bhawan, Behind Badagada High School, Badagada, Bhubaneswar-751018, Dist-Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com / lingaraj@gmail.com
Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : **ଲକ୍ଷ୍ମୀପ୍ରିୟା ଦାଶ**
Editor : **Tarak Mohanty**
ସମ୍ପାଦକ : **ତାରକ ମହାନ୍ତି**